# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଜୁନ୍ ୭/୨୦୨୨ (୧୪ ପୃଷ୍ଠା) | Berhampur, Tuesday, June 7/2022 | Page 14 | ₹ 7.00 | ★★★

୧୮ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






**୮ମ ଥର ଜାତୀୟ ରେକର୍ଡ ଭଙ୍ଗ କଲେ ଅଭିନାଶ**

ଭାରତୀୟ ୩୦୦୦ ମିଟର ଷ୍ଟିପଲ ଚେଜ୍ ରନର ଅଭିନାଶ ସାବଲେ ୮ମ ଥର ନିଜ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। **୧୨**

**୧୦** **ସ୍ମାର୍ଟ ଯୋଡ଼ି 'ବିକି-ଅଙ୍କିତା'**

ସିରିଏଲ୍ ଅଭିନେତ୍ରୀ ଅଙ୍କିତା ଓ ସ୍ୱାମୀ ବିକି ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ରିଆଲିଟି ଶୋ' 'ସ୍ମାର୍ଟ ଯୋଡ଼ି'ର ୱିନର୍ ହୋଇଛନ୍ତି।




# ଦୋଷ ଢାଙ୍କିଲେ ଅବକାରୀ ଅଧୀକ୍ଷକ

**ପୁରୀ ଅଫିସ,୬।୬**

**'ପୋଲିସ ଟଙ୍କା ନେଇ ନିଶା ବେପାରୀଙ୍କୁ ଛାଡ଼ି ଦେଉଛି'**

- ଅଭିଯୋଗକାରୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା କହିଲେ
- ଏ ନେଇ ଅନୁଧ୍ୟାନ କରାଯିବ: ମନ୍ତ୍ରୀ
- ପୁରୀ ଜିଲାପାଳଙ୍କୁ ରିପୋର୍ଟ ମଗାଯିବ: ଅବକାରୀ କମିଶନର
- ସୋସିଆଲ ମିଡିଆରେ ଟ୍ରେଣ୍ଡ କଲା 'ଯିଏ ସତ କୁହେ ସେ ପାଗଳ' ପୋଷ୍ଟ

ପୁରୀ ଜିଲା ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ଉଭୟ ପୁରୀ ପୋଲିସ ଓ ଜିଲା ଅବକାରୀ ଅଧୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ଏହି ଦୁଇ ବିଭାଗର ଭୂମିକା ସନ୍ଦେହ ଘେରକୁ ଆସିଛି। ଏଭଳି ସ୍ଥିତିରେ ଅଭିଯୋଗକାରୀ ଇନ୍ସପେକ୍ଟର ପଣ୍ଡାଙ୍କ ମୁଣ୍ଡ ଦୋଷ ଥିବା କହି ଅବକାରୀ ଅଧୀକ୍ଷକ ନିଜ ଉପରୁ ଦୋଷ ଛଡ଼ାଇବାକୁ ଚେଷ୍ଟା କରିବା ଘଟଣା ହଟଚମଟ ସୃଷ୍ଟି କରିଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ପଣ୍ଡାଙ୍କ ନିର୍ଭୀକ ଅଧିକାରୀ ଛବି ଏବଂ 'ଯିଏ ସତ କୁହେ ସେ ପାଗଳ' ପୋଷ୍ଟ ଟ୍ରେଣ୍ଡ କରିବାରେ ଲାଗିଛି।

ରାଜ୍ୟ ଅବକାରୀ କମିଶନରଙ୍କୁ ଗତ ୪ ତାରିଖରେ ଚିଠି ଲେଖି ଇନ୍ସପେକ୍ଟର ପଣ୍ଡା ଅଭିଯୋଗ କରିଥିଲେ ଯେ, ଅବକାରୀ ବିଭାଗ ଚଢ଼ାଉ କରୁଛି, ମାତ୍ର ପୁରୀ ପୋଲିସ ନିଶାବେପାରୀଙ୍କଠାରୁ ଟଙ୍କା ନେଇ ସେମାନଙ୍କୁ ଛାଡ଼ିଦେଉଛି। ଫଳରେ ସେମାନେ ଅବକାରୀ ବିଭାଗକୁ ଡରୁନାହାନ୍ତି। ଅବକାରୀ ବିଭାଗରେ ପୋଲିସ ବିଭାଗର ହସ୍ତକ୍ଷେପ ବଢ଼ୁଛି। ସେହିଭଳି ସୀମିତ ସଂଖ୍ୟକ କର୍ମଚାରୀ, କମ୍ ଦରମା ସାଙ୍ଗକୁ କ୍ୱାର୍ଟର୍ସ, ଗାଡ଼ି, ସରକାରୀ ପ୍ରୋତ୍ସାହନ କିମ୍ବା ମେଡାଲ କିଛି ନାହିଁ। ପୁରୀ ଅବକାରୀ ଅଧୀକ୍ଷକ ମଧ୍ୟ କୌଣସି କଥାକୁ ଗୁରୁତ୍ୱର ସହ ନେଉନାହାନ୍ତି ଓ ପୋଲିସର ହସ୍ତକ୍ଷେପକୁ ବିରୋଧ କରୁନାହାନ୍ତି ବୋଲି ପଣ୍ଡା ଅଭିଯୋଗ କରିଥିଲେ। ତେବେ ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା କହିଛନ୍ତି, ଗତ ୨ତାରିଖରେ ପ୍ରଥମ ଥର ପାଇଁ ପଣ୍ଡା ଯେଉଁ ପତ୍ର ଦେଇଥିଲେ ସେଥିରେ ମହିଳା କନଷ୍ଟେବଲ ନିଯୁକ୍ତି ଆବଶ୍ୟକ ଥିବା ଉଲ୍ଲେଖ ଥିଲା। ପୁରୀରେ ସବୁଠାରୁ ଅଧିକ ବ୍ରାଉନସୁଗାର ଜବତ ହେଉଛି। ☞ପୃଷ୍ଠା-୪

# କୁଏଟ୍ ମାର୍କେଟରୁ ହଟିଲା ଭାରତୀୟ ସାମଗ୍ରୀ


- ବିବାଦୀୟ ମନ୍ତବ୍ୟରୁ କୂଟନୈତିକ ଚାପ
- ଇସ୍‌ଲାମୀୟ ରାଷ୍ଟ୍ରରେ ବିରୋଧ ତେଜିଲା

**ନୂଆଦିଲ୍ଲୀ/କୁଏଟ ସିଟି, ୬।୬**

ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଏବଂ ନବୀନ କୁମାର ଜିନ୍ଦଲ ପ୍ରଫେଟ ମହମ୍ମଦଙ୍କ ଉପରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ମୁସ୍‌ଲିମ୍ ରାଷ୍ଟ୍ରଗୁଡ଼ିକରେ ବିରୋଧ ତୀବ୍ର ହେବାରେ ଲାଗିଛି। କାତାର, କୁଏଟ୍, ଇରାନ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଇଣ୍ଡୋନେସିଆ, ସାଉଦିଆରବ, ପାକିସ୍ତାନ, ଆଫଗାନିସ୍ତାନ, ବାହାରିନ୍, ମାଳଦ୍ୱୀପ, ଓମାନ ଆଦି ଦେଶ ସମେତ ୫୭ ମୁସଲିମ୍ ରାଷ୍ଟ୍ର ସମୂହର ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ୍ କର୍ପୋରେଶନ (ଓଆଇସି) ନୂପୁରଙ୍କ ମନ୍ତବ୍ୟକୁ ଘୋର ନିନ୍ଦା କରିଛି। ଫଳରେ ଭାରତ ଉପରେ କୂଟନୈତିକ ସ୍ତରରେ ଚାପ ବଢ଼ିବାରେ ଲାଗିଛି। ଇସ୍‌ଲାମୀୟ ଦେଶଗୁଡ଼ିକର ବଜାରରେ ଭାରତୀୟ ସାମଗ୍ରୀ ବର୍ଜନ ପାଇଁ ଦାବି ଉଠିଛି। କୁଏଟ୍‌ର ଏକ ସୁପରମାର୍କେଟରୁ ଭାରତୀୟ ଜିନିଷକୁ ହଟାଇଦିଆଯାଇଛି। ଅଲ୍-ଆର୍‌ଦିଆ କୋଅପରେଶନ ସୋସାଇଟି ଷ୍ଟୋରରେ ଭାରତୀୟ ଚା ଏବଂ ଅନ୍ୟ ସାମଗ୍ରୀକୁ ଟ୍ରଲିରେ ଭର୍ତ୍ତି କରି ବାହାର କରି ଦିଆଯାଇଛି। ବିଭିନ୍ନ ଜିନିଷ ଉପରେ ପ୍ଲାଷ୍ଟିକ ଆବରଣ କରି ସେଥିରେ 'ଭାରତୀୟ ସାମଗ୍ରୀକୁ ହଟାଇଦେଇଛୁ' ବୋଲି ଲେଖାଯାଇଛି। ସେଠାକାର ନାଗରିକମାନେ ଏହାକୁ 'ଇସ୍‌ଲାମୋଫୋବିଆ' ☞ପୃଷ୍ଠା-୪




ନୂପୁର ଶର୍ମାଙ୍କ ଗିରଫ ଦାବିରେ ସାମାଜିକ କର୍ମୀମାନେ ସୋମବାର ମୁମ୍ବାଇରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଏବେ ଏପରି ସ୍ଥିତି ସୃଷ୍ଟି କରିଛନ୍ତି ଯେ, ଛୋଟ ଦେଶଗୁଡ଼ିକ ମଧ୍ୟ ଭାରତ ଭଳି ଦେଶକୁ ଆଖି ଦେଖାଇବା ପାଇଁ ସାହସ କରିଛନ୍ତି। ପ୍ରତି ଭାରତୀୟଙ୍କୁ ଏଥିଯୋଗୁ ଆଘାତ ଲାଗିଛି, ସେମାନଙ୍କ ଦୁଃଖର ସୀମା ନାହିଁ।**
>
> **- ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**

## ଓଆଇସିର ପ୍ରତିକ୍ରିୟାକୁ ଭାରତର ଖଣ୍ଡନ

**ନୂଆଦିଲ୍ଲୀ, ୬।୬**



ଅରିନ୍ଦମ ବାଗ୍‌ଚୀ

ନୂପୁର ଶର୍ମାଙ୍କ ମନ୍ତବ୍ୟକୁ ନେଇ ଇସ୍‌ଲାମୀୟ ଦେଶ ସମୂହର ସଙ୍ଗଠନ ଓଆଇସି ପକ୍ଷରୁ ଦିଆଯାଇଥିବା ପ୍ରତିକ୍ରିୟାକୁ ଭାରତ ଖଣ୍ଡନ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି, ଭାରତ ସମସ୍ତ ଧର୍ମକୁ ସର୍ବୋଚ୍ଚ ସମ୍ମାନ ଦିଏ। ଓଆଇସି ଦେଇଥିବା ମନ୍ତବ୍ୟ ବିଭାଜନକାରୀ ଏଜେଣ୍ଡା, ନିହିତ ସ୍ୱାର୍ଥ ଉପରେ ଆଧାରିତ ବୋଲି ସ୍ପଷ୍ଟ ଜଣାପଡୁଛି। ସଙ୍ଗଠନର ମହାସଚିବ ଦେଇଥିବା ଅନୁଚିତ ଏବଂ ସଂକୀର୍ଣ୍ଣ ଚିନ୍ତାଧାରାର ମନ୍ତବ୍ୟକୁ ଭାରତ ସରକାର ଖାରଜ କରୁଛନ୍ତି। ଧର୍ମ ପ୍ରବର୍ତ୍ତକଙ୍କ ଉପରେ କେତେଜଣ ଦେଇଥିବା ମନ୍ତବ୍ୟ ☞ପୃଷ୍ଠା-୪

## ବାରାଣସୀ ସିରିଏଲ୍ ବିସ୍ଫୋରଣ ମାମଲା
## ଆତଙ୍କବାଦୀ ୱାଲିଉଲ୍ଲାଙ୍କୁ ମୃତ୍ୟୁଦଣ୍ଡାଦେଶ

**ଗାଜିଆବାଦ,୬।୬:** ୨୦୦୬ ବାରାଣସୀ ସିରିଏଲ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ଆତଙ୍କବାଦୀ ୱାଲିଉଲ୍ଲା ଖାନ୍‌ଙ୍କୁ ଗାଜିଆବାଦର ଏକ ଅଦାଲତ ସୋମବାର ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ଅନ୍ୟ ଏକ ମାମଲାରେ ତାଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହୋଇଛି। ବିସ୍ଫୋରଣର ୧୬ ବର୍ଷ ପରେ ରାୟ ପ୍ରକାଶ ପାଇଛି। ବାରାଣସୀର ସଙ୍କଟମୋଚନ ମନ୍ଦିର



ଏବଂ କ୍ୟାଣ୍ଟନମେଣ୍ଟ ରେଳଷ୍ଟେଶନରେ ୨୦୦୬ ମାର୍ଚ୍ଚ ୭ରେ ବିସ୍ଫୋରଣ ଘଟି ୨୦ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥିଲେ। ଶନିବାର ଜିଲା ଦୌରାଜଜ୍ ଜିତେନ୍ଦ୍ର କୁମାର ସିହ୍ନା ଦୁଇଟି ମାମଲାରେ ୱାଲିଉଲ୍ଲାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ତାଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ବିସ୍ଫୋରକ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା ବୋଲି ଜିଲା ସରକାରୀ ଓକିଲ ରାଜେଶ ଶର୍ମା କହିଛନ୍ତି। ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ଅନ୍ୟ ଏକ ମାମଲାରେ ତାଙ୍କୁ ଦୋଷମୁକ୍ତ କରାଯାଇଛି। ☞ପୃଷ୍ଠା-୪

# ଡ୍ରେନ୍‌ରେ ଖସିପଡ଼ିଲା ପ୍ରଶିକ୍ଷଣ ବିମାନ




ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରଶିକ୍ଷଣ ବିମାନ।

- ଢେଙ୍କାନାଳ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଦୁର୍ଘଟଣା
- ମୁଣ୍ଡରେ ଆଘାତ ଲାଗିଥିବାରୁ ଟ୍ରେନି ପାଇଲଟ ଗୁରୁତର
- ୨ ବର୍ଷ ତଳେ ଟ୍ରେନିଂ ବେଳେ ଯାଇଥିଲା ୨ ଜୀବନ

**କାମାକ୍ଷାନଗର,୬।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ସୋମବାର ଅପରାହ୍ନରେ ଘଟିଛି ଦୁର୍ଘଟଣା। ଏକ ପ୍ରଶିକ୍ଷଣ ବିମାନ ଭିଟି-ଇୟୁଡବ୍ଲ୍ୟୁ ଉଡ଼ାଣ ପାଇଁ ରନ୍‌ୱେରେ ଗଡୁଥିବାବେଳେ ପାର୍ଶ୍ୱରେ ଥିବା ଡ୍ରେନ୍‌କୁ ଖସିପଡ଼ିବାରୁ ଟ୍ରେନି ପାଇଲଟ ମହାରାଷ୍ଟ୍ରର କିରଣ ମଲ୍ଲିକ (୨୪) ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ବୀରାଶାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୨୦୨୦ ଜୁନ୍ ୮ରେ ଏଠାରେ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଥିବାବେଳେ ଏବେ ପୁନର୍ବାର ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ରାଜ୍ୟ ସରକାର ପାଇଲଟ ପ୍ରଶିକ୍ଷଣ କେନ୍ଦ୍ର ଭାବେ ବିକଶିତ କରିବା ପରେ ୨୦୧୮ ମେ ୧୪ରେ ଉଦ୍‌ଘାଟନ କରିଥିଲେ। ୫୦ ଏକରରେ ନିର୍ମିତ ଏହି ପାଇଲଟ ପ୍ରଶିକ୍ଷଣ କେନ୍ଦ୍ରର ପରିଚାଳନା ଗଭର୍ନମେଣ୍ଟ ଆଭିଏଶନ ପାଇଲଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ଜିଏଟିଆଇ) ହାତରେ ରହିଛି। ୨୦୧୯ ଡିସେମ୍ବରରେ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏଠାରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିବା ବେଳେ ☞ପୃଷ୍ଠା-୪

## ବିଦାୟୀ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ | ସଙ୍ଗଠନ କଥା ବୁଝ

**ଖୁବ୍‌ଶୀଘ୍ର ମିଳିପାରେ ସାଙ୍ଗଠନିକ ଦାୟିତ୍ୱ**

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ରାଜ୍ୟ ମନ୍ତ୍ରିମଣ୍ଡଳାର ବିଦା ହୋଇଥିବା ମନ୍ତ୍ରୀମାନେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋମବାର ନବୀନ ନିବାସରେ ଭେଟିଛନ୍ତି। ମନ୍ତ୍ରୀ ପଦ ଯିବା ପରେ ପ୍ରତାପ ଜେନା, ଦିବ୍ୟଶଙ୍କର ମିଶ୍ର, ଅରୁଣ ସାହୁ, ସୁଶାନ୍ତ ସିଂ, ସୁଦାମ ମାର୍ଣ୍ଡି, ଜ୍ୟୋତି ପାଣିଗ୍ରାହୀ, ରଘୁନନ୍ଦନ ଦାସ, ପଦ୍ମନାଭ ବେହେରା, ପଦ୍ମିନୀ ଦିଆନ, ପ୍ରେମାନନ୍ଦ ନାୟକ ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ମନ୍ତ୍ରିମଣ୍ଡଳ ପୁନର୍ଗଠନ ଏକ ସ୍ୱାଭାବିକ ପ୍ରକ୍ରିୟା। ରୋଟେଶନ ବେସିସ୍‌ରେ ଏହା କରାଯାଇଛି। କୌଣସି ପ୍ରଦର୍ଶନକୁ ନେଇ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହୋଇନାହିଁ। ୨୦୨୪ରେ ସାଧାରଣ ନିର୍ବାଚନ ରହିଛି। ସଂଗଠନ କଥା ବୁଝିବାକୁ ବିଦାୟୀ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଲୋଚନା ବେଳେ ବିଦାୟୀ ମନ୍ତ୍ରୀମାନେ ଗତ ୩ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଲାଭ ଲୋକମାନଙ୍କ ନିକଟରେ କିଭଳି ପହଞ୍ଚିଛି ସେ ନେଇ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବିଭାଗର ଗୁରୁଦାୟିତ୍ୱ ଦେଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ମାହାଙ୍ଗା ବିଧାୟକ ପ୍ରତାପ ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀ ଆମକୁ ଡାକି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ନିର୍ବାଚନକୁ ପ୍ରାୟ ୨ ବର୍ଷ ରହିଛି। ତେଣୁ ବିଜେଡି ସଙ୍ଗଠନକୁ କିପରି ଅଧିକ ମଜଭୁତ କରାଯିବ, ସରକାରଙ୍କ କାର୍ଯ୍ୟକ୍ରମକୁ କିପରି ସଙ୍ଗଠନ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚା ଯାଇପାରିବ ସେନେଇ ଆଲୋଚନା ହୋଇଛି। ମନ୍ତ୍ରୀ ପଦବୀ ସ୍ଥାୟୀ ନୁହେଁ। ଆମେମାନେ ଯେଉଁମାନେ ମନ୍ତ୍ରୀ ହୋଇଥିଲୁ ବିଧାୟକ ହେଲୁ। ଯେଉଁମାନେ ବିଧାୟକ ଥିଲେ ସେମାନେ ମନ୍ତ୍ରୀ ହେଲେ। ସେମାନଙ୍କ ପରେ ଅନ୍ୟ ବିଧାୟକମାନେ ମନ୍ତ୍ରୀ ହେବେ। ଏହା ଏକ ପ୍ରକ୍ରିୟା। ରାଜନୈତିକ କ୍ଷେତ୍ରରେ ରହି ନିର୍ବାଚନମଣ୍ଡଳୀ ସହିତ ରାଜ୍ୟ ପାଇଁ କାର୍ଯ୍ୟ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ ଜେନା କହିଛନ୍ତି। ମନ୍ତ୍ରୀ ପଦ ଯିବା ପରେ ଯଦିଓ ଗଣମାଧ୍ୟମ ଆଗରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ନୀତୀଶଙ୍କ ଅସ୍ତ୍ର 'ଜାତି'**


**ଆଜିର ମନ୍ତବ୍ୟ**

> ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ପାଇଁ ଭାଜପା ଦାୟୀ। ଏଥିପାଇଁ ସାରା ଦେଶ କାହିଁକି କ୍ଷମା ମାଗିବ।
>
> – କେ. ଟି. ରାମାରାଓ, ଟିଆର୍‌ଏସ୍ ନେତା




**ବ୍ୟାଗ୍‌ରୁ ମିଳିଲା ମଣିଷ ଅଙ୍ଗପ୍ରତ୍ୟଙ୍ଗ**

ପୂର୍ବ ଦିଲ୍ଲୀ କଲ୍ୟାଣୀପୁରୀ ଅଞ୍ଚଳର ରାମଲୀଳା ପଡ଼ିଆରେ ମନୁଷ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଥିବା ବ୍ୟାଗ୍ ପୋଲିସର ହସ୍ତଗତ ହୋଇଛି। ଘଟଣାସ୍ଥଳରେ ପାଟ୍ରୋଲିଂ କରିବା ସମୟରେ ପଚା ଗନ୍ଧ ପଡ଼ିଆ ପାଖରେ ଥିବା ବୁଦାମୂଳରୁ ଆସିଥିଲା। ପାଟ୍ରୋଲିଂ ଟିମ୍ ତୁରନ୍ତ ଏହାର ସୂଚନା ପାଣ୍ଡବ ନଗର ପୋଲିସ ଷ୍ଟେସନ୍‌କୁ ଦେଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବାରୁ ସେମାନଙ୍କୁ ଏକ ବ୍ୟାଗ୍ ମିଳିଥିଲା, ଯେଉଁଥିରେ ମନୁଷ୍ୟ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ରହିଥିବା ଡେପୁଟି କମିଶନର ପ୍ରିୟଙ୍କା କଶ୍ୟପ୍ କହିଛନ୍ତି।

## ସଂକ୍ଷେପରେ

### ନାଇଜେରିଆ ଚର୍ଚ୍ଚରେ ଗୁଳିମାଡ଼: ୫୦ ମୃତ

**ଲାଗୋସ,୬।୬ :** ଦକ୍ଷିଣ-ପଶ୍ଚିମ ନାଇଜେରିଆର ଓଣ୍ଡୋ ପ୍ରଦେଶରେ ଥିବା ଏକ ଚର୍ଚ୍ଚରେ ରବିବାର ସମୂହ ପ୍ରାର୍ଥନା ଚାଲିଥିବାବେଳେ କେତେଜଣ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ଶିଶୁ ଓ ମହିଳାଙ୍କ ସମେତ ୫୦ ଜଣଙ୍କ ମୃତ୍ୟୁ ଘଟିଛି। ବନ୍ଧୁକଧାରୀ ସେଣ୍ଟ ଫ୍ରାନ୍ସିସ କାଥୋଲିକ୍ ଚର୍ଚ୍ଚରେ ପ୍ରବେଶ କରି ଗୁଳି ଚଳାଇବା ସହ ପୂଜକ ଓ ଅନ୍ୟମାନଙ୍କୁ ଅପହରଣ କରିନେଇଥିଲେ। ଗତ କିଛି ମାସ ହେଲା ନାଇଜେରିଆର ବିଭିନ୍ନ ଅଞ୍ଚଳରେ ହିଂସା ବଢ଼ିବାରେ ଲାଗିଛି। ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ନାଇଜେରିଆ ରାଷ୍ଟ୍ରପତି ବୁହାରି କହିଛନ୍ତି।

### ମମତା ହେବେ ରାଜ୍ୟ ବିଶ୍ୱବିଦ୍ୟାଳୟ କୁଳାଧିପତି

**ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ**




**କୋଲକାତା,୬।୬(ପି.ଟି.):** ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ୍ ଧନ୍‌ଖରଙ୍କ ବଦଳରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମସ୍ତ ରାଜ୍ୟ ପରିଚାଳିତ ବିଶ୍ୱବିଦ୍ୟାଳୟର କୁଳାଧିପତି ହେବାକୁ ଯାଉଛନ୍ତି। ଏଭଳି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ଭିଜିଟର ପଦରୁ ରାଜ୍ୟପାଳଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ଭିଜିଟର କରିବା ପ୍ରସ୍ତାବକୁ ମଧ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟ ପରିଚାଳିତ କୃଷି, ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ୟୁନିଭର୍ସିଟିର କୁଳାଧିପତି ରହିବେ ମୁଖ୍ୟମନ୍ତ୍ରୀ। ଆସନ୍ତା ୧୦ ତାରିଖରେ ଆରମ୍ଭ ହେବାକୁ ଥିବା ବିଧାନସଭା ମୌସୁମୀ ଅଧିବେଶନରେ ଏହି ପ୍ରସ୍ତାବକୁ ବିଲ୍ ଭାବେ ଅଣାଯିବ।

### ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ରଙ୍କ ଘରେ ଇଡି ଚଢ଼ାଉ



**ନୂଆଦିଲ୍ଲୀ,୬।୬(ପି.ଟି.):** ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସେତ୍ୟେନ୍ଦ୍ର ଜୈନଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଚଢ଼ାଉ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ର ଆପରାଧିକ ଧାରାରେ ସତ୍ୟେନ୍ଦ୍ରଙ୍କୁ ମେ’ ୩୦ରେ ଗିରଫ କରାଯାଇଥିଲା। ଅଦାଲତ ତାଙ୍କୁ ଜୁନ୍ ୯ ପର୍ଯ୍ୟନ୍ତ ଇଡି ହାଜତକୁ ପଠାଇଥିଲେ। ତାଙ୍କ ସମେତ ଅନ୍ୟ କେତେଜଣ ହାୱାଲା ଅପରେଟରଙ୍କୁ ଜେରା କରିବା ପରେ ଇଡି କେତେକ ନୂଆ ତଥ୍ୟ ପ୍ରମାଣ ପାଇଥିବା ବିଶ୍ୱାସ କରାଯାଉଛି। ଅଧିକ ତଥ୍ୟ ଯୋଗାଡ଼ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି।

### ମସ୍କଙ୍କ ଟୁଇଟର ଡିଲ୍ ବାତିଲ ଚେତାବନୀ



**ୱାଶିଂଟନ୍, ୬।୬:** ଜାଲ୍ ଟୁଇଟର ଆକାଉଣ୍ଟ ଏବଂ ସ୍ପାମ୍ ଉପରେ ଡାଟା ନ ମିଳିଲେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ପାଇଁ ହୋଇଥିବା ୪୪ ବିଲିୟନ ଡଲାର ଡିଲ୍‌କୁ ବାତିଲ କରିଦେବେ ବୋଲି ଟେସ୍‌ଲା ମାଲିକ ଏଲନ୍ ମସ୍କ କହିଛନ୍ତି। ଏ ନେଇ ମସ୍କ କମ୍ପାନୀକୁ ଏକ ପତ୍ର ଲେଖି ଜଣାଇଛନ୍ତି। ଟୁଇଟର ଏହାର ଚୁକ୍ତିକୁ ଖୋଲାଖୋଲି ଉଲ୍ଲଂଘନ କଲେ ଏହି ପ୍ଲାଟଫର୍ମ କ୍ରୟ ଡିଲ୍‌କୁ ବାତିଲ କରିବା ପାଇଁ ତାଙ୍କ ନିକଟରେ ସବୁ ଅଧିକାର ରହିଥିବା ମସ୍କ କହିଛନ୍ତି। ଫେକ୍ ଆକାଉଣ୍ଟ ଉପରେ ତଥ୍ୟ ନ ମିଳିବା ପର୍ଯ୍ୟନ୍ତ ଟୁଇଟର ଡିଲ୍‌କୁ ସ୍ଥଗିତ ରଖାଯିବ ବୋଲି ଗତ ମାର୍ଚ୍ଚରେ ମସ୍କ କହିଥିଲେ।

# ଭାରତ ପାଇଁ ଆର୍ଥିକ ଝଟକା

**ଇସ୍‌ଲାମିକ୍ ରାଷ୍ଟ୍ର ପକ୍ଷରୁ ସାମଗ୍ରୀ ବର୍ଜନ ଆହ୍ୱାନ**

**ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ମୁଖପାତ୍ର ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ବିରୋଧରେ ଭାଜପା କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଛି। ସମାଲୋଚକଙ୍କ ମତରେ ଧର୍ମୀୟ ଧ୍ରୁବୀକରଣ ପାଇଁ ଗୈରିକ ଦଳ ଉଭୟଙ୍କୁ ମୁସଲମାନ ସମ୍ପ୍ରଦାୟ ବିରୋଧରେ ଘୃଣା ମନ୍ତବ୍ୟ ପ୍ରସାର ପାଇଁ ବ୍ୟବହାର କରୁଥିଲା। କିନ୍ତୁ କୁଏଟ୍, କାତାର ଓ ଇରାନ୍ ଭଳି ଭାରତର ବାଣିଜ୍ୟିକ ସହଯୋଗୀ ଆପତ୍ତି ଉଠାଇବା ପରେ ସେମାନଙ୍କୁ ‘ଆମର କେହି ନୁହନ୍ତି’ ବୋଲି କହୁଛି। ଏହାସତ୍ତ୍ୱେ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକ ଭାରତୀୟ ସାମଗ୍ରୀ ବର୍ଜନ ଆହ୍ୱାନ ଦେଇଥିବାରୁ ନୂଆଦିଲ୍ଲୀକୁ ବଡ଼ ଆର୍ଥିକ କ୍ଷତି ସହିବାକୁ ପଡ଼ିପାରେ।**

**ନୂଆଦିଲ୍ଲୀ,୬।୬**




ନୂପୁର ଶର୍ମା ପ୍ରଫେଟ୍ ମହମ୍ମଦଙ୍କୁ ଅପମାନିତ କରିଥିବା ଦର୍ଶାଇ ପାକିସ୍ତାନର କରାଚୀରେ ସୋମବାର ଭାରତ ବିରୋଧୀ ସ୍ଲୋଗାନ ସହ ବିକ୍ଷୋଭ ।

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ ଏବଂ ଇରାକ୍ ୨୦୨୧-୨୨ରେ ଭାରତର ତୃତୀୟ, ଚତୁର୍ଥ ଓ ପଞ୍ଚମ ବୃହତ୍ ବାଣିଜ୍ୟିକ ସହଯୋଗୀ ଥିଲେ। ଏହି ୩ ରାଷ୍ଟ୍ରରେ ବହୁସଂଖ୍ୟକ ଭାରତୀୟ ପ୍ରବାସୀ ରହୁଥିବାରୁ ସେମାନେ ଏଠାକୁ ବିପୁଳ ପରିମାଣର ଅର୍ଥ ପଠାଇଥାଆନ୍ତି। ଭାଜପାର ଦୁଇ ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ମହମ୍ମଦ ବିରୋଧୀ ମନ୍ତବ୍ୟ କେବଳ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇନାହିଁ, ବରଂ ବିଦେଶରେ ଭାରତର ଛବିକୁ ବିବାଦୀୟ ତଥା ନିନ୍ଦିତ କରିଛି। ଗୈରିକ ଦଳ ଡ୍ୟାମେଜ୍ କଣ୍ଟ୍ରୋଲ କରିବାକୁ ଯାଇ ଦୁହିଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। କିନ୍ତୁ ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକ ଏହି କାର୍ଯ୍ୟାନୁଷ୍ଠାନକୁ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଇ ଭାରତ ସରକାରଙ୍କଠାରୁ କ୍ଷମା ଦାବି କରିଛନ୍ତି। ଏଥିସହ ଭାରତୀୟ ସାମଗ୍ରୀଗୁଡ଼ିକୁ ବର୍ଜନ ପାଇଁ ଆହ୍ୱାନ ଦେଇଛନ୍ତି। ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଭାରତୀୟ ସାମଗ୍ରୀ ବର୍ଜନ କଲେ ଦେଶର ଅର୍ଥନୀତି ବହୁଳ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

୨୦୨୧-୨୨ରେ ଭାରତ ୭ ଉପସାଗରୀୟ ରାଷ୍ଟ୍ର ସହ ୧୮୯ ବିଲିୟନ୍ ଡଲାର (ପ୍ରାୟ ୧୪ ଲକ୍ଷ ୭୦ ହଜାର ୬୨୬ କୋଟି ଟଙ୍କା)ର ବାଣିଜ୍ୟିକ କାରବାର କରିଥିଲା, ଯାହାକି ମୋଟ ବୈଶ୍ୱିକ ଆମଦାନୀ ଓ ରପ୍ତାନିର ୧୮.୩%। ଏହାବାଦ୍ ଆରବ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ଭାରତୀୟମାନେ ସ୍ୱଦେଶକୁ ବିପୁଳ ପରିମାଣର ଅର୍ଥ ପଠାଇଥାଆନ୍ତି। ତେଣୁ ଏହି ଦେଶଗୁଡ଼ିକ ଭାରତୀୟ ସାମଗ୍ରୀ ବର୍ଜନ କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ୨୦୧୭ରେ ଭାରତକୁ ବିଦେଶରୁ ଆସିଥିବା ମୋଟ ଅର୍ଥର ୫୪% ଯୋଗଦାନ କେବଳ ୫ଟି ଉପସାଗରୀୟ ରାଷ୍ଟ୍ରର ରହିଥିଲା। ଏହି କ୍ଷେତ୍ରରେ ୟୁଏଇ ସର୍ବାଧିକ ୧୪ ବିଲିୟନ୍ ଡଲାର ସହ ସର୍ବାଗ୍ରେ ଥିବାବେଳେ ସାଉଦି ଆରବର ଯୋଗଦାନ ୧୧ ବିଲିୟନ୍ ଡଲାର ରହିଥିଲା। ସେହିପରି କୁଏଟ୍‌ରୁ ୫ ବିଲିୟନ୍ ଡଲାର, କାତାରରୁ ୪ ବିଲିୟନ୍ ଡଲାର, ଓମାନରୁ ୩ ବିଲିୟନ୍ ଡଲାର ଏବଂ ବାହାରିନ୍‌ରୁ ୧ ବିଲିୟନ୍ ଡଲାର ଭାରତକୁ ଆସିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ୟୁଏଇ, ସାଉଦି ଆରବ, କାତାର, କୁଏଟ୍, ଓମାନ ଏବଂ ବହାରିନ୍ ଭଳି ପାରସ୍ୟ ଉପସାରଗୀୟ ଦେଶକୁ ‘ଗଲ୍ଫ କଣ୍ଟ୍ରି’ କୁହାଯାଏ। ଇରାକ୍‌କୁ ବାଦ୍ ଦେଇ ଏହି ୬ ରାଷ୍ଟ୍ର ଉପସାଗରୀୟ ସହଯୋଗ ପରିଷଦ (ଜିସିସି)ର ସଦସ୍ୟ। ଭାରତ ୨୦୨୧-୨୨ରେ ଜିସିସି ସହ ୧୫୪.୭ ବିଲିୟନ୍ ଡଲାର ବାଣିଜ୍ୟିକ କାରବାର କରିଥିଲା। ଜିସିସି ରାଷ୍ଟ୍ରଗୁଡ଼ିକୁ ଭାରତ ୪୩.୯ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ୨୦୨୨ ଫେବୃୟାରୀରେ ଭାରତ ଏବଂ ୟୁଏଇ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି। ଏହା ବଳରେ ଭାରତ ପକ୍ଷରୁ ରପ୍ତାନୀ ହେଉଥିବା ୯୭% ସାମଗ୍ରୀ ଉପରେ ୟୁଏଇ କୌଣସି ପ୍ରକାର ଆମଦାନୀ ଶୁଳ୍କ ଲଗାଉନାହିଁ। ଅନୁରୂପ ଭାବେ ସେହି ଦେଶରୁ ଭାରତକୁ ଆସୁଥିବା ୯୦% ସାମଗ୍ରୀ ଉପରେ ନୂଆଦିଲ୍ଲୀ ‘ଜିରୋ-ଡ୍ୟୁଟି’ ନୀତି ଆପଣାଉଛି। ଗତ ମେ’ ୧ରୁ ଆଗାମୀ ୧୦ ବର୍ଷ ଯାଏ ଏହା ଲାଗୁ ହୋଇଛି। କେନ୍ଦ୍ରର ମୋଦି ସରକାର ଆଗକୁ ଜିସିସି ରାଷ୍ଟ୍ର ସମୂହ ସହ ଅନୁରୂପ ଚୁକ୍ତି ସ୍ୱାକ୍ଷର କରିବାକୁ ବିଚାର କରୁଥିବାରୁ ସେହି ଦେଶଗୁଡ଼ିକ ଭାରତୀୟ ସାମଗ୍ରୀ ବର୍ଜନ କଲେ ନୂଆଦିଲ୍ଲୀକୁ ବଡ଼ ଆର୍ଥିକ ଝଟକା ଲାଗିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି।

> ଭିତରୁ ବିଭାଜିତ ହେଲେ ଭାରତ ବାହାରୁ ଦୁର୍ବଳ ହୋଇଯିବ। ଭାଜପାର ଲଜ୍ଜାଜନକ କଠୋରପନ୍ଥୀ ଚିନ୍ତାଧାରା ଭାରତକୁ କେବଳ ଏକଘରିଆ କରିଦେଇନାହିଁ ବରଂ ସାରା ବିଶ୍ୱରେ ଦେଶର ଛବି ଖରାପ କରିଛି।
>
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> ଘରୋଇ ସମାଲୋଚନା ନୁହେଁ, ବରଂ ଅନ୍ତର୍ଜାତୀୟ ସ୍ତରରେ ବ୍ୟାପକ ବିରୋଧ ଯୋଗୁ ଭାଜପା ଏହାର ସଦସ୍ୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଛି। ନୂପୁର ଶର୍ମା ଏବଂ ନବୀନ ଜିନ୍ଦଲ ଇସ୍‌ଲାମୋଫୋବିଆର ସୃଷ୍ଟିକର୍ତ୍ତା ନୁହଁନ୍ତି। ସେମାନେ କେବଳ ତାଙ୍କ ରାଜା ପ୍ରତି ଅଧିକ ବିଶ୍ୱସ୍ତ ହେବାକୁ ଚେଷ୍ଟା କରିଛନ୍ତି।
>
> **-ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା**

## ନୂପୁର ଶର୍ମାଙ୍କୁ ହତ୍ୟା ଧମକ

**ଠିକଣା ପ୍ରକାଶ ନ କରିବାକୁ ମିଡିଆକୁ ଅନୁରୋଧ କଲେ**



ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ନୂପୁର ଶର୍ମାଙ୍କୁ ବାରମ୍ବାର ହତ୍ୟା ଧମକ ମିଳୁଛି। ଏ ନେଇ ତାଙ୍କ ଅଭିଯୋଗ କ୍ରମେ ଦିଲ୍ଲୀ ପୋଲିସ ଏକ ମାମଲା ରୁଜୁ କରିଛି। ଏହାର ତଦନ୍ତ ଚାଲିଥିବା ପୋଲିସ କହିଛି। ନୂପୁର ଏବଂ ତାଙ୍କ ପରିବାର ଉପରେ ବିପଦ ଥିବା କହି ତାଙ୍କ ଘର ଠିକଣା ପ୍ରକାଶ ନ କରିବାକୁ ଏହି ଭାଜପା ନେତ୍ରୀ ନିବେଦନ କରିଛନ୍ତି। ଭାଜପାରୁ ନିଲମ୍ବନ ହେବା ପରେ ନୂପୁର ରବିବାର ଟୁଇଟରରେ ସଫେଇ ଦେଇଥିଲେ। ଟିଭି ବିତର୍କରେ ବାରମ୍ବାର ମହାଦେବଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ରଖାଯାଉଥିବାରୁ ପ୍ରତିକ୍ରିୟାରେ ସେ ଏଭଳି ମନ୍ତବ୍ୟ ଦେଇଥିଲେ। କାହାର ଧର୍ମୀୟ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି କହି ସେ ନିଃସର୍ତ୍ତରେ ନିଜ ମନ୍ତବ୍ୟକୁ ଫେରାଇ ନେଉଥିବା ଟୁଇଟ୍‌ରେ ଲେଖିଥିଲେ।

## ‘ଚାଇନା ବିରୋଧରେ ଚୁପ୍ କାହିଁକି’

**ନୂଆଦିଲ୍ଲୀ, ୬।୬:** ଭାଜପା ନେତ୍ରୀ ନୂପୁର ଶର୍ମାଙ୍କ ମନ୍ତବ୍ୟକୁ ବିରୋଧ କରୁଥିବା ଇସ୍‌ଲାମୀୟ ଦେଶଗୁଡ଼ିକ ଚାଇନାରେ ମୁସଲମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ଚୁପ୍ କାହିଁକି ବୋଲି କେତେକ ସାମାଜିକ ସଙ୍ଗଠନ ଏବଂ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି। ଚାଇନା ବିରୋଧରେ ମଧ ସେମାନେ ଏପରି ବିକ୍ଷୋଭ କରିବେ କି ବୋଲି ସେଣ୍ଟର ଫର୍ ପଲିସି (ସିପିଆର)ରେ ଏମିରେଟସ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିର ପ୍ରଫେସର ବ୍ରହ୍ମା ଚେଲାନି କହିଛନ୍ତି। ଚାଇନା ଲକ୍ଷାଧିକ ମୁସଲମାନଙ୍କୁ ବନ୍ଦୀ କରି ରଖିବା, କୋରାନ ଜବତ ସହ ସେମାନଙ୍କ ମାନବାଧିକାର ଉଲ୍ଲଂଘନ ଜାରି ରଖିଥିବାବେଳେ ଦୁଇ ଭାରତୀୟଙ୍କ ମନ୍ତବ୍ୟକୁ ନେଇ ଇସ୍‌ଲାମୀୟ ରାଷ୍ଟ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଫଳରେ ସେମାନଙ୍କୁ ଶାସକ ଦଳରୁ ହଟାଯାଇଛି। ଭାରତକୁ ଏକ ଉଦାର ଓ ସରଳ ରାଷ୍ଟ୍ର ଭାବି ସେମାନେ ଏପରି କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସାମାଜିକକର୍ମୀ ତଥା ଆଇନଜୀବୀ କୌସ୍ତୁରୀ ଶଙ୍କର କହିଛନ୍ତି, ଆଫଗାନିସ୍ତାନ, ସିରିଆ, ଚାଇନା କିମ୍ବା ବର୍ମାରେ ମୁସଲମାନଙ୍କ ପାଇଁ ଇସ୍‌ଲାମୀୟ ରାଷ୍ଟ୍ର ପକ୍ଷରୁ କୌଣସି ପଦକ୍ଷେପ ନିଆଯିବା ଦେଖିବାକୁ ମିଳିନି। ଆଇଏସ୍ଆଇଏସ୍, ଚାଇନା କିମ୍ବା ତାଲିବାନ୍ ବିରୋଧରେ ସ୍ୱର ଉତ୍ତୋଳନ କରାଯାଉନାହିଁ। କିନ୍ତୁ ଜଣେ ମହିଳା ଏକ ଟିଭି ବିତର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ଏହି ଦେଶଗୁଡ଼ିକ ଏବେ ଆଗେଇ ଆସିଛନ୍ତି। ରାଜ୍ୟସଭାର ପୂର୍ବତନ ସଦସ୍ୟ ବଲବୀର ପୁଞ୍ଜ କହିଛନ୍ତି, ଚାଇନାରେ ସଂଖ୍ୟାଲଘୁ ଉଇଗୁର ମୁସଲମାନ, ତିବ୍ବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ମାନବାଧିକାର ଉଲ୍ଲଂଘନ ହେଉଥିବା ସାରା ବିଶ୍ୱ ଜାଣିଛି। କିନ୍ତୁ କେହି ଏହା ଉପରେ ମୁହଁ ଖୋଲୁନାହାନ୍ତି। କଂଗ୍ରେସର ମୋଦି ଓ ଦେଶ ବିରୋଧୀ ଏଜେଣ୍ଡା କାର୍ଯ୍ୟ କରିଛି ବୋଲି ସେ କହିଛନ୍ତି।




କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ କିଲିଂ କରାଯାଉଥିବାରୁ ଏହି ସମୁଦାୟର ସରକାରୀ କର୍ମଚାରୀମାନଙ୍କୁ ଜମ୍ମୁକୁ ବଦଳି କରାଇବା ଦାବିରେ ବିକ୍ଷୋଭ।

## ସବୁ ଜିଲାରେ ବୃଦ୍ଧାଶ୍ରମ ସ୍ଥାପନ ହେବ

**କେନ୍ଦ୍ରର ଯୋଜନା**

**ନୂଆଦିଲ୍ଲୀ,୬।୬(ପି.ଟି.)**

ଦେଶର ପ୍ରତି ଜିଲାରେ ବୃଦ୍ଧାଶ୍ରମ ସ୍ଥାପନ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ସ୍ଥାନୀୟ ଏନ୍‌ଜିଓଗୁଡ଼ିକୁ ସାଙ୍ଗରେ ନେଇ ଜରା ନିବାସ ନିର୍ମାଣ ନିମନ୍ତେ ୨୫୦ଟି ଜିଲା ଚିହ୍ନଟ ହୋଇଥିବା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୮ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ନେଇଥିବା ସୋମବାର ବିଭାଗୀୟ ମନ୍ତ୍ରୀ ବୀରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମେଧାବୃତ୍ତି ଯୋଜନାରେ ସଂସ୍କାର ଅଣାଯାଇଛି। ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ଅର୍ଥ ସିଧାସଳଖ ପଠାଯାଉଥିବା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ନିଯୁକ୍ତି ଚାହୁଁଥିବା ବରିଷ୍ଠ ନାଗରିକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ସିନିୟର ଏବଲ୍ ସିଟିଜେନ୍ସ ଫର୍ ରିଏମ୍ପ୍ଲୟମେଣ୍ଟ ଇନ୍ ଡିଗ୍ନିଟି (ଏସ୍ଏସିଆର୍‌ଇଡି) ପୋର୍ଟାଲ ଏବଂ ୯ଟି ଷ୍ଟାର୍ଟଅପ୍‌କୁ ନିୟୋଜିତ କରାଯାଇଥିବା ମନ୍ତ୍ରୀ କହିଥିଲେ।

## ସ୍ତ୍ରୀଙ୍କ ହାତ କାଟିଦେଲେ ସ୍ୱାମୀ

**ସରକାରୀ ଚାକିରି କରାଇ ନ ଦେବା ପାଇଁ ବର୍ବରକାଣ୍ଡ**

**କୋଲକାତା,୬।୬(ଆଇଏଏନ୍ଏସ୍)**

ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲାର କେତୁଗ୍ରାମରେ ଜଣେ ମହିଳା ସରକାରୀ ନର୍ସିଂ ପଦବୀରେ ନିଯୁକ୍ତି ପାଇଁ ସିଲେକ୍ଟ ହୋଇଥିଲେ। ଈର୍ଷାନ୍ୱିତ ସ୍ୱାମୀ ତାଙ୍କୁ ଚାକିରିରେ ଯୋଗଦେବାକୁ ବାରଣ କରିଥିଲେ। ରେଣୁ ଖାତୁନ୍ ନାମ୍ନୀ ମହିଳା ଯେପରି ଚାକିରିରେ ଯୋଗଦେଇ ନ ପାରିବେ ସେଥିପାଇଁ ସ୍ୱାମୀ ଶେର ମହମ୍ମଦ ସୋମବାର ତାଙ୍କ ହାତକୁ ମଣିବନ୍ଧଠାରୁ କାଟି ଅଲଗା କରିଦେଇଛନ୍ତି। ଏପରିକି ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ଯେପରି କଟା ହାତ ଯୋଡ଼ି ନ ପାରିବେ ସେଥିପାଇଁ ତାକୁ ଲୁଚାଇ ରଖିଥିଲେ। ପରେ ସେ ଓ ତାଙ୍କ ପରିବାର ସଦସ୍ୟ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରେଣୁ ନର୍ସିଂ ଶିକ୍ଷା ପରେ ଏକ ଘରୋଇ ହସ୍ପିଟାଲରେ ନର୍ସିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ତାଙ୍କୁ ସରକାରୀ ଚାକିରି ମିଳିବାରୁ ସ୍ୱାମୀ ଏଥିରେ କ୍ଷୁବ୍ଧ ହୋଇଥିଲେ। ଶେର୍ ମହମ୍ମଦ ନିଜେ ବେରୋଜଗାର ହୋଇଥିବାରୁ ସ୍ତ୍ରୀ ସରକାରୀ ଚାକିରି ପାଇଲେ କାଳେ ତାଙ୍କୁ ଛାଡ଼ି ଚାଲିଯିବ ବୋଲି ସେ ଆଶଙ୍କା କରୁଥିଲେ। ତେଣୁ ସରକାରୀ ଚାକିରିରେ ଯୋଗ ନ ଦେବାକୁ ସେ ରେଣୁଙ୍କୁ ବାରମ୍ବାର ତାଗିଦ୍ କରୁଥିଲେ।

## କେରଳରେ ନରୋଭାଇରସ

**ନୂଆଦିଲ୍ଲୀ,୬।୬**

କେରଳରେ ଦୁଇଟି ନରୋଭାଇରସ୍ ମାମଲା ଚିହ୍ନଟ ହେବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହା ଉପରେ ସୋମବାର ରାଜ୍ୟକୁ ସବିଶେଷ ରିପୋର୍ଟ ମାଗିଛନ୍ତି। ଏହା ଏକ ଭାଇରାଲ ରୋଗ। ଏଥିରେ ପତଳା ଝାଡ଼ା ଓ ବାନ୍ତି ହୋଇଥାଏ। ପାଚନ ସମସ୍ୟା, ଅପପୁଷ୍ଟି ଏବଂ ଦୀର୍ଘସ୍ଥାୟୀ ଅନ୍ୟାନ୍ୟ ରୋଗ କାରଣରୁ ନରୋଭାଇରସ୍ ରୋଗ ହୋଇଥାଏ।

## ସ୍ୱର୍ଣ୍ଣ ମନ୍ଦିରରେ ଖଲିସ୍ତାନୀ ସ୍ଲୋଗାନ

**ଅମୃତସର,୬।୬**

ପଞ୍ଜାବର ଅମୃତସର ସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ସୋମବାର ଖଲିସ୍ତାନୀ ସମର୍ଥକମାନେ ଦେଶ ବିରୋଧୀ ସ୍ଲୋଗାନ ଦେଇଛନ୍ତି। ଅପରେଶନ ବ୍ଲୁ ଷ୍ଟାରର ୩୮ବର୍ଷ ପୂର୍ତ୍ତି ଅବସରରେ ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ବ୍ୟାନର୍ ଧରି ‘ଖଲିସ୍ତାନ ଜିନ୍ଦାବାଦ୍’ ନାରାବାଜି କରିଥିଲେ। ବିଚ୍ଛିନ୍ନତାବାଦୀ ନେତା ଜରନେଲ ସିଂଙ୍କ ଫଟୋ ଧରି ସ୍ୱର୍ଣ୍ଣ ମନ୍ଦିର ପରିସରରେ ବୁଲୁଥିବାର ଦେଖାଯାଇଛି। ସ୍ୱର୍ଣ୍ଣ ମନ୍ଦିରରେ ଲୁଚିଥିବା ଆତଙ୍କବାଦୀଙ୍କୁ ଧରିବା ପାଇଁ ଅପରେଶନ୍ ବ୍ଲୁ ଷ୍ଟାର କରାଯାଇଥିଲା।

## ଜ୍ଞାନବାପି ପରିସରରେ ଶିବଲିଙ୍ଗ ପୂଜା ରାୟ ସଂରକ୍ଷିତ

**ବାରାଣସୀ,୬।୬(ଆଇଏଏନ୍ଏସ୍)**

ବାରାଣସୀର ଜ୍ଞାନବାପି ମସ୍‌ଜିଦ ପରିସରରେ ଗତ ମେ’ରେ ଭିଡିଓଗ୍ରାଫି ସର୍ଭେ ବେଳେ ମିଳିଥିବା ଶିବଲିଙ୍ଗ ଡାଞ୍ଚାକୁ ପୂଜା କରିବା ଲାଗି ଅନୁମତି ଦେବାକୁ ଦାଏର ପିଟିଶନ୍‌ର ଶୁଣାଣି ସୋମବାର ଶେଷ ହୋଇଛି। ବାରାଣସୀର ଏକ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି। ଶ୍ରୀବିଦ୍ୟା ମଠର ମହନ୍ତ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଜ୍ଞାନବାପି ପରସିରରେ ଶିବଲିଙ୍ଗ ପୂଜା ପାଇଁ ଅନୁମତି ଦେବାକୁ କୋର୍ଟରେ ଆବେଦନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି। ତାଙ୍କ ଓକିଲ ରମେଶ ଉପାଧ୍ୟାୟଙ୍କ ଯୁକ୍ତି ଶୁଣିବା ପରେ ଭାରପ୍ରାପ୍ତ ଜିଲା ଜଜ୍ ଅନୁତୋଷ ଶର୍ମା ରାୟ ସଂରକ୍ଷିତ ରଖିଛନ୍ତି।

## ‘ତାମିଲଙ୍କୁ ଶୂଦ୍ର କରିଦେବ ହିନ୍ଦୀ’

**ଚେନ୍ନାଇ,୬।୬**



ଟି.କେ.ଏସ୍. ଇଲାଙ୍ଗୋଭାନ

ଡିଏମ୍‌କେ ନେତା ତଥା ରାଜ୍ୟ ସଭା ସଦସ୍ୟ ଟି.କେ.ଏସ୍. ଇଲାଙ୍ଗୋଭାନ ହିନ୍ଦୀ ଭାଷାକୁ ବିରୋଧ କରିଛନ୍ତି। ସେ କହିଛନ୍ତି, ହିନ୍ଦୀ କହିବା ଦ୍ୱାରା ତାମିଲ ଲୋକମାନେ ଶୂଦ୍ର ବା ନିମ୍ନ ଜାତି ପାଲଟିଯିବେ। ଦକ୍ଷିଣ ଭାରତରେ ମନୁଧର୍ମ ପ୍ରଚଳନ କରିବା ପାଇଁ ଯୋଜନା ଚାଲିଥିବା ସେ କହିଛନ୍ତି। ଉନ୍ନତ ରାଜ୍ୟ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, କର୍ନାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ହିନ୍ଦୀ ମାତୃଭାଷା ନୁହେଁ। ଅନଗ୍ରସର ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର, ରାଜସ୍ଥାନରେ ଲୋକମାନେ ହିନ୍ଦୀକୁ ନିଜର ମାତୃଭାଷା ଭାବେ ଗ୍ରହଣ କରିଥିବା ସେ କହିଛନ୍ତି। ତେବେ ହିନ୍ଦୀ ଭାଷାକୁ ନିମ୍ନଜାତି ସହ ତୁଳନା କରିଥିବାରୁ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି କିଛିଦିନ ପୂର୍ବେ ହିନ୍ଦୀ କହୁଥିବା ଲୋକ ରାଜ୍ୟରେ ଗୁପ୍‌ଚୁପ୍ ବିକୁଥିବା ଡିଏମ୍‌କେ ନେତା ତଥା ଉଚ୍ଚଶିକ୍ଷାମନ୍ତ୍ରୀ କେ. ପୋନମୁଡି କହିଥିଲେ।

## କେକେଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି

**ପିଆଇଏଲ୍ ଶୁଣାଣି ପାଇଁ ଗ୍ରହଣ କଲେ ହାଇକୋର୍ଟ**

**କୋଲକାତା,୬।୬(ଆଇଏଏନ୍ଏସ୍)**



ବଲିଉଡ୍‌ର ଖ୍ୟାତନାମା ପ୍ରଚ୍ଛଦପଟ ଗାୟକ କେକେଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବିରେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ କାଲ୍‌କାଟା ହାଇକୋର୍ଟଙ୍କ ଏକ ଖଣ୍ଡପୀଠ ଶୁଣାଣି ପାଇଁ ସୋମବାର ଗ୍ରହଣ କରିଛନ୍ତି। ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ରବିଶଙ୍କର ଚଟ୍ଟୋପାଧ୍ୟାୟ ହାଇକୋର୍ଟରେ ଅପିଲ କରିଥିଲେ। ମୁଖ୍ୟ ବିଚାରପତି ପ୍ରକାଶ ଶ୍ରୀବାସ୍ତବ, ଜଷ୍ଟିସ ରାଜର୍ଷି ଭରଦ୍ୱାଜଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଆଇଏଲ୍‌କୁ ଗ୍ରହଣ କରିଛନ୍ତି। ରବିଶଙ୍କର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ସେହି ଗତ ମାର୍ଚ୍ଚ ୩୧ର ସେହି ଦୁର୍ଭାଗ୍ୟଜନକ ସନ୍ଧ୍ୟାରେ ନଜରୁଲ୍ ମଞ୍ଚ ପରିଚାଳନାରେ ଗୁରୁତର ତ୍ରୁଟି ହୋଇଥିଲା। ସ୍ଥାନୀୟ ପ୍ରଶାସନର ଅବହେଳାରୁ ଏଭଳି ସ୍ଥିତି ଉପୁଜିଲା। ପରିଚାଳନାଗତ ତ୍ରୁଟି ପଛରେ ରହିଥିବା ଅବହେଳାକୁ ଖୋଜି ବାହାର କରିବା ଲାଗି ସିବିଆଇ ତଦନ୍ତ ଜରୁରୀ ବୋଲି ପିଆଇଏଲ୍‌ରେ ଦର୍ଶାଯାଇଛି। ଦକ୍ଷିଣ କୋଲକାତାର ନଜରୁଲ୍ ମଞ୍ଚରେ ଗୁରୁଦାସ କଲେଜର ବାର୍ଷିକ ଉତ୍ସବରେ କେକେ ସଙ୍ଗୀତ ପରିବେଷଣ କରୁଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ ଓ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଡିଟୋରିୟମରେ ଦୁଇଗୁଣରୁ ଅଧିକ ଲୋକ ପ୍ରବେଶ କରିଥିଲେ। ଅତ୍ୟଧିକ ଗହଳି ଯୋଗୁ ଡୋର ଖୋଲିଦିଆଯିବାରୁ ଏସି କାମ କରି ନ ଥିଲା। କେକେ ସଙ୍ଗୀତ ପରିବେଷଣ କଲାବେଳେ ଅସୁସ୍ଥ ଅନୁଭବ କରିବା ସହ ଏସି ଚାଲୁ ନାହିଁ କି ବୋଲି ପଚାରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୫୫,୨୨,୨୩୮ | ୬୩,୨୦,୭୨୦ | ୫୦,୬୫,୫୧,୫୬୨ |
| ଭାରତ | ୪,୩୧,୮୧,୩୩୫ | ୫,୨୪,୭୦୧ | ୪,୨୬,୩୦,୮୫୨ |
| ଓଡ଼ିଶା | ୧୨,୮୮,୫୧୮ | ୯୧୨୬(+୫୩) | ୧୨,୭୯,୨୫୩ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବନ ବିଭାଗ ମଞ୍ଜୁରୀ ବିନା ଓଡ଼ିଶାରେ ଖଣି ଖନନ ବେଆଇନ: ସୁପ୍ରିମକୋର୍ଟ

**ବିଚାରାଧୀନ ମାମଲା ୬ ମାସରେ ସାରିବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୬।୬

ଓଡ଼ିଶାରେ ଖଣି କମ୍ପାନୀଗୁଡ଼ିକ ବନ ବିଭାଗ ମଞ୍ଜୁରୀ ବିନା ବେଆଇନ ଭାବେ ଖଣିଜ ଉତ୍ତୋଳନ କରିଚାଲିଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ବେଆଇନ ଖଣି ଖନନକୁ ସର୍ବୋଚ୍ଚ ଅଦାଲତ ସୋମବାର ଅତ୍ୟନ୍ତ ଗୁରୁତର ସହ ନେବା ସହିତ ଏଭଳି ମାମଲାଗୁଡ଼ିକର ଫଇସଲା ୬ ମାସ ମଧ୍ୟରେ ଶେଷ କରିବାକୁ ଓଡ଼ିଶା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ ବିଭାଗର ମଞ୍ଜୁରୀ ବିନା ହାଇକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶନାମା ବଳରେ ଖନନ କିପରି ଜାରି ରହିପାରିବ ବୋଲି ଜଷ୍ଟିସ ଏମ୍.ଆର୍. ଶାହା ଏବଂ ଅନିରୁଦ୍ଧ ବୋଷଙ୍କ ଅବକାଶକାଳୀନ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଜଙ୍ଗଲ କର୍ତ୍ତୃପକ୍ଷଙ୍କ ବିନା ମଞ୍ଜୁରୀରେ ହେଉଥିବା ଖନନ ବେଆଇନ। ଖନନ କିମ୍ବା ଖଣିଜ ଉତ୍ତୋଳନ ଜାରି ରଖିବାକୁ ଅନୁମତି ଦିଆଯାଇପାରିବ ନାହିଁ। ହାଇକୋର୍ଟ ସ୍ଥିତାବସ୍ଥା ନିର୍ଦ୍ଦେଶ ଦେଇ ଖଣି ଖନନ ଜାରି ରଖିବାକୁ ଅନୁମତି ଦେବା ଦୁର୍ଭାଗ୍ୟଜନକ ବୋଲି ଖଣ୍ଡପୀଠ କହିଥିଲେ।

ସ୍ଥିତାବସ୍ଥା ନିର୍ଦ୍ଦେଶନାମା ବଳବତ୍ତର ରଖିବାକୁ ହାଇକୋର୍ଟ ମନା କରିଦେବା ପରେ ମେସର୍ସ ବାଲେଶ୍ୱର ଆଲଏଜ୍ ଲିମିଟେଡ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନ ପ୍ରତ୍ୟାହାର କରିନେବାକୁ ଖଣ୍ଡପୀଠ କମ୍ପାନୀକୁ ଅନୁମତି ଦେଇଛନ୍ତି। ଆବେଦନ ପ୍ରତ୍ୟାହାର କଲେ ମଧ୍ୟ ଜଙ୍ଗଲ ମଞ୍ଜୁରୀ ନ ଥିବାରୁ କମ୍ପାନୀକୁ ଏବେଠାରୁ ଆଉ ଖଣି ଖନନ ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ସ୍ନାନଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

ପୁରୀ ଅଫିସ,୬।୬

ଦେବସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ପୁରୀ ସର୍କିଟ ହାଉସ୍‌ରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବାକୁ ଥିବାରୁ ବ୍ୟାପକ ପ୍ରସ୍ତୁତି ନେଇ ଜିଲାପାଳ ସମର୍ଥ ବର୍ମା ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରିବେ ଭକ୍ତ। ଏଣୁ ସ୍ନାନବେଦି ସଂଶ୍ଳିଷ୍ଟ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରିବା ସହ ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବ ବୋଲି ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି। ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ସମସ୍ତ ନୀତିର ନିର୍ଦ୍ଧାରିତ ସମୟ ସମ୍ପର୍କରେ ଅବଗତ କରାଇଛନ୍ତି। ତଦନୁଯାୟୀ ସବୁ ବିଭାଗ ନିଜ ନିଜର ପ୍ରସ୍ତୁତି କରିଛନ୍ତି। ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ଖାଦ୍ୟର ମାନ ଯାଞ୍ଚ, ରାସ୍ତା ମରାମତି, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ, ଉଠାଦୋକାନୀଙ୍କୁ ସ୍ଥାନାନ୍ତର, ପାନୀୟଜଳ, ଜଳସିଞ୍ଚନ, ପରିବହନ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଫୋକସ୍ ଦିଆଯାଇଛି। ସେହିଭଳି ସମୁଦ୍ରକୂଳରେ ଯାତ୍ରୀଙ୍କ ସୁରକ୍ଷା ଉପରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଅଟୋ ଓ ହୋଟେଲ ମାଲିକଙ୍କ ସହ ଆଲୋଚନା ସରିଥିବାରୁ କିଭଳି ଭାବେ ଯାତ୍ରୀମାନେ ଠକାମିର ଶିକାର ନ ହେବେ ସେନେଇ ଏସ୍‌ପି ଧ୍ୟାନ ଦେବେ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଦିଲୀପ କୁମାର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ପ୍ରଶାସକ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୃଥକ ସଡ଼କ ଦୁର୍ଘଟଣା: ୧୦ ମୃତ

- ତେଲ ଟ୍ୟାଙ୍କର-ଅଟୋ ମୁହାଁମୁହିଁ ଧକ୍କା: ୩ ମୃତ, ୪ ଗୁରୁତର
- ଆମ୍ବୁଲାନ୍ସ-ଯାତ୍ରୀବାହୀ ଅଟୋ ମୁହାଁମୁହିଁ ଧକ୍କା: ୨ ମୃତ, ୮ ଗୁରୁତର
- ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତାରୋକୋ

କୁଚିଣ୍ଡା/ ଲହୁଣୀପଡ଼ା,୬।୬(ଡି.ଏନ୍.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଓ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଞ୍ଚଳରେ ସୋମବାର ପୃଥକ୍ ଦୁର୍ଘଟଣାରେ ମୋଟ ୫ଜଣଙ୍କର ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। କୁଚିଣ୍ଡା ଥାନା ଅନ୍ତର୍ଗତ ତବଲାକଟା ନିକଟ ଢାବା ପାଖ ଜାତୀୟ ରାଜପଥରେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ତେଲ ବୋଝେଇ ଟ୍ୟାଙ୍କର ସହ ଏକ ଯାତ୍ରୀବାହୀ ଅଟୋରିକ୍ସାର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଡ୍ରାଇଭର ଓ ୨ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଚିଣ୍ଡା ଥାନା ବକ୍ସମା ପଞ୍ଚାୟତ ଟାଇଁସର ଗ୍ରାମର ଅଟୋ ଡ୍ରାଇଭର ଅତିଶ ନାୟକ(୫୫), ତବଲାକଟା ଗ୍ରାମର ସରସ୍ୱତୀ ସିଂ(୩୦) ଓ ଭୋଜପୁର ଗ୍ରାମର ତନୁଜା ଶର୍ମା (୪୫)। ଅଟୋରେ ଥିବା ଅନ୍ୟ ୪ଜଣ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ କୁଚିଣ୍ଡା ମେଡିକାଲକୁ ପଠାଯାଇଛି। ଅତିଶ ଭୋଜପୁରରୁ ନିଜ ଅଟୋ ନଂ. ଓଡି୧୫ବି ୪୪୩୬ରେ ଯାତ୍ରୀ ନେଇ କୁଚିଣ୍ଡା ପଟକୁ ଆସୁଥିଲେ। ଏହି ସମୟରେ କୁଚିଣ୍ଡାରୁ ଭୋଜପୁର ଯାଉଥିବା ଇଣ୍ଡିଆନ ଅଏଲ ଟ୍ୟାଙ୍କର ନଂ.ଓଡି୧୯କ୍ୟୁ ୪୧୫୧ ସହ ତବଲାକଟା ନିକଟରେ ଧକ୍କା ହୋଇଥିଲା।

ସେହିପରି ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ – ବାହାଡ଼ା ପୋଷ ୧୦(କ) ରାଜ୍ୟ ରାଜପଥର ପୋଇଗାଁ ନିକଟ ହଂସରାଡ଼ି ପୋଲରେ ଅପରାହ୍ନ ପ୍ରାୟ ୨ଟାରେ ଆମ୍ବୁଲାନ୍ସ ଓ ଯାତ୍ରୀବାହୀ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୮ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ପ୍ରିୟଙ୍କା ସାହୁ (୨୦), ମାଳତୀ କିଷାନ(୫୦)। ବଣାଇ ସୋମବାର ସାପ୍ତାହିକ ହାଟରୁ ଯାତ୍ରୀବାହୀ ଅଟୋ ଯୋଗେ କେତେଜଣ ଲୋକ ଖୁଣ୍ଟୁଗାଁ ପଟେ ଫେରୁଥିଲେ। ବିପରୀତ ଦିଗରୁ ଆମ୍ବୁଲାନ୍ସ ଓଡ଼ି–୧୪ଟି ୩୬୦୦ ଆସୁଥିଲା। ହଂସରାଡ଼ି ପୋଲ ଉପରେ ଅଟୋ ସହିତ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡି ୨୦ଫୁଟ ତଳକୁ ଖସି ପଡ଼ିଥିଲା। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାରକରି ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



ପୋଲ ତଳକୁ ଖସିପଡ଼ିଥିବା ଅଟୋ।

- ୫ ବର୍ଷର ଶିଶୁ ଉପରେ ମିନିଟ୍ରକ ମାଡ଼ିଗଲା
- ଟ୍ରକ ଧକ୍କାରେ ଛାତ୍ରୀଙ୍କ ସମେତ ୨ ମୃତ

ରସୁଲପୁର/ବିଞ୍ଝାରପୁର/ଚଣ୍ଡିଖୋଲ,୬।୬(ଡି.ଏନ.ଏ.)

ସୋମବାର ଯାଜପୁର ଜିଲାରେ ୩ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଛାତ୍ରୀ, ଜଣେ ୫ବର୍ଷର ଶିଶୁଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଧର୍ମଶାଳା ଥାନା ଅଧୀନ ବାରବାଟୀ ପଞ୍ଚାୟତର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ପରିବା ହାଟ ନିକଟରେ ଏକ ଟ୍ରକ ଧକ୍କାରେ ଆଦର୍ଶ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ୨ଜଣ ସମ୍ପର୍କୀୟ ଭାଇଭଉଣୀ। ସେମାନେ ହେଲେ କୁଆଖିଆ ଥାନା ଅଧୀନ ପ୍ରଥମଖଣ୍ଡ ପଞ୍ଚାୟତ ଦାମୋଦରପୁର ଗ୍ରାମର ଶୁଭ୍ରା ସମ୍ଭାବନା(୧୫) ଓ ରଞ୍ଜିତ ଲେଙ୍କା (୨୩)। ସୋମବାର ସକାଳ ପ୍ରାୟ ୧୦ଟା ସମୟରେ ସ୍କୁଟିରେ ଉଭୟେ ଜାରକାରୁ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଦୁହେଁ ରାସ୍ତା ଉପରେ ଛିଟିକି ପଡିଥିଲେ। ଏହି ସମୟରେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଶୁଭ୍ରାଙ୍କ ମୁଣ୍ଡ ଉପରେ ଚଢ଼ି ଚାଲିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରଞ୍ଜିତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା।

ବିଞ୍ଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତ ଶାସନ୍ଦା ଗ୍ରାମ୍ୟ ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ ମିନି ଟ୍ରକ(ନଂ.ଓଆର୦୪ଏଲ୍ ୭୨୭୩) ଜଣେ ୫ବର୍ଷର ଶିଶୁ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବିଞ୍ଝାରପୁର ବ୍ଲକ୍ ଅଧୀନ ଶାସନ୍ଦା ଗ୍ରାମର ଆମୀର ଖାଁଙ୍କ ପୁଅ ସୁଫିୟାନ (୫)। ସୋମବାର ପୂର୍ବାହ୍ନରେ ସେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ସୋମବାର ଭୋର ସମୟରେ ଚଣ୍ଡିଖୋଲ ବଜାର ନିକଟ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ଶାନ୍ତିଲତା ଟାୱାର ନିକଟରେ ଏକ ଅଟୋରିକ୍ସାକୁ କୌଣସି ଏକ ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ଅଟୋରିକ୍ସା ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ସିଙ୍ଗାପୁର ଗ୍ରାମର ସଂଗ୍ରାମ କେଶରୀ ବେହେରା (୩୨)। ସେ ଅଟୋରିକ୍ସାରେ କଟକରୁ ଧନିଆ ପତ୍ର ବୋଝେଇ କରି ବାରବାଟୀ ହାଟକୁ ଯାଉଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଗ୍ୟାସ୍ କଟରରେ ଅଟୋରିକ୍ସାକୁ କାଟି ମୃତଦେହ ବାହାର କରିଥିଲେ।

## ଟ୍ୟୁଶନ୍‌ରୁ ଫେରିଲା ବେଳେ ଛାତ୍ରୀଙ୍କ ଉପରେ ମାଡ଼ିଗଲା ହାଇୱା

**ଡେରାବିଶ, ୬।୬(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ବନ୍ଧ ରାସ୍ତାର ହାଟବାଣପୁରଠାରେ ସୋମବାର ସକାଳେ ଏକ ବାଲି ବୋଝେଇ ହାଇୱା (ନଂ. ଓଡ଼ି–୨୯–୯୦୮୬) ଧକ୍କାରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବସୁପୁର ଗାଁର ସୁବାସ ଲେଙ୍କାଙ୍କ ଝିଅ ଲକ୍ଷ୍ମୀପ୍ରିୟା(୧୫)। ଲକ୍ଷ୍ମୀପ୍ରିୟା ସୋମବାର ସକାଳେ ସ୍ଥାନୀୟ ଝିଙ୍କଡ଼ି ଗାଁକୁ ଟ୍ୟୁଶନ୍ ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଉତ୍ୟକ୍ତ ଲୋକେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଲି ଟ୍ରକକୁ ଲୋକେ ଭଙ୍ଗାରୁଜା କରି କେନାଲକୁ ଠେଲି ଦେବା ସହିତ ଚାଳକ ଅରୁଣ କୁମାର ମଲ୍ଲିକଙ୍କୁ ମାଡ଼ ମାରିଥିଲେ। ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ନିଜ ହେପାଜତକୁ ନେଇଛି। ଡେରାବିଶ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆନୀ
ପରିବାରବର୍ଗ


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classifieds

**Everyday** 0674-2580101, 2549302




### SALE

Maruti Breeza, Scorpio 2016, 2013 XUV500-2018 for sale. 7381091234, 9861194627. D-73256




1BHK, Ground Floor close to Hotel VITS, Cuttack road, Bhubaneswar. Rs-8000/-. Contact: 9937961430. D-636




**ଅଗରବତି ପେପରପ୍ଲେଟ୍ ମେସିନ ବସାଇ ମାସିକ** 20000 **ଟଙ୍କା ରୋଜଗାରକ୍ଷମ ହୁଅନ୍ତୁ। ଯୋଗାଯୋଗ-** 8249230728. D-73323

### LOST

I Swati Swagatika Dash have lost my Original Degree Certificate including Grade Cards of B.Tech (09-10) Roll no. BOHC06013489 of BPUT. If Found Please Contact: 9686488599. D-667




### SALE

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି.ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73915

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254




Newly open full body massage ladies and gents. 8327740003, 8093860513. D-73914

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

Newly open SPA positively health benefit with expert. Contact: 7749976301. D-73809

**Relax, Refresh your body, Mind at Saikrupa Spa with best therapies. 8984068077.** D-668

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Newly open full body massage ladies and gents. 7750077371. D-73911

Full body massage relax your body mind by best therapist. 9861193818. D-73612

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Newly open SPA positively health benefits by expert therapist. 8455987557. D-73611

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### AFFIDAVIT

By virtue of an affidavit Sworn before the Executive Magistrate, Cuttack on dtd. 02.06.2022, I Nibedita Chakra have changed my surname from Chakra to Swain after married to Dr. Sarada Prasanna Swain. Henceforth I shall be known/ called/ identified/ recognised and treated as NIBEDITA SWAIN in all papers documents & records for all purposes time to come. D-672

By virtue of an affidavit sworn before the Executive Magistrate, Angul , I Karttik Kumar Naik, village - Madhupur, PO. Nandapur, Dist. Angul declared that I have changed my name to Karttik Kumar Nayak. Henceforth I shall be known as Karttik Kumar Nayak for all purposes. D-677

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନରେ କୁହେ ପାଖରେ ଶୁଏ**
**ତା' କଥା କି ଅନ୍ୟଥା ହୁଏ ?**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ସେ କେବେ ନିରାଶ ହୁଏନାହିଁ। କଳେବଳେ ସେ ତା'ର ଈପ୍ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ'ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ୍ ଭଲ ଭାବେ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୁଳ କନ୍ୟା କି କାଳୀ**
**ତୀର୍ଥ ଜଳ କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥ ଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଅଗ୍ନି -୪ର ରାତ୍ରିକାଳୀନ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୬।୬**

ଆଣବିକ ଶକ୍ତିସମ୍ପନ୍ନ ଅଗ୍ନି-୪ କ୍ଷେପଣାସ୍ତ୍ରର ରାତ୍ରିକାଳୀନ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସଫଳ ହୋଇଥିବା ଡିଆରଡିଓ(ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ) ପକ୍ଷରୁ କୁହାଯାଇଛି।



ସୋମବାର ରାତି ୭ଟା ୨୫ ମିନିଟ୍‌ରେ ଭଦ୍ରକ ଅବଦୁଲ କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିଲା। ପରୀକ୍ଷଣ ସମୟରେ ବୈଷୟିକ ଏବଂ ଆନୁଷଙ୍ଗିକ ସମସ୍ତ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ମଧ୍ୟମ ଦୂରଗାମୀ ଏହି କ୍ଷେପଣାସ୍ତ୍ର ୩୫୦୦ରୁ ୪୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏହାର ଲମ୍ୱ ୨୦ ମିଟର ହୋଇଥିବା ବେଳେ ୧ ଟନ୍ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ତେବେ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହେବା ପରେ ଭାରତର ପ୍ରତିରକ୍ଷା ଶକ୍ତି ବୃଦ୍ଧି ପାଇଥିବା ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି।

# ବଦଳିଲେ ମୁକ୍ତାକାଶ ଜେଲର

**ବାରଙ୍ଗ,୬।୬(ଡି.ଏନ୍.ଏ.):** ବାରଙ୍ଗ ଅଞ୍ଚଳର ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ କାର୍ଯ୍ୟରତ ଜେଲର ସ୍ମିତା ମହାନ୍ତିଙ୍କ ବଦଳି ହୋଇଛି। ନିମାପଡାସ୍ଥିତ ସବ୍-ଜେଲକୁ ଜେଲର ରୂପେ ତାଙ୍କର ବଦଳି ହୋଇଛି। ସେହିଭଳି ତାଙ୍କ ସ୍ଥାନରେ ବାଙ୍କୀ ସବ୍-ଜେଲ ଜେଲର ଅଶୋକ କୁମାର ବେହେରାଙ୍କୁ ମୁକ୍ତାକାଶ କାରାଶ୍ରମରେ ନିଯୁକ୍ତି କରାଯାଇଥିବା ସୂଚନା ମିଳିଛି। କାରାଶ୍ରମରେ ୧୨୫ଜଣ କଏଦୀ ରହିବାର ବ୍ୟବସ୍ଥା ଥିବାବେଳେ ଜଣେ ଅଧୀକ୍ଷକ, ଜଣେ ଜେଲର, ଜଣେ ଆସିଷ୍ଟାଣ୍ଟ ଜେଲରକୁ ନେଇ ଏହା କାର୍ଯ୍ୟକ୍ଷମ ହେଉଛି।

ପ୍ରଥମ ପୃଷ୍ଠାରୁ...

## କୁଏଟ୍ ମାର୍କେଟରୁ...

ଅଭିହିତ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହିତ ନୂପୁର ଶର୍ମାଙ୍କୁ ଗିରଫ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଓଆଇସି ପକ୍ଷରୁ ନୂପୁରଙ୍କ ମନ୍ତବ୍ୟକୁ ଘୋର ବିରୋଧ କରାଯିବା ସହ ଏହାକୁ 'ସଂକୀର୍ଣ୍ଣ ଚିନ୍ତାଧାରା, ଉଦ୍ଦେଶ୍ୟମୂଳକ, ବିଭ୍ରାନ୍ତକାରୀ ଏବଂ ଦୁର୍ଭାଗ୍ୟଜନକ' ବୋଲି କୁହାଯାଇଛି। ଭାରତରେ ମୁସଲମାନଙ୍କ ଅଧିକାର ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଓଆଇସି ଜାତିସଂଘକୁ ନିବେଦନ କରିଛି। ପଡ଼ୋଶୀ ପାକିସ୍ତାନ ରବିବାର ନୂପୁରଙ୍କ ମନ୍ତବ୍ୟକୁ ନିନ୍ଦା କରିଥିବାବେଳେ ସୋମବାର ଭାରତୀୟ ଦୂତାବାସକୁ ସମନ କରିଛି। ସାଉଦି ଆରବ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏକ ଟୁଇଟ ଯୋଗେ ନୂପୁରଙ୍କ ଟିପ୍ପଣୀକୁ ନିନ୍ଦା କରାଯାଇଛି। ଆଫଗାନିସ୍ତାନରେ ତାଲିବାନ ସରକାରଙ୍କ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏକ ଟୁଇଟ୍ କରି ଭାଜପା ନେତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ବାହାରିନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁସଲମାନଙ୍କ ଧର୍ମୀୟ ଭାବନାକୁ ଆଘାତ ଦେବା ଭଳି ମନ୍ତବ୍ୟ ଦେଇଥିବା ନୂପୁର ଓ ଅନ୍ୟ ଜଣେ ଭାଜପା ନେତା ନବୀନ ଜିନ୍ଦଲଙ୍କ ଉପରେ ଦଳୀୟ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛି। ରବିବାର କାତାର, କୁଏଟ୍, ଇରାନ ସରକାର ଭାରତୀୟ ଦୂତାବାସକୁ ସମନ ଜାରି କରିଥିଲେ। ଭାରତ ସରକାର ସାଧାରଣରେ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି କାତାର ଏବଂ କୁଏଟ୍ ସରକାର ଦାବି କରିଥିଲେ।

ସୂଚନାଯୋଗ୍ୟ, ଜ୍ଞାନବ୍ୟାପି ମସ୍‌ଜିଦ ବିବାଦ ଉପରେ ଏକ ଟିଭି ବିତର୍କ କାର୍ଯ୍ୟକ୍ରମରେ ଭାଗନେଇ ନୂପୁର ନିକଟରେ ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ କେନ୍ଦ୍ରକରି ଉତ୍ତରପ୍ରଦେଶର କାନପୁରରେ ଶୁକ୍ରବାର ଗୋଷ୍ଠୀସଂଘର୍ଷ ହୋଇଥିଲା। ଅନ୍ତର୍ଜାତୀୟ ସ୍ତରରେ ବିରୋଧ ପରେ ରବିବାର ଭାଜପା ମୁଖପାତ୍ର ଥିବା ନୂପୁରଙ୍କୁ ନିଲମ୍ବନ କରାଯିବା ସହ ପ୍ରଫେଟ୍‌ଙ୍କ ଉପରେ ବିବାଦୀୟ ଟୁଇଟ କରିଥିବା ଭାଜପାର ଦିଲ୍ଲୀ ମିଡିଆ ମୁଖ୍ୟ ନବୀନ କୁମାର ଜିନ୍ଦଲଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## ଓଆଇସିର ପ୍ରତିକ୍ରିୟାକୁ...

ଭାରତ ସରକାରଙ୍କ ବିଚାରଧାରାକୁ ପ୍ରତିଫଳିତ କରେନାହିଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଓଆଇସି ଏଭଳି ମନ୍ତବ୍ୟ ଦେବା ଦୁଃଖର ବିଷୟ ବୋଲି ବାଗ୍‌ଚୀ କହିଛନ୍ତି। ସେହିପରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ଟୁଇଟ୍ ଉପରେ ମଧ୍ୟ ବାଗ୍‌ଚୀ ଜବାବ ରଖିଛନ୍ତି। ସଂଖ୍ୟାଲଘୁଙ୍କ ଉପରେ କ୍ରମାଗତ ଅତ୍ୟାଚାର ଜାରି ରଖିଥିବା ଦେଶ ଅନ୍ୟ ଦେଶର ସଂଖ୍ୟାଲଘୁଙ୍କ ଉପରେ ପ୍ରତିକ୍ରିୟା ରଖିବାର କୌଣସି ଅର୍ଥ ନାହିଁ। ପାକିସ୍ତାନରେ ହିନ୍ଦୁ, ଶିଖ୍, ଖ୍ରୀଷ୍ଟିଆନ ଆଦି ସମ୍ପ୍ରଦାୟର ଲୋକଙ୍କ ମାନବିକ ଅଧିକାର କିପରି ଉଲ୍ଲଂଘନ ହେଉଛି ତାହା ସାରା ବିଶ୍ୱ ଦେଖିଛି ବୋଲି ବାଗ୍‌ଚୀ କହିଛନ୍ତି।

## ଦୋଷ ଢାଙ୍କିଲେ...

ନିକଟରେ ୪ କିଲୋ ବ୍ରାଉନସୁଗାର ଜବତ ହୋଇଥିଲା। ପୋଲିସକୁ ବଟି ଦେଇ ନିଶାବେପାରୀମାନେ କାର୍ଯ୍ୟ କରୁଥିବା ଅଭିଯୋଗ ସମ୍ପର୍କରେ ପଣ୍ଡା ମୋତେ ପୂର୍ବରୁ କେବେ ଅବଗତ କରାଇ ନାହାନ୍ତି। ଯଦି ଏଭଳି ଘଟଣା ତାଙ୍କ ନଜରରେ କେଉଁଠାରେ ଆସିଥିଲା, ତେବେ ମୋତେ କାହିଁକି ଜଣାଇଲେ ନାହିଁ। ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଆଉ କାହା ଉପରେ ଦୋଷ ଲଦିବା କଥା ନୁହେଁ। ପଣ୍ଡାଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ। ସେହିପରି ପୋଲିସ ଲାଞ୍ଚ ନେଉଥିବା ନେଇ ମୋ' ପାଖରେ କୌଣସି ସୂଚନା ନାହିଁ। ପୋଲିସ ସହଯୋଗରେ କାମ ହେଉଛି। ପ୍ରତି ମାସରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଉଛି। ନିର୍ଦ୍ଦିଷ୍ଟ ପୋଲିସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଅଣାଯିବା କଥା। ସାମୂହିକ ଭାବେ ପୁରୀ ପୋଲିସକୁ ଦୋଷ ଦେବା ଉଚିତ୍ ହୋଇନାହିଁ। ଇନ୍ସପେକ୍ଟର ପଣ୍ଡା ମାନସିକ ରୋଗରେ ଆକ୍ରାନ୍ତ ହୋଇ ଔଷଧ ଖାଉଥିବା ତାଙ୍କ ଭଉଣୀ ଓ ସ୍ତ୍ରୀ ପୂର୍ବରୁ କହିଥିଲେ। ତେବେ ତାଙ୍କ ମାନସିକ ସ୍ଥିତି ସମ୍ପର୍କରେ ମୁଁ ସ୍ପଷ୍ଟ ଭାବେ କହିପାରିବି ନାହିଁ। ସେହିଭଳି ଗତ ୨ତାରିଖରେ ଜଣେ ମହିଳା ସବ୍‌ଇନ୍ସପେକ୍ଟର ତାଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ ବୋଲି ଜେନା କହିଛନ୍ତି। ଅନ୍ୟପକ୍ଷରେ ଇନ୍ସପେକ୍ଟର ପଣ୍ଡା କହିଛନ୍ତି, ଅବକାରୀ ଅଧୀକ୍ଷକ ନିଜକୁ ବଞ୍ଚାଇବାକୁ ଯାଇ ମୋତେ ପାଗଳ ସଜାଉଛନ୍ତି। ସତ ସମସ୍ତଙ୍କ ସମ୍ମୁଖରେ ରହିଛି। ମୋର ମାନସିକ ସ୍ଥିତି ଖରାପ ଥିବା ସତ୍ତ୍ୱେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା କାହିଁକି। ଏବେ ସତ କହିବା ପରେ ମୋତେ ପାଗଳ ସଜାଇବାକୁ ଚେଷ୍ଟା କରାଯାଉଛି। ଏନେଇ ପୁରୀ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି, ଏଭଳି ଅଭିଯୋଗ ସମ୍ପର୍କରେ ମୋ' ନିକଟରେ କିଛି ସୂଚନା ନାହିଁ। ପୋଲିସ କର୍ମଚାରୀ ଓ ଅଧିକାରୀମାନେ ଦୁର୍ନୀତିରେ ସାମିଲ ନୁହନ୍ତି। ପୁରୀ ପୋଲିସ ନିଷ୍ଠାପର ଭାବେ କାର୍ଯ୍ୟ ସମ୍ପାଦନ କରୁଛି। ସେହିପରି ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ କହିଛନ୍ତି, ଏନେଇ ମୋ ନିକଟକୁ କୌଣସି ଚିଠି ଆସିନାହିଁ। ତେବେ ଗଣମାଧ୍ୟମରୁ ମୁଁ ଏ ବିଷୟରେ ଜାଣିବାକୁ ପାଇଛି। ଏହାକୁ ଆଧାର କରି ପୁରୀ ଜିଲାପାଳଙ୍କୁ ରିପୋର୍ଟ ମଗାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ପୁରୀବାସୀ ଇନ୍ସପେକ୍ଟର ପଣ୍ଡାଙ୍କୁ ଜଣେ ସ୍ୱଚ୍ଛ ଓ ନିର୍ଭୀକ ଅଧିକାରୀ ବୋଲି ଦର୍ଶାଇ ସୋସିଆଲ୍ ମିଡ଼ିଆରେ ତାଙ୍କ ଫଟୋ ପୋଷ୍ଟ କରୁଛନ୍ତି। ନିଜେ ସରକାରୀ ଅଧିକାରୀ ହୋଇ ମଧ୍ୟ ପ୍ରଶାସନ ଉପରେ ପ୍ରଶ୍ନ ଉଠାଇବାର ସାହସ ତାଙ୍କର ଥିବାରୁ ତାଙ୍କୁ ଜଣେ ନିର୍ଭୀକ ଅଧିକାରୀ ଭାବେ ଚିତ୍ରଣ କରାଯାଉଛି। 'ଯିଏ ସତ କୁହେ ସିଏ ପାଗଳ' ବୋଲି ଲେଖି ସୋସିଆଲ ମିଡ଼ିଆରେ ପଣ୍ଡାଙ୍କୁ ସମର୍ଥନ କରାଯାଉଛି।

## ଡ୍ରେନ୍‌ରେ ଖସିପଡ଼ିଲା...

ବର୍ତ୍ତମାନ ୬୦ ଛାତ୍ରୀଛାତ୍ରଙ୍କୁ ବିମାନ ଉଡ଼ାଣ ତାଲିମ ପ୍ରଦାନ କରାଯାଉଛି। ସୋମବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଭିଟି-ଇୟୁଡବ୍ଲ୍ୟୁ ପ୍ରଶିକ୍ଷଣ ବିମାନକୁ ଟ୍ରେନି ପାଇଲଟ କିରଣ ମଲ୍ଲିକ ଉଡ଼ାଣ ପାଇଁ ଉଦ୍ୟମ କରୁଥିଲେ। ହେଲେ ରନ୍‌ୱେରୁ ବିମାନଟି ବାହାରିଯାଇ ଡ୍ରେନ୍‌ରେ ପିଟି ହୋଇଯାଇଥିଲା। ତୁରନ୍ତ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଟ୍ରେନି ପାଇଲଟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୀରାଶାଳ ମେଡିକାଲରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଆଘାତ ଲାଗିଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଦୁର୍ଘଟଣାରେ ଜଣେ ପାଇଲଟ୍ ଛାତ୍ର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ଭୁବନେଶ୍ୱରରୁ ବିଶେଷଜ୍ଞ ଦଳ ଆସି ଏହାର ତଦନ୍ତ କରିବେ। ଏସ୍‌ପି ଏଲ୍. ଦିବ୍ୟା ଭି. କହିଛନ୍ତି, ବୀରାଶାଳ ଏୟାରଷ୍ଟ୍ରିପରେ ବିମାନ ଦୁର୍ଘଟଣାକୁ ନେଇ ପୋଲିସ ପକ୍ଷରୁ କଙ୍କଡ଼ାହାଡ଼ ଥାନାରେ ଏକ ଷ୍ଟେଶନ ଡାଏରୀ କରାଯାଇଛି। କଙ୍କଡ଼ାହାଡ଼ ତହସିଲଦାର ରମେଶ କୁମାର ଜେନା କହିଛନ୍ତି, ଦୁର୍ଘଟଣା ଖବରପାଇ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲି। ବିମାନଟି ରନ୍‌ୱେରେ ଗଡୁଥିବା ସମୟରେ କୌଣସି କାରଣବଶତଃ ଡ୍ରେନ୍ ଭିତରକୁ ଖସିପଡ଼ିଥିଲା। ପାଇଲଟ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଜୁନ୍ ୮ ସକାଳ ୬ଟା ୪୦ରେ ଏକ ପ୍ରଶିକ୍ଷଣ ବିମାନ ଶହେ ଫୁଟ ଉଚ୍ଚରୁ ଖସିପଡ଼ିବାରୁ ଏଥିରେ ଥିବା ମୁଖ୍ୟ ପ୍ରଶିକ୍ଷକ (ପାଇଲଟ ଟ୍ରେନର) ଝାଡ଼ଖଣ୍ଡ ସିଂହଭୂମ ଜିଲାର କ୍ୟାପଟେନ ସଞ୍ଜୀବ କୁମାର ଝା ଓ ଟ୍ରେନି ପାଇଲଟ ଚେନ୍ନାଇର ଅନିଶ ଫାତିମାଙ୍କ ମୃତ୍ୟୁ ହୋଇଥିଲା।

## ସଙ୍ଗଠନ କଥା...

ପୂର୍ବତନ ମନ୍ତ୍ରୀମାନେ ତାହା ଏକ ନିରନ୍ତର ପ୍ରକ୍ରିୟା ବୋଲି କହୁଛନ୍ତି, ତେବେ ସେମାନଙ୍କ ମନରେ କେତେକାଂଶ କ୍ଷୋଭ ରହିଥିବା ବାରି ହୋଇପଡୁଥିଲା। ଜଗତ୍‌ସିଂହପୁର ଜିଲାରୁ ଏକମାତ୍ର ମନ୍ତ୍ରୀ ହୋଇଥିବା ରଘୁନନ୍ଦନ ଦାସ ନିଜ ଜିଲାରୁ କାହାରିକୁ ମନ୍ତ୍ରୀ ପଦବୀ ମିଳି ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲାରୁ କାହାକୁ ମନ୍ତ୍ରୀ କରିଥିଲେ ଭଲ ହୋଇଥାଆନ୍ତା ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।


୨୦୨୪ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି। ବିବାଦୀୟ ମନ୍ତ୍ରୀଙ୍କୁ ବାଦ୍ ଦେଇ ମୁଖ୍ୟମନ୍ତ୍ରୀ ଏଥର ସ୍ୱଚ୍ଛ ଚେହେରା ଥିବା ବ୍ୟକ୍ତିଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ନେଇ ଚର୍ଚ୍ଚା ହେଉଛି। ବାଦ୍ ପଡ଼ିଥିବା ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅସନ୍ତୁଷ୍ଟ କରିବାକୁ ଚାହୁଁନାହାନ୍ତି। ସେମାନଙ୍କୁ ନୂଆ ସାଙ୍ଗଠନିକ ଦାୟିତ୍ୱ ଦେବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଦାୟିତ୍ୱ ମିଳିବ ବୋଲି କୁହାଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମ ପାଳିର ୩ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଇତିମଧ୍ୟରେ ପଞ୍ଚାୟତ, ମ୍ୟୁନିସିପାଲିଟି ନିର୍ବାଚନ, ବ୍ରଜରାଜନଗର ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାୟ ମଧ୍ୟ ସରକାରଙ୍କ ସପକ୍ଷରେ ଯାଇଛି। ଏବେ ମୁଖ୍ୟମନ୍ତ୍ରୀ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଫୋକସ କରୁଥିବା ବେଳେ ବାଦ୍ ପଡ଼ିଥିବା ମନ୍ତ୍ରୀମାନଙ୍କୁ ଏହି କାମରେ ନିୟୋଜିତ କରାଯିବ ବୋଲି ରାଜନୈତିକ ମହଲରେ ଚାଲିଛି ଚର୍ଚ୍ଚା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**



କର୍ମକ୍ଷେତ୍ରର ଜଟିଳତାକୁ ସରଳୀକରଣ କରିବାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ମନର ଅସନ୍ତୋଷକୁ କଠୋର ଭାବେ ପ୍ରକାଶ କରିପାରନ୍ତି। ସ୍ୱାସ୍ଥ୍ୟ, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିପାରନ୍ତି। ପରିବହନ, ନିର୍ମାଣ, କାରିଗରି, ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

**ବୃଷ**



ଛୋଟ ଛୋଟ ସାଧାରଣ କଥାକୁ ନେଇ ମାନସିକ ସ୍ତରରେ ଉତ୍ତେଜିତ ରହିବେ। କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ**



କାର୍ଯ୍ୟବ୍ୟସ୍ତତା ମଧ୍ୟରେ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ମଧ୍ୟ ରହିପାରିବେ ନାହିଁ। ପୁନର୍ବସୁର ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। ବ୍ୟବସାୟୀମାନେ ପରିବହନରେ କାମ ହାସଲ କରିବେ। ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ଉପକୃତ ହୋଇପାରନ୍ତି।

**କର୍କଟ**



ଅଧୁରା କାମକୁ ଆଜି ସମ୍ପନ୍ନ କରିବାରେ ସମର୍ଥ ହେବେ। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରା, ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ନିଜକୁ ସାମିଲ କରିପାରନ୍ତି। ଜମିଜମା, ମାଲିମକଦ୍ଦମା, ନିର୍ମାଣ, ଯୋଗାଯୋଗ, ସାମ୍ବାଦିକତା, ଏଜେନ୍ସିପ୍‌ରେ ପ୍ରତିଷ୍ଠାର୍ଜନ କରିବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନାହିଁ।

**ସିଂହ**



କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରିଦେଇପାରନ୍ତି। ପୁନଶ୍ଚ ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା**



କର୍ମକ୍ଷେତ୍ରର ବିଦ୍ୟମାନ ପରିସ୍ଥିତି କ୍ରମଶଃ ବଦଳିଯିବ। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ତଥାପି ଆଲୋଚନା ପରିସରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସାବଧାନ ରହନ୍ତୁ ନତୁବା, ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**



କଠୋର ଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟହାନି ଚିନ୍ତାର କାରଣ ହୋଇପାରେ। ମାଙ୍ଗଳିକ କାମରେ ସମସ୍ୟା ସୃଷ୍ଟିର ସମ୍ଭାବନା ରହିଛି। ଅବଶ୍ୟ ପରିସ୍ଥିତି ପ୍ରତି ସତର୍କ ରହି କାମ କରନ୍ତୁ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା ଅଦଳବଦଳ ହୋଇଯାଇପାରେ।

**ବିଛା**




କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ମତଦ୍ୱୈଧ ଘଟିବ। ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପଡ଼ୋଶୀଙ୍କ ସହ ପିଲାମାନଙ୍କୁ କେନ୍ଦ୍ରକରି ବିବାଦଗ୍ରସ୍ତ ହୋଇପାରନ୍ତି।

**ଧନୁ**



ସତର୍କରେ ନ ଚଳିଲେ କେତେକ ସମ୍ଭାବ୍ୟ ଅସୁବିଧା ଭୋଗ କରିବାକୁ ପଡ଼ିପାରେ। କୌଣସି କଥାରେ ଅନ୍ୟମାନଙ୍କୁ ପୂର୍ଣ୍ଣ ବିଶ୍ୱାସକରି କାମ କରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ପଡ଼ୋଶୀମାନେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ମଧ୍ୟ କଳହ କରିବେ।

**ମକର**



ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ଆପଣଙ୍କୁ ବହୁ ସାହାଯ୍ୟ କରିବ। ବନ୍ଧୁମାନଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧିପାଇବ।

**କୁମ୍ଭ**



କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତି ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ**



ସମ୍ପର୍କୀୟଙ୍କ ସହଯୋଗ ମିଳିବ। କୌଣସି ମୂଲ୍ୟବାନ୍ ଜିନିଷ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ସଙ୍ଗଠନ କିମ୍ବା ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ପର କ୍ଷଣରେ ସମସ୍ୟା ସୃଷ୍ଟି କରିପାରେ।

## ଆତଙ୍କବାଦୀ ୱାଲିଉଲ୍ଲାଙ୍କୁ...

୨୦୦୬ ମାର୍ଚ୍ଚ ୭ ତାରିଖ ସନ୍ଧ୍ୟା ୬ଟା ୧୫ରେ ପ୍ରଥମ ବିସ୍ଫୋରଣ ଲଙ୍କା ଥାନା ଅନ୍ତର୍ଗତ ସଙ୍କଟମୋଚନ ମନ୍ଦିର ପରିସରରେ ହୋଇଥିଲା। ଏହାର ୧୫ ମିନିଟ ପରେ ବାରାଣସୀ କ୍ୟାଣ୍ଟନମେଣ୍ଟ ରେଳଷ୍ଟେଶନର ପ୍ରଥମ ଶ୍ରେଣୀ ରିଟାୟାରିଂ ରୁମ୍ ବାହାରେ ଦ୍ୱିତୀୟ ବିସ୍ଫୋରଣ ହୋଇଥିଲା। ସେହିଦିନ ଦଶାଶ୍ୱମେଧ ଥାନା ଅନ୍ତର୍ଗତ ରେଳୱେ କ୍ରସିଂ ରେଲିଂ ନିକଟରୁ ଏକ କୁକର୍ ବୋମା ଜବତ ହୋଇଥିଲା। ବାରାଣସୀର ଓକିଲମାନେ ଅଭିଯୁକ୍ତଙ୍କ ପାଇଁ ଲଢ଼ିବାକୁ ମନା କରିଦେବା ପରେ ଆଲ୍ଲାହାବାଦ ହାଇକୋର୍ଟ ମାମଲାକୁ ଗାଜିଆବାଦ ଜିଲା ଅଦାଲତକୁ ପଠାଇ ଦେଇଥିଲେ। ୩ ମାମଲାରେ ମୋଟ ୧୨୧ ଜଣ ସାକ୍ଷୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୱାଲିଉଲ୍ଲା ବାଂଲାଦେଶ ହରକତ୍-ଉଲ୍-ଜିହାଦ ଅଲ ଇସ୍‌ଲାମୀ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ଏବଂ ବିସ୍ଫୋରଣର ମାଷ୍ଟରମାଇଣ୍ଡ ବୋଲି ତଦନ୍ତକାରୀ ସ୍ପେଶାଲ ଟାସ୍କଫୋର୍ସ ଜାଣିବାକୁ ପାଇଥିଲା।

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। –ଶ୍ରୀମା



# ନୀତୀଶଙ୍କ ଅସ୍ତ୍ର 'ଜାତି'

କେନ୍ଦ୍ରର ଭାଜପା ସରକାର ବିଦେଶରୁ ଯନ୍ତ୍ରପାତି ମଗାଇ ପ୍ରତ୍ୟେକ ନାଗରିକଙ୍କ 'ଗୁଣସୂତ୍ରର ଶୃଙ୍ଖଳା' ଯାଞ୍ଚ ପାଇଁ ଡିଏନ୍ଏ ପରୀକ୍ଷା କରାଇବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଣା ଆଧାରରେ କାର୍ଡଠାରୁ ବହୁ ଆଗକୁ ଚାଲିଯାଇଛି। ଆଧାରରେ କେବଳ ଅନ୍ତରଙ୍ଗ ତଥ୍ୟ ଯୋଗାଡ଼ କରାଯାଉଛି କିନ୍ତୁ ଅନେକ ହଜାର କୋଟି ଟଙ୍କା ବ୍ୟୟରେ ଡିଏନ୍ଏ ପରୀକ୍ଷା ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କ ଗୁଣସୂତ୍ରକୁ ଜାଣିବା ପାଇଁ ଉଦ୍ୟମ କରାଯିବ। ଏହି ତଥ୍ୟ ନେଇ ସରକାର କେବଳ ମାତ୍ର ବ୍ୟବସାୟିକ ବ୍ୟବହାର କରିପାରିବେ। ଅନ୍ୟପଟେ ବିହାର ରାଜ୍ୟ ସରକାର ଏକ ଭିନ୍ନ ଦିଗକୁ ମୁହାଁଇଛନ୍ତି। ରାଜନୀତିରେ କେବଳ ହିନ୍ଦୁ–ମୁସଲମାନ ବିଭାଜନ ହୋଇଗଲେ ଉତ୍ତର ଭାରତ ଓ ହିନ୍ଦୀଭାଷୀ ରାଜ୍ୟର ଆଞ୍ଚଳିକ ଦଳଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ସେଥିପାଇଁ ହୁଏତ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାର ଜାତିଗତ ଜନଗଣନା କରାଇବାକୁ ଘୋଷଣା କଲେଣି। ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)କୁ ନେଇ ଜନଗଣନା କରାଇବା ସକାଶେ ନୀତୀଶଙ୍କ ଏହି ନିଷ୍ପତ୍ତି ସହଯୋଗୀ ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଦେଖିବାକୁ ଗଲେ ଦେଶର ସବୁ ଶାସକ ସାମାଜିକ ବିଭାଜନ ସୃଷ୍ଟି କରି ବିଦ୍ବେଷ ବଢ଼ାଇବାରେ ଲାଗିପଡ଼ିଛନ୍ତି। ୨୦୧୬ ମସିହାର ବିମୁଦ୍ରୀକରଣ ମାଧ୍ୟମରେ ଗରିବ ଓ ଧନୀଙ୍କ ମଧ୍ୟରେ ତାରତମ୍ୟ ବଢ଼ାଇ ରାଜନୈତିକ ଲାଭ ଉଠାଯାଇଥିଲା। ୨୦୧୫ ସେପ୍ଟେମ୍ବର ୨୮ରେ ଉତ୍ତର ପ୍ରଦେଶର ଦାଦ୍ରିରେ ମହମ୍ମଦ ଅଖଲାଖଙ୍କୁ ପିଟି ହତ୍ୟା କରିବା ଭଳି ହିଂସାତ୍ମକ ଘଟଣା ଘଟାଇ ଲଗାତର ଭାବେ ହିନ୍ଦୁ ଓ ମୁସଲମାନଙ୍କ ଦୂରତାକୁ ବୃଦ୍ଧି କରାଯାଉଛି। ଯେହେତୁ ଧର୍ମୀୟ ବିଭେଦରେ କେବଳ ଭାଜପା ଫାଇଦା ଉଠାଇପାରୁଛି, ସେଥିପାଇଁ ନୀତୀଶଙ୍କ ଭଳି ନେତା ଜାତି ଆଧାରରେ ଜନଗଣନା କରାଇବାକୁ ଉଦ୍ୟମ ଚଳାଇଛନ୍ତି। ୨୦୨୪ରେ ଦେଶରେ ଲୋକ ସଭା ନିର୍ବାଚନ ଓ ଏହାର ବର୍ଷକ ପରେ ବିହାରରେ ବିଧାନସଭା ଭୋଟ ହେବାକୁ ଥିବାବେଳେ ୨୦୨୩ ଫେବୃଆରୀ ସୁଦ୍ଧା ନିଜସ୍ୱ ପାଣ୍ଠିରେ ଜାତିଭିତ୍ତିକ ଜନଗଣନା ଶେଷ କରିବାକୁ ନୀତୀଶଙ୍କ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଭାଜପା କେବଳ ଉଚ୍ଚ ଜାତିର ହିନ୍ଦୁମାନଙ୍କୁ ଗୁରୁତ୍ୱ ଦେବାବେଳେ ଆଞ୍ଚଳିକ ଦଳଗୁଡ଼ିକ ନିଜକୁ ସୁହାଇଲା ଭଳି ଜାତିଭିତ୍ତିକ ଜନଗଣନା କରାଇବାକୁ ଚାହୁଁଛନ୍ତି।

> ଯେହେତୁ ଧର୍ମୀୟ ବିଭେଦରେ କେବଳ ଭାଜପା ଫାଇଦା ଉଠାଇପାରୁଛି, ସେଥିପାଇଁ ନୀତୀଶଙ୍କ ଭଳି ନେତା ଜାତି ଆଧାରରେ ଜନଗଣନା କରାଇବାକୁ ଉଦ୍ୟମ ଚଳାଇଛନ୍ତି। ୨୦୨୪ରେ ଦେଶରେ ଲୋକ ସଭା ନିର୍ବାଚନ ଓ ଏହାର ବର୍ଷକ ପରେ ବିହାରରେ ବିଧାନସଭା ଭୋଟ ହେବାକୁ ଥିବାବେଳେ ୨୦୨୩ ଫେବୃଆରୀ ସୁଦ୍ଧା ନିଜସ୍ୱ ପାଣ୍ଠିରେ ଜାତିଭିତ୍ତିକ ଜନଗଣନା ଶେଷ କରିବାକୁ ନୀତୀଶଙ୍କ କ୍ୟାବିନେଟ ମଞ୍ଜୁରୀ ଦେଇଛି।

ଉତ୍ତର ଭାରତ ତଥା ହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ଜାତିପ୍ରଥାର ପ୍ରାଧାନ୍ୟ ଓ ଜାତି ଆଧାରିତ ରାଜନୀତିର ପ୍ରାଦୁର୍ଭାବ ଅଧିକ ଦେଖିବାକୁ ମିଳିଥାଏ। ଉଚ୍ଚ ଜାତିର ଲୋକେ ନିଜକୁ ଆର୍ଯ୍ୟ ବିବେଚନା କରି ନିମ୍ନ ବର୍ଣ୍ଣ ଓ ସଂଖ୍ୟାଲଘୁ ଲୋକଙ୍କୁ ନିର୍ଯାତନା ଦେଉଥିବାର ଅନେକ ଘଟଣା ଘଟିପାରିଛି। ନିର୍ବାଚନ ବେଳେ ଦଳୀୟ ଟିକେଟ ବଣ୍ଟନ ହେଉ କି ସରକାରୀ ନିଯୁକ୍ତି, ସବୁଠି ଜାତିକୁ ଆଧାର କରାଯାଇଥାଏ। ତେଣୁ ସବୁ ଜାତିକୁ ନେଇ ଜନଗଣନା କରାଗଲେ ବିଭିନ୍ନ ସାମାଜିକ ଗୋଷ୍ଠୀଙ୍କ ପାଇଁ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିବାରେ ସୁବିଧା ହେବ ଏବଂ ଯାହାଙ୍କ ପାଇଁ ଯେଉଁ ଯୋଜନା ଉଦ୍ଦିଷ୍ଟ ତାହାର ଲାଭ ସମ୍ପୃକ୍ତ ହିତାଧିକାରୀମାନଙ୍କ ପାଖରେ ପହଞ୍ଚାଇପାରିବ ବୋଲି ନୀତୀଶ ସରକାର ଯୁକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷେ ଭାଜପା ଜାତିଭିତ୍ତିକ ଜନଗଣନାକୁ ହିନ୍ଦୁ ଏକତା ବିରୋଧୀ ବିବେଚନା କରି ଭୋଟବ୍ୟାଙ୍କ ଭାଙ୍ଗିଯିବା ଭୟରେ ଆପତ୍ତି କରିଆସିଛି। ଜାତି ଆଧାରରେ ମୁଣ୍ଡ ଗଣତି କରାଇବାକୁ କେନ୍ଦ୍ର ସରକାର ଚାହୁଁନାହାନ୍ତି ବୋଲି ୨୦୨୧ ଜୁଲାଇ ୨୦ରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଲୋକ ସଭାରେ ସ୍ପଷ୍ଟ କରିଥିଲେ। ଗତ ଜୁନ୍ ୧ରେ ବିହାର ସଚିବାଳୟରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଜାତିଭିତ୍ତିକ ଜନଗଣନା ପ୍ରସ୍ତାବକୁ ଭାଜପା ବିରୋଧ କରିପାରି ନ ଥିଲା। କିନ୍ତୁ ଭାରତୀୟ ସମ୍ବିଧାନର ସପ୍ତମ ପରିଚ୍ଛେଦ ଅନୁସାରେ ଏପରି ଜନଗଣନା କରାଇବା ଅଧିକାର କେବଳ କେନ୍ଦ୍ର ସରକାରଙ୍କର ରହିଛି ବୋଲି ଭାଜପା ପକ୍ଷରୁ ପରେ କୁହାଯାଇଥିଲା। ୨୦୨୪ ନିର୍ବାଚନକୁ ଲକ୍ଷ୍ୟ କରି ଉତ୍ତରପ୍ରଦେଶରେ ଗୈରିକ ଦଳ ଧ୍ରୁବୀକରଣ ରାଜନୀତି ଚଳାଉଥିବାବେଳେ ଏବେ ନୀତୀଶ ଜାତିଭିତ୍ତିକ ଜନଗଣନାକୁ ଅସ୍ତ୍ର କରି ଏକ ଭିନ୍ନ ସନ୍ଦେଶ ଦେଉଛନ୍ତି।

ଅତୀତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାଜପା ସହ ନୀତୀଶଙ୍କ ମତଭେଦ ଦେଖିବାକୁ ମିଳିଛି। ତେଣୁ ନୀତୀଶଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) କୌଣସି ସମୟରେ ଭାଜପାକୁ ଛାଡ଼ି ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସହ ପୁନର୍ବାର ମେଣ୍ଟ କରିପାରେ ବୋଲି ଚର୍ଚ୍ଚା ହେଉଛି। ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗକୁ ଆଗକୁ ବଢ଼ାଇବାରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ବଡ଼ ଭୂମିକା ଥିବାରୁ ଏଠି ଆଉ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ। ଜେଡିୟୁ ନେତା ରାମଚନ୍ଦ୍ର ପ୍ରସାଦ ସିଂଙ୍କ ରାଜ୍ୟ ସଭା ସଦସ୍ୟତା ଜୁଲାଇ ୬ରେ ଶେଷ ହେବ। ଦଳୀୟ କୋଟାରୁ କେନ୍ଦ୍ରରେ ଇସ୍ପାତ ମନ୍ତ୍ରୀ ହୋଇଥିବା ଆର୍‌ସିପି ସିଂଙ୍କ ଟିକେଟ କାଟିଦେଇ ୨୧ରେ ଦଳର ଝାଡ଼ଖଣ୍ଡ ସଭାପତି ଖିରୁ ମହତୋଙ୍କୁ ନୀତୀଶ ରାଜ୍ୟ ସଭା ପ୍ରାର୍ଥୀ କରାଇଛନ୍ତି। ଉଭୟଙ୍କ ମଧ୍ୟରେ ତିକ୍ତତା କେତେ ବଢ଼ିଯାଇଛି ତାହା ଆର୍‌ସିପି ସିଂଙ୍କ ଟୁଇଟର ଆକାଉଣ୍ଟକୁ ଦେଖିଲେ ବୁଝିହେବ। ଟିକେଟରୁ ବଞ୍ଚିତ ହେବା ପରେ ଆର୍‌ସିପି ସିଂ କହିଛନ୍ତି, ତାଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଷ୍ପତ୍ତି ନେବେ। ତେଣୁ ଜାତିଭିତ୍ତିକ ଜନଗଣନା ବାହାନାରେ ନୀତୀଶ କୁମାର ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି।

# ଇଲେକ୍ଟୋରାଲ ବଣ୍ଡର ଅସଲ କଥା

ଶ୍ରୀଗିରିଶ ଜଲିହାଲ
ମେୟର, ଦି ରିପୋର୍ଟର୍ସ କଲେକ୍ଟିଭ
ପୁନମ୍ ଅଗ୍ରୱାଲ
ଇଣ୍ଡିପେଣ୍ଡେଣ୍ଟ ଇନ୍‌ଭେଷ୍ଟିଗେଟିଭ ଜର୍ଣ୍ଣାଲିଷ୍ଟ

ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ କମ୍ପାନୀ ଏବଂ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦତ୍ତ ଗୋପନୀୟ ରାଜନୈତିକ ପାଣ୍ଠି ଭାରତର ୨୮୦୦ ରାଜନୈତିକ ଦଳ ମଧ୍ୟରୁ ବାସ୍ତବରେ ୧୯ଟି ଦଳ ପାଇଛନ୍ତି। ହେଲେ ନିର୍ବାଚନ କମିଶନ(ଇସି)ଙ୍କ ତାଲିକାରେ ରହିଛନ୍ତି ୧୭ଟି ଦଳ। କେବଳ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ତିନିବର୍ଷରେ ପ୍ରାପ୍ତ ମୋଟ ୬,୨୦୧ କୋଟି ଟଙ୍କାର ୬୮% ପାଣ୍ଠି ଯୋଗାଡ଼ କରିପାରିଛି ବୋଲି କଲେକ୍ଟିଭ ରିପୋର୍ଟର୍ସ ଦ୍ୱାରା ବହୁ ସାକ୍ଷାତକାର ଏବଂ ବାର୍ଷିକ ଅଡିଟ ରିପୋର୍ଟକୁ ସମୀକ୍ଷା କରିବା ପରେ ଜଣାପଡ଼ିଛି। ଇଲେକ୍ଟୋରାଲ ବଣ୍ଡଗୁଡ଼ିକ ମାଧ୍ୟମରେ ୧୦୫ଟି ରାଜନୈତିକ ଦଳ ଟଙ୍କା ପାଇଥିବା ଯାହା କୁହାଯାଉଛି ଏବଂ ରାଜନୈତିକ ଦଳଗୁଡ଼ିକୁ ଦାତାମାନେ ଟଙ୍କା ଦାନ କରିବାରେ ବଣ୍ଡ ଏକ ପ୍ରଭାବୀ ମାଧ୍ୟମ ବୋଲି ଭାଜପା ଯାହା ଦାବି କରୁଛି, ଆମ ଅନୁଧ୍ୟାନଭିତ୍ତିକ ନିଷ୍କର୍ଷ ତାହାର ବିପରୀତ ସ୍ଥିତିକୁ ସାମ୍ନାକୁ ଆଣିଛି।

୨୦୧୭ ଏବଂ ୨୦୧୮ରେ କର୍ପୋରେଟ କମ୍ପାନୀ ଏବଂ ବ୍ୟକ୍ତିମାନେ ସୀମାହୀନ ଭାବେ ରାଜନୈତିକ ଦଳଗୁଡ଼ିକୁ ଦେଉଥିବା ଇଲେକ୍ଟୋରାଲ ବଣ୍ଡର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିସନ ଦାୟର କରାଯାଇଥିଲା। କେଉଁ ଦଳ କେତେ ପରିମାଣର ଇଲେକ୍ଟୋରାଲ ବଣ୍ଡ ପାଇଛନ୍ତି ସେଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ସମ୍ପର୍କରେ ତଥ୍ୟ ଯୋଗାଇ ଦେବା ଲାଗି ନିର୍ବାଚନ କମିଶନ (ଇସି)ଙ୍କୁ ୧୨ ଏପ୍ରିଲ ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ଏକ ଜଉମୁଦ ଲଫାପାରେ ଦେବା ପାଇଁ କୋର୍ଟ କହିଥିଲେ। ପରେ କୋର୍ଟଙ୍କ ପ୍ରଶ୍ନର ଉତ୍ତର ରଖିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ଇସି ଲେଖିଥିଲେ। ଇସିଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ୨,୮୦୦ ରାଜନୈତିକ ଦଳ ମଧ୍ୟରୁ ୧୦୫ଟି ଏହାର ଉତ୍ତର ଦେଲେ। ଫେବୃଆରୀ ୨୦୨୦ରେ ଦଳଗୁଡ଼ିକ ଦେଇଥିବା ଉତ୍ତରକୁ ଜଉମୁଦ ଲଫାପାରେ ଇସି ସର୍ବୋଚ୍ଚ ଅଦାଲତଙ୍କୁ ପ୍ରଦାନ କରିଥିଲେ। ଏହି ତାଲିକାରେ ରହିଥିଲା ୭ ଜାତୀୟ ଦଳ, ଜାତୀୟ ଦଳଗୁଡ଼ିକର ୩ ରାଜ୍ୟ ଶାଖା, ୨୦ ଆଞ୍ଚଳିକ ବା ରାଜ୍ୟସ୍ତରୀୟ ଦଳ, ସ୍ଥାୟୀ ନିର୍ବାଚନ ଚିହ୍ନ ନ ଥାଇ ନିର୍ବାଚନ ଲଢ଼ୁଥିବା ଅଜଣା ୭୦ ପଞ୍ଜୀକୃତ ଦଳ ଏବଂ ୫ ଅଜଣା ରାଜନୈତିକ ସଂସ୍ଥା। ଦୁଇବର୍ଷ ବିତିଯାଇଥିଲେ ବି କୋର୍ଟ ଏଯାବତ ଲଫାପାକୁ ଖୋଲି ନାହାନ୍ତି।

ଇସିଙ୍କୁ ଉତ୍ତର ଦେଇଥିବା ଓ ଜଣାଶୁଣା ନ ଥିବା ୭୦ ପଞ୍ଜୀକୃତ ଦଳ ମଧ୍ୟରୁ ୫୩ଟିର ମୁଖ୍ୟଙ୍କ ସହ ଆଲୋଚନା, ପରିପ୍ରେକ୍ଷୀକୁ ପଠାଉଥିବା ସବୁ ଚିଠିର ସମୀକ୍ଷା ଏବଂ ରାଜନୈତିକ ଦଳଗୁଡ଼ିକର ଫାଇଲ କରିଥିବା ବାର୍ଷିକ ଅଡିଟ ରିପୋର୍ଟକୁ ଭଲ ଭାବେ ମନ୍ଥନ କରି ବହୁ ତଥ୍ୟ ସମ୍ପର୍କରେ ଜାଣିବାକୁ ପାଇଛି ରିପୋର୍ଟର୍ସ କଲେକ୍ଟିଭ। ଜାଣିବାକୁ ମିଳିଛି ଯେ, ଇସିଙ୍କ ଜଉମୁଦ ଲଫାପାରେ ପ୍ରଦତ୍ତ ୧୦୫ ରାଜନୈତିକ ଦଳ ମଧ୍ୟରୁ କେବଳ ୧୭ଟି ଦଳ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ପାଣ୍ଠି ପାଇଛନ୍ତି। ଏହି ୧୭ଟି ଦଳ ମଧ୍ୟରେ ୨୦୧୭–୧୮ ଏବଂ ୨୦୧୯–୨୦ ବିତ୍ତୀୟ ବର୍ଷ ମଧ୍ୟରେ କିଣାଯାଇଥିବା ମୋଟ ଇଲେକ୍ଟୋରାଲ ବଣ୍ଡର ସୁଦ୍ଧା ଅଧିକ ଅଂଶ ୬୭.୯% କିମ୍ବା ୪,୨୧୫.୮୯ କୋଟି ଟଙ୍କା ଭାଜପା ପାଉଥିଲାବେଳେ କଂଗ୍ରେସ ୧୧.୩% କିମ୍ବା ୭୦୬.୧୨ କୋଟି ଟଙ୍କା ପାଇଥିଲା। ଏହା ପଛକୁ ତୃତୀୟରେ ରହିଛି ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି)। ଏହା ୪.୨% କିମ୍ବା ୨୬୪ କୋଟି ଟଙ୍କା ପାଇଛି। ଏହି ତିନୋଟି ଦଳ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଅନୁଦାନର ୮୩.୪% ପାଉଥିବାବେଳେ ଅନ୍ୟ ଜାତୀୟ ଏବଂ ଆଞ୍ଚଳିକ ଦଳଗୁଡ଼ିକ ମୋଟ୍ ବଣ୍ଡର ୧୬.୬% ଅର୍ଥାତ୍ ୧,୦୨୬ କୋଟି ଟଙ୍କାରୁ ଅଧିକ ପାଇଥିଲେ। ଅନ୍ତତଃ, ଦ୍ରାବିଡ ମୁନ୍ନେତ୍ର କାଜାଗାମ (ଡିଏମ୍‌କେ) ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ବଣ୍ଡ ମାଧ୍ୟମରେ ଟଙ୍କା ପାଇଥିଲେ ମଧ୍ୟ ଏହି ଦୁଇ ଦଳକୁ ଇସି ସୂଚୀଭୁକ୍ତ କରିନାହାନ୍ତି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଆବେଦନଗୁଡ଼ିକର



ଉତ୍ତରରୁ ଜଣାପଡ଼ିଛି ଯେ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ହିଁ କେବଳ ଇଲେକ୍ଟୋରାଲ ବଣ୍ଡ ଜାରି କରିବା ସହ ତାହାକୁ ଏନ୍‌କ୍ୟାଶ କରିବାର ଅଧିକାର ପାଇଛି। କିନ୍ତୁ ଇଲେକ୍ଟୋରାଲ ବଣ୍ଡ ପାଇବା ଓ ଏନକ୍ୟାଶ କରିବା ଲାଗି ଯୋଗ୍ୟ ୨୫ଟି ରାଜନୈତିକ ଦଳର ନାମ ଦେବା ଲାଗି ମନା କରିଲେଣି।

୪ ସେପ୍ଟେମ୍ବର ୨୦୧୭ରେ, ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ନାମକ ଏକ ଅଣଲାଭକାରୀ ସଂସ୍ଥା ଫାଇନାନ୍ସ ଆକ୍ଟ ୨୦୧୭ର ସଂଶୋଧିତ ମୁଖ୍ୟ ନିୟମଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଦାବି କରି ସୁପ୍ରିମ କୋର୍ଟରେ ଏକ ପିଟିସନ ଦାଏର କରିଥିଲା। ପରେ ୨୦୧୯ରେ ଏପ୍ରିଲ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଗ୍ରହଣ କରିଥିବା ପାଣ୍ଠିଗୁଡ଼ିକର ସବିଶେଷ ବିବରଣୀ ପ୍ରଦାନ କରିବାକୁ ରାଜନୈତିକ ଦଳଗୁଡ଼ିକୁ କୋର୍ଟ କହିଥିଲେ। ଇସି ମାର୍ଚ୍ଚ ୨୦୧୯ରେ କୋର୍ଟରେ ଏକ ଜବାବୀ ସତ୍ୟପାଠ ଦାଖଲ କରି କହିଥିଲେ ଯେ, ଅନୁଦାନଗୁଡ଼ିକର ସ୍ୱଚ୍ଛତା ଦୃଷ୍ଟିରୁ ବିଚାର କଲେ ଏହା ଏକ କ୍ଷତିକାରକ ପଦକ୍ଷେପ। ସେ ମଧ୍ୟ ସତର୍କ କରିଦେଇଥିଲେ ଯେ, ଆଇନର ସଂଶୋଧନ କାରଣରୁ କଳାଧନ ସୀମିତ କମ୍ପାନୀଗୁଡ଼ିକ ମାଧ୍ୟମରେ ରାଜନୈତିକ ପାଣ୍ଠି ସଂଗ୍ରହରେ କଳାଟଙ୍କାର ପ୍ରବେଶ କରାଇବ ଏବଂ ଭାରତରେ ରାଜନୈତିକ ଦଳଗୁଡ଼ିକୁ ଅନିୟନ୍ତ୍ରିତ ଭାବେ ବିଦେଶୀ ପାଣ୍ଠିଦାନରେ ଅନୁମତି ଦେବ। ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ଦ୍ୱାରା ଭାରତର ରାଜନୀତି ପ୍ରଭାବିତ ହୋଇପାରେ ବୋଲି ଇସି ସତର୍କ କରିଦେଇଥିଲା। ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲି ଇଲେକ୍ଟୋରାଲ ବଣ୍ଡ ଘୋଷଣା କରିବା ପରେ ପରେ ୨୦୧୭ରେ ପ୍ରସ୍ତାବିତ ଯୋଜନା ଉପରେ ରାଜନୈତିକ ଦଳଗୁଡ଼ିକର ମତାମତ ଚାହିଁଥିଲେ। ସେ ସମୟରେ ଭାଜପା ଏହାକୁ ଏକ ଉପାଦେୟ ସମୀକ୍ଷା ରୂପ ଦେଉଥିବାବେଳେ ଅନ୍ୟମାନେ ଏହା ଉପରେ ସନ୍ଦେହ ପ୍ରକଟ କରିଥିଲେ। କିନ୍ତୁ ୨୦୧୯ରେ ରିଜର୍ଭବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ)ର ଇଲେକ୍ଟୋରାଲ ବଣ୍ଡ ବିରୋଧକୁ କିଭଳି ଅଣଦେଖା କରାଯାଉଥିଲା, ପାର୍ଲାମେଣ୍ଟରେ ଇସିଙ୍କ ମନ୍ତବ୍ୟ ସମ୍ପର୍କରେ କିଭଳି ମିଛ କୁହାଯାଇଥିଲା ତାହା ଦର୍ଶାଇଥିଲା କଲେକ୍ଟିଭ ଦ୍ୱାରା ପ୍ରକାଶିତ ଅନୁଧ୍ୟାନଭିତ୍ତିକ ରିପୋର୍ଟ। ବଣ୍ଡଗୁଡ଼ିକ ଉପରେ ଏସ୍‌ବିଆଇ ଆର୍‌ଟିଆଇରେ ଭୁଲ ଉତ୍ତର ଦେଇଥିଲା। ୨୦୧୮–୨୦୧୯ରେ ପ୍ରତ୍ୟେକ ପରିମାଣର କେତେ ବଣ୍ଡ ବିକ୍ରି ହୋଇଥିଲା ତା'ପାଖରେ ତଥ୍ୟ ନ ଥିଲା ବୋଲି କହିଥିଲା। ଜୋର ଦେଇ କୁହାଯାଉପାରେ ଯେ, ଏହାର ରେକର୍ଡ ଭୁଲ ଥିଲା।

କଥା ହେଉଛି, ଅଜଣା ଅଖ୍ୟାତ ଭାବେ ରହିଥିବା ୭୦ ପଞ୍ଜୀକୃତ ଦଳଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶର ଲେବର ସମାଜ ପାର୍ଟିର ନାମ ସୁପ୍ରିମକୋର୍ଟରେ ଇସି ଦାଖଲ କରିଥିବା ତାଲିକାରେ ରହିଥିଲା। କିନ୍ତୁ ଏଡିଆର୍ ଅନୁଯାୟୀ, ଲେବର ସମାଜ ପାର୍ଟି ସମେତ ଅନ୍ୟ ୬୮ଟି ଦଳ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଅନୁଦାନ ଗ୍ରହଣ କରିବା ଲାଗି ଅଯୋଗ୍ୟ। ତେବେ ଇସିଙ୍କ ଦ୍ୱାରା ତାଲିକାଭୁକ୍ତ ୧୦୫ଟି ଦଳ ବଣ୍ଡ ମାଧ୍ୟମରେ ପାଣ୍ଠି ପାଇବା ଯୋଗ୍ୟ ବୋଲି ଯାହା କୁହାଯାଉଛି ତାହା ଭୁଲ। ଏହସବୁ ଦଳ ମଧ୍ୟରୁ ୫୪ଟିର ମୁଖ୍ୟଙ୍କ ସହ କଲେକ୍ଟିଭ ଆଲୋଚନା କରିଥିଲା। ଅନ୍ୟମାନଙ୍କ ସହ ସମ୍ପର୍କ ହୋଇପାରିନଥିଲା। ଲେବର ସମାଜ ପାର୍ଟି ପ୍ରତିଷ୍ଠାତା ଆଡଭୋକେଟ ବାବୁରାମ କହିଥିଲେ, ଇଲେକ୍ଟୋରାଲ ବଣ୍ଡ କ'ଣ ବୋଲି ସେ ଜାଣିନାହାନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୭୦୦ ଟଙ୍କା ଥିବା ସେ କହିଥିଲେ। ଏପରି କି ଗୁଜରାଟର ରାଇଟ୍ ଟୁ ରିକଲ୍ ପାର୍ଟିର କୌଣସି ବ୍ୟାଙ୍କ ଆକାଉଣ୍ଟ ନାହିଁବୋଲି ଏହାର ପ୍ରତିଷ୍ଠାତା ଅଧ୍ୟକ୍ଷ ରାହୁଲ ମେହେଟା ଜଣାଇଥିଲେ। ଗାଜିଆବାଦର ହିନ୍ଦୁସ୍ଥାନ ଆକ୍ରନ ପାର୍ଟିର ଏସ୍‌ବିଆଇ ଆକାଉଣ୍ଟ ନ ଥିବା ଜଣାପଡ଼ିଛି।

# ଅଶ୍ୱତ୍ଥମା ହତଃ



ଡ. ନିରଞ୍ଜନ ମିଶ୍ର

'ଗାଲୁଆଙ୍କ ବାରବାଟି ତାଷ'– ଏମିତି ଏକ କଥା ଓଡ଼ିଆରେ ଅଛି। ମହାଭାରତରେ ବାସୁଦେବ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ 'ଅଶ୍ୱତ୍ଥମା ହତଃ' ଉଚ୍ଚସ୍ୱରରେ ଓ 'ନରେ ବା କୁଞ୍ଜରେ' କ୍ଷୀଣ ସ୍ୱରରେ କହିବାକୁ ବାଧ୍ୟ କରିଥିଲେ। ସଦାବେଳେ ସତ କହୁଥିବା ଯୁଧିଷ୍ଠିରଙ୍କ କଥାରୁ ଦ୍ରୋଣାଚାର୍ଯ୍ୟ ନିଶ୍ଚିତ ହୋଇଗଲେ ଯେ, ତାଙ୍କ ପୁଅ ଅଶ୍ୱତ୍ଥମାର ମୃତ୍ୟୁ ଘଟିଛି। ତେଣୁ ସେ ଭାଙ୍ଗି ପଡ଼ିଲେ। କିନ୍ତୁ ପ୍ରକୃତରେ ସେହି ନାମଧାରୀ ଏକ ହାତୀ ମରିଥିଲା। ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିଧନ କରିବା ପାଇଁ ଏଭଳି ଏକ ଅର୍ଦ୍ଧସତ୍ୟ ବା ଗାଲୁଆମି କରିବାର ଆବଶ୍ୟକତା ଥିଲା ବୋଲି ବ୍ୟାସଦେବ ବର୍ଣ୍ଣନା କରିଛନ୍ତି। ମହାଭାରତ ଯୁଦ୍ଧକୁ ଆମେ ଧର୍ମଯୁଦ୍ଧ ବୋଲି କହୁ। କିନ୍ତୁ ଯାବତୀୟ ବେନିୟମ କାମ ଏଠି ଦେଖିବାକୁ ମିଳେ। ସୁଦର୍ଶନ ଚକ୍ରକୁ ବ୍ୟବହାର ନ କରିବା ପାଇଁ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନ ଓ ଅର୍ଜୁନଙ୍କୁ କଥା ଦେଇଥିଲେ। କିନ୍ତୁ ଆମେ ଶୁଣିଛୁ ଯେ, ପ୍ରଥମେ ସୁଦର୍ଶନ ଚକ୍ରରେ ସେ ବେଲାଲସେନର ମୁଣ୍ଡକୁ କାଟିଲେ। ସର୍ବଶେଷରେ ବେଲାଲସେନ କହିଛି ଯେ, ଏକ ଚକ୍ର ସମସ୍ତଙ୍କୁ ମାରିଛି। ପ୍ରସ୍ତରେ ଥାଇ ସେ ଅଠର ଦିନ ଏସବୁ ଦେଖିଛି। ଏବେ ତ ଅସଲ ମହାଯୁଦ୍ଧ ଚାଲିଛି ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ। ଏ ଆଲେଖ୍ୟ ଲେଖା ହେଲା ବେଳକୁ ଅଶୀଦିନ ବିତିଗଲାଣି। ୟୁକ୍ରେନ୍‌ର ନିରୀହ ଲୋକମାନେ ରକ୍ତନଦୀ ସନ୍ତରଣ କରୁଛନ୍ତି। ଫିନ୍‌ଲାଣ୍ଡକୁ ମାତ୍ର ଦଶ ସେକେଣ୍ଡରେ ଓ ଇଂଲଣ୍ଡକୁ ତିନି ମିନିଟ୍‌ରେ ଉଡ଼େଇଦେବେ ବୋଲି ପୁଟିନ୍ ଦେଖାଉଛନ୍ତି। ସଦାମ ହୁସେନ ରୁଷିଆରୁ ସ୍କଡ୍ ମିସାଇଲ କିଣି ବ୍ୟବହାର କରୁଥିଲେ। ତାକୁ ଆମେରିକା ପାଟ୍ରିୟଟ ମିସାଇଲରେ ଆକାଶରେ ଧ୍ୱଂସ କରି ଦେଉଥିଲା। ଏକଥା ପୁଟିନ୍ ଭୁଲିଗଲେ କି? ଉଭୟ ଜେଲେନ୍‌ସ୍କି ଓ ପୁଟିନ୍‌ଙ୍କ ଗାଲୁଆମି ଏ ଯୁଦ୍ଧ ସମୟରେ ଶୁଣି ଶୁଣି ଆମ କାନ ବଧିରା ହୋଇଗଲାଣି।

କିଛି ନ ଜାଣି ସବୁ ଜାଣିଲା ପରି କହିବା ଓ ସବୁ ଜାଣି କିଛି ନ ଜାଣିଲା ପରି ରହିବା– ଉଭୟ ଅବସ୍ଥାକୁ 'ଗାଲୁଆମି' କୁହାଯାଇପାରିବ। ଏ ପ୍ରସଙ୍ଗରେ ଏକ ସୁନ୍ଦର ଗପ ଅଛି। ଥରେ ଜଣେ ଗୁରୁ ଓ ଶିଷ୍ୟ ଶଗଡ଼ରେ ଯାଉଥିଲେ। ଗୁରୁ କହିଲେ, ସେ କ୍ଲାନ୍ତ ଓ ତାଙ୍କ ନିଦ ଦେଖିବାକୁ କିଛି ଘୁମେଇଲେ ସେ ଉଠିବେ। କିଛି ବାଟ ଗଲାପରେ ଠନ୍ କରି ଏକ ଶବ୍ଦ ହେବାରୁ ସେ କହିଲେ, 'କଣ ହେଲା।' ଶିଷ୍ୟଟି କହିଲା, "ଆପଣଙ୍କ କମଣ୍ଡଳୁଟି ପଡ଼ିଗଲା ଓ ମୁଁ ଦେଖୁଥିଲି।" ତା'ପରେ ଗୁରୁ ସବୁ ଜିନିଷ ଗୋଟେଇ ଦେବାକୁ ପରାମର୍ଶ ଦେଲେ। ବଦହଜମି ଯୋଗୁ ବନ୍ଦଦମାନଙ୍କ ଛେରା ଫିଟିଲା ଓ ଶିଷ୍ୟଟି ତରଳ ଗୋବରକୁ ଆଞ୍ଜୁଳା ଆଞ୍ଜୁଳା କରି ଶଗଡ଼ ଉପରକୁ ପିଙ୍ଗିଲା। ଗୁରୁଙ୍କ ହେହ ଅସନା ହେଲା। ତେଣୁ କ'ଣ ଜିନିଷ ସେ ଗୋଟେଇବ ତା'ର ଏକ ଲିଷ୍ଟ ସେ କଲେ। ଗଡ଼ାଣିରେ ଶଗଡ଼ ଗଡି ବଢ଼ିଲା ଓ ଅଙ୍କାବଙ୍କା ରାସ୍ତାରେ ଗୁରୁ ଖସିପଡ଼ିଲେ ଓ ଚିତ୍କାର କଲେ, "ଆରେ ମୁଁ ପଡ଼ିଗଲିରେ! ଶଗଡ଼ ରଖ। ମୁଁ ବୁଢ଼ା ଲୋକ, କୁଆଡ଼େ ଯିବି?" ଶିଷ୍ୟଟି ପାଟି କରି କହିଲା, "ଆଜ୍ଞା, ଆପଣଙ୍କ ନାଁ ଲିଷ୍ଟରେ ନାହିଁ।"

ଏଥର ଆମର ଗଣତନ୍ତ୍ର ବିଷୟରେ ଆଖି ପକାଇବା। ଟି.ଏନ୍. ଶେଷାନ୍‌ଙ୍କ ବେଳୁ ଆମ ଗଣତନ୍ତ୍ରରେ ନିର୍ବାଚନ କିଭଳି ଭଲରେ ହୋଇ ଆସୁଛି। ଆମ ନିର୍ବାଚିତ ଲୋକମାନେ ଆମର ସରକାର ଗଢ଼ୁଛନ୍ତି। କିନ୍ତୁ 'ସୁଶାସନ' ଏମାନଙ୍କ ଲିଷ୍ଟରେ ନାହିଁ। କେବେବେଳେ କୌଶଳେ ଚୌକିରେ ବସିବା ଓ ପର ନିର୍ବାଚନରେ କେମିତି ଜିତିବେ ତା'ର ବ୍ୟବସ୍ଥା କରିବା ସେମାନଙ୍କ ଏକମାତ୍ର ଲକ୍ଷ୍ୟ। ଏବର ରାଜନୀତି ମୁଖ୍ୟତଃ ଏକ ବ୍ୟବସାୟ। ପିଲି କାରବାର ଓ ଦୁର୍ନୀତି ସୀମା ଟପିଗଲାଣି। ଓ–ଡିଭିର ଲୋକପ୍ରିୟ କାର୍ଯ୍ୟକ୍ରମ 'ବ୍ରାଣ୍ଡପୁଅ'ରେ ଏକ ଘଟଣା ଦେଖିବାକୁ ମିଳିଲା। ଛଅ କୋଟି ଟଙ୍କା ଖର୍ଚ୍ଚ ହୋଇ ଏକ ରାସ୍ତା ନିର୍ମାଣ ହେଲା। ଛଅ ମାସ ପରେ ଏଥିରେ ଚାଲିହେଉନି କି ସାଇକେଲରେ ଯାଇହେଉନି। ଚାରିଚକିଆ ଯାନମାନଙ୍କ ଚଳିକୁ ଦେଖିଲେ ଆମ ମହାପ୍ରଭୁଙ୍କ ପଡ଼ିଛି ବିଜେ ମନେପଡ଼େ। ରାଜୀବ ଗାନ୍ଧୀ ଥରେ କହିଥିଲେ ଯେ, ପ୍ରତି ଟଙ୍କାରେ ପଞ୍ଚାଅଶୀ ପଇସା ବାଟମାରଣା ହେଉଛି। ଯଦି ଛଅ କୋଟି ଟଙ୍କାରେ ଏଭଳି ଦୁର୍ନୀତି ହେଉଛି ତେବେ ଶହ ଶହ କୋଟି ଟଙ୍କା ଯେଉଁ ଯୋଜନାରେ ଖର୍ଚ୍ଚ ହେଉଛି ସେଠି ନିଶ୍ଚୟ ଅନେକ ଲୋକ ମାଲାମାଲ ହେଉଥିବେ। ଏବେ ତ ପ୍ରତି ସପ୍ତାହରେ ଏକ ଏକ ନୂଆ ଯୋଜନା ହେଉଛି, ସରକାରଙ୍କ ଏମାନଙ୍କ ନାଁ ମନେଥିବ କି ନାହିଁ ସନ୍ଦେହ। ସରକାର କା ମାଲ ଦରିଆ ମେ ଡାଲ। ଏବେ ଭୋଟରରେ ଯେଉଁମାନେ ଅଛନ୍ତି, ସେମାନେ ସବୁ ଜାଣି ବି ଚୁପ୍ ରହନ୍ତି ଓ ବଞ୍ଚେଇଲା ପରି କଥା କହନ୍ତି। ଏହା ତ ଗାଲୁଆମିର ଲକ୍ଷଣ।

ଆମେ ଓଡ଼ିଆମାନେ କିଭଳି କଥାରେ ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରୁ। ଏକସ୍ମୃତିରେ ପଢ଼ିଲାବେଳେ ପୁରୀର ନମ୍ବର ଓ୍ୱାନ୍ ହଷ୍ଟେଲରେ ଥିଲା ବେଳେ ଦିନେ ମୁଁ ସକାଳୁ ଏକ ଗୀତ ଶୁଣିଲି, "ଜଗା କାଳିଆକୁ କାହିଁକି ଡାକ/ ସେ ତ ନୁହେଁ ତୁମ ଆପଣା ଲୋକ।" ପରେ ଆମେ ଶୁଣିଲୁ ଶ୍ରୀମନ୍ଦିର ପ୍ରାଚୀରକାଳରେ କବାଟ ଫିଟା ପରେ ପ୍ରଥମ ସଙ୍ଗୀତଟି ବାଣୀକଣ୍ଠ ନିମେଇ ହରିଚନ୍ଦନ ଗାଇବେ ବୋଲି ତାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ଆମ ଓଡ଼ିଆ କବିମାନେ ମହାପ୍ରଭୁଙ୍କ ଗାଲୁଆମିକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। କବି ଲେଖିଛନ୍ତି– "ଦୀନବନ୍ଧୁ ହୋ.... ତୁମେ ଡାକିଲେ ନ ଶୁଣ କାହିଁକି? କୃପାସିନ୍ଧୁ ହୋ.... ତୁମେ ଡାକିଲେ ନ ଶୁଣ କାହିଁକି?"..... ହରିଆ ଠାକୁର ତୁମେ କେତେ ନାଟ ଦେଖିବ? ତାଙ୍କର ଗାଲୁଆମିରେ ଅଣାଚି ଯୋଗୀ ମହାପ୍ରଭୁ ଶ୍ରୀମନ୍ଦିରରେ ଦାରୁବ୍ରହ୍ମରୂପେ ପ୍ରବେଶ କରିଛନ୍ତି। "ସ୍ମାର୍ଟ ସ୍ମାର୍ଟ ସ୍ୱଗୁହଚରିତଂ ଦାରୁଭୂତୋ ମୁରାରି" ଜଗତର ନାଥଙ୍କ ଏହା ଏକ ପ୍ରକାର 'ଗାଲୁଆମି' ନୁହେଁ କି? ସେ କରୁଣାର ସାଗର ଓ ଆମର ଏକମାତ୍ର ଆଶ୍ରୟ।

ସୁତରାଂ ଗାଲୁଆମିକୁ ଆମେ ଏକ ଖରାପ ଗୁଣ ବୋଲି କହିପାରିବା କି? ଏ ଗୁଣଟିକୁ ଆଶ୍ରୟ କରି ଅନେକ ରାଜନେତା ଓ ସାଧାରଣ ମଣିଷ ଅତ୍ୟନ୍ତ ସମ୍ମାନଜନକ ଜୀବନ ବିତାଉଛନ୍ତି। ବିଷୟଟି ସାରିବା ଆଗରୁ ଜଣେ ଗୁରୁସ୍ୱାମୀ କେମିତି ଏ ମହତ୍ତ୍ୱ ଯୁଗରେ ଚଳିବେ, ସେ ବିଷୟ ଚିନ୍ତା କରିବା କେତେକ ପ୍ରସଙ୍ଗ ଉତ୍ସବରରେ ଓ ଆଉ କେତେକ ପ୍ରସଙ୍ଗରେ ମୌନ ଅବଲମ୍ବନ କରିବାକୁ ହେବ। 'କେଜାଣି', 'ହେଇଥିବ', 'ଦେଖିବା', ଇତ୍ୟାଦି ଶବ୍ଦ ସବୁ ଅର୍ଦ୍ଧସତ୍ୟ ବା ଗାଲୁଆମି ହୋଇପାରେ। କିନ୍ତୁ ଏଗୁଡ଼ିକ ବ୍ୟବହାର କରୁଥିବା ଲୋକଟି ପରିବାର ସୁରୁଖୁରୁରେ ଚଳାଇବେ। ପରିବାରଗୁଡ଼ିକରେ ଶାନ୍ତି ବିରାଜମାନ କଲେ ଏ ବିଶ୍ୱ ନିଶ୍ଚୟ ମଧୁମୟ ହେବ, ଏଥିରେ ସନ୍ଦେହ ନାହିଁ।

– ୫୬, ଭିଆଇପି ଏରିଆ, ଆଇଆରସି ଭିଲେଜ, ଭୁବନେଶ୍ୱର–୧୫,
ମୋ–୯୪୩୭୨୫୯୯୩୭



## ଏଇ ଭାରତରେ

ଛତିଶଗଡ଼ର ମାଓବାଦୀ ପ୍ରଭାବିତ ବସ୍ତରରେ ରାସ୍ତା ନିର୍ମାଣ ଏକ ବଡ଼ ଆହ୍ୱାନ। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଦୁର୍ଗମ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ କରୁଛନ୍ତି। ମାଓବାଦୀ ପ୍ରଭାବ ଅଞ୍ଚଳ ହୋଇଥିବା ଜଣାଶୁଣା ସୁକମା ଜିଲାର କାରିଗୁଣ୍ଡମ ଅଞ୍ଚଳରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ସ୍ୱାଧୀନତାର ୭୫ ବର୍ଷପରେ ଏହିଅଞ୍ଚଳରେ ରାସ୍ତା ନିର୍ମାଣରେ ଗାଁର ଛୋଟପିଲାମାନେ ଏତେ ଖୁସି ଯେ, ସେମାନେ ନିର୍ମାଣ ହେଉଥିବା ରାସ୍ତାରେ ଠିଆ ହୋଇ ଗୀତ ଗାଇ ନାଚୁଥିବା ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ନିଜ ଟୁଇଟର ଆକାଉଣ୍ଟରେ ପିଲାମାନଙ୍କର ଏହି ଭିଡିଓ ସେୟାର କରିଛନ୍ତି। ବହୁ ଛୋଟ ପିଲା 'ରୋଡ ବନା ରେ .... ରୋଡ ବନା ରେ ... ଗୀତ ଗାଇ ନାଚୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ସଡ଼କ ନିର୍ମାଣରେ ନିୟୋଜିତ କେହି ଜଣେ ବ୍ୟକ୍ତି ପିଲାମାନଙ୍କର ଏହ ଭିଡିଓ ପ୍ରସ୍ତୁତ କରିଥିଲେ। ପିଲାମାନଙ୍କ ପାଇଁ ଗାଁରେ ରାସ୍ତା ନିର୍ମାଣ ଏକ ପର୍ବଠାରୁ କମ୍ ନୁହେଁ। କାରିଗୁଣ୍ଡମ ଗ୍ରାମରେ ଏକ ନୂତନ ରାସ୍ତା ନିର୍ମାଣ ଆରମ୍ଭ ହେବା ସହିତ ପିଲାମାନଙ୍କର ଖୁସିର ଯାତ୍ରା ଆରମ୍ଭ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ଏଠାରେ ୧୧ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୯୭

- ଗେରିଲା ହଟାଓ ଅଭିଯାନ ଚଳାଉଥିବା ଶ୍ରୀଲଙ୍କା ସେନ୍ୟବାହିନୀ ୨୫ ଜଣ ଏଲ୍‌ଟିଟିଇ ଗେରିଲାଙ୍କୁ ହତ୍ୟା କରିଥିବା ବେଳେ ପ୍ରତିଆକ୍ରମଣରେ ୯ ସୈନ୍ୟ ନିହତ।
- ଆମେରିକୀୟ କଂଗ୍ରେସର ସମାଲୋଚିତ ହେବା ପରେ ଆମେରିକାଠାରୁ ଏଫ୍–୧ ଲଢ଼ୁଆ ବିମାନ କିଣିବା ଯୋଜନାକୁ ଇଣ୍ଡୋନେସିଆ ବାତିଲ କରିଦେଇଛନ୍ତି।
- ନିର୍ଦ୍ଦେଶକୁ ଅବଜ୍ଞା କରି ଜନତା ଦଳ ସଭାପତି ପଦ ପାଇଁ ନିର୍ବାଚନ ଲଢ଼ୁଥିବା ଶରଦ ଯାଦବଙ୍କ ସଭାରେ ଯୋଗଦେଇଥିବାରୁ ୪ ଜଣ ମନ୍ତ୍ରୀଙ୍କୁ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 5 | | | 9 | |
| | 6 | 4 | | | | 2 | | |
| 7 | | | | | 9 | | | 6 |
| | | 1 | | | | 8 | | |
| | | | | | | | | 2 |
| 4 | | 2 | 9 | | 7 | | | |
| | | | 7 | | | | 4 | |
| 2 | | | | | 3 | 7 | | |
| 6 | | | | 4 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 4 | 3 | 6 | 9 | 7 | 1 |
| 6 | 7 | 3 | 1 | 5 | 9 | 4 | 8 | 2 |
| 9 | 1 | 4 | 7 | 2 | 8 | 5 | 6 | 3 |
| 5 | 3 | 1 | 2 | 9 | 7 | 8 | 4 | 6 |
| 4 | 2 | 7 | 6 | 8 | 1 | 3 | 9 | 5 |
| 8 | 6 | 9 | 3 | 4 | 5 | 1 | 2 | 7 |
| 7 | 4 | 2 | 8 | 1 | 3 | 6 | 5 | 9 |
| 3 | 5 | 6 | 9 | 7 | 4 | 2 | 1 | 8 |
| 1 | 9 | 8 | 5 | 6 | 2 | 7 | 3 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୁଷ୍ଟି ପଢ଼ୁ

ମହାଶୟ,

କିଛି ବର୍ଷା ହେଲେ ରାଜଧାନୀର ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ପାଣି ଜମେ, ଏହା ସମସ୍ତଙ୍କୁ ଜଣା। ତେବେ ଏହିପରି ଅନୁରୂପ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି ରାଜଧାନୀ ସ୍ଥିତ ଏସ୍ପ ଓ ପାତ୍ରପଡ଼ାକୁ ସଂଯୋଗ କରୁଥିବା ଆଲୁଗୋଦାମ ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ। ଜାତୀୟ ରାଜପଥ ହୋଇଥିବା ସତ୍ତ୍ୱେ ମାତ୍ର କେଇଘଣ୍ଟାର ବର୍ଷାରେ ସମ୍ପୂର୍ଣ୍ଣ ରାସ୍ତା ଜଳମଗ୍ନ ହୋଇଯାଇ କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତାରେ ଆଣ୍ଠୁଏ ଉପରକୁ ପାଣି ଜମୁଥିବାରୁ ସେହି ସମୟରେ ଗାଡ଼ି ଚଳାଇବା ଅସମ୍ଭବ ପ୍ରାୟ ହୋଇଯାଉଛି। ଏଥିରେ ଚିକିତ୍ସିତ ହେଉଥିବା ଅନେକ ରୋଗୀଙ୍କର ସମ୍ପର୍କୀୟମାନଙ୍କର ଏହା ଦୈନନ୍ଦିନ ଯାତାୟାତ ପଥ ହୋଇଥିବା ବେଳେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଳବୈଶାଖୀ କାରଣରୁ ଅଳ୍ପ କେଇଘଣ୍ଟାର ବର୍ଷାରେ ଏଭଳି ପାଣି ଜମିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଅବିଳମ୍ବେ ବର୍ଷାରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମୁଥିବା ଏ ରାସ୍ତାର ବର୍ଷାଦିନରେ କି ହାଲ ହେବ ତାହା କଳ୍ପନା ବାହାରେ। ତେଣୁ ସରକାର ବର୍ଷାଋତୁ ଆଗମନ ପୂର୍ବରୁ ଜନସାଧାରଣ ଓ ଯାତାୟାତକାରୀଙ୍କ ସ୍ୱାର୍ଥରେ ଏହି ସମସ୍ୟାର ଯଥାଶୀଘ୍ର ପ୍ରତିକାର କରନ୍ତୁ।

–ରଘୁରାଜ ପ୍ରଧାନ, ଚମାଣ୍ଡା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନଇଁ ପାଦୁ ନିଅ ପଣତ ଖସାଉ
ବୁଢ଼ର ବିପଣି ପୁଷ୍ପେ ବସାଇ
କୋକିଳ–ଡିଣ କଳା କବରୀରୁ
କୁଜୁକ ତନୁ ଧରି
ଚମ୍ପକ ଚାରୁ ହାତ ହସିଯାଅ
ଆଗୋ ଗୋରଚନା–ଗୋରି!
–(ଉପର ହବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ମଙ୍ଗଳବାର, ୭ ଜୁନ୍, ୨୦୨୨



## ସଂକ୍ଷେପରେ

### ଏସ୍‌ଟିଏସ୍‌ସି ପ୍ରି-ମାଟ୍ରିକ ଛାତ୍ରବୃତ୍ତି ରାଶି ବୃଦ୍ଧି

**ଭୁବନେଶ୍ୱର, ୬।୬(ବ୍ୟୁରୋ):** ରାଜ୍ୟ ସରକାର ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି(ଏସ୍‌ଟିଏସ୍‌ସି) ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରି-ମାଟ୍ରିକ ଛାତ୍ରବୃତ୍ତି ରାଶିକୁ ବୃଦ୍ଧି କରିଛନ୍ତି। ବାଳିକାଙ୍କ ପାଇଁ ୮୦୦ ଟଙ୍କାରୁ ୧୦୦୦ ଟଙ୍କା ଏବଂ ବାଳକଙ୍କ ପାଇଁ ୭୫୦ଟଙ୍କାରୁ ୯୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ନେଇ ସୋମବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ତଥା ସାମଗ୍ରିକ ବିକାଶ ପାଇଁ ଏହି ଛାତ୍ରବୃତ୍ତି ଦିଆଯାଇଥାଏ। ସେହିପରି ଅନ୍ତେବାସୀଙ୍କ ପୁଷ୍ଟିକର ସୁରକ୍ଷା ପାଇଁ ହଷ୍ଟେଲ ମେନ୍ୟୁରେ ମିଲେଟ (ମାଣ୍ଡିଆ) ଆଧାରିତ ଖାଦ୍ୟ ସାମଗ୍ରୀ ସାମିଲ ହେବ। ଏହି ଯୋଜନାରେ ୫ ଲକ୍ଷରୁ ଅଧିକ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଅନ୍ତେବାସୀ ଉପକୃତ ହେବେ। ପ୍ରତିବର୍ଷ ଛାତ୍ରବୃତ୍ତି ପାଇଁ ୪୯୦.୦୦ କୋଟି ଟଙ୍କା ବ୍ୟୟ ଅଟକଳ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୪ ଜିଲାକୁ ଆଉ ଦୁଇଦିନ ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର, ୬।୬(ବ୍ୟୁରୋ):** ରାଜ୍ୟରେ ଆଉ ଦୁଇଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ହେବ। ବଲାଙ୍ଗୀର, ବୌଦ୍ଧ, ସୋନପୁର ଏବଂ ବରଗଡ଼ରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ବଜ୍ରପାତ ଓ ଝଡ଼ତୋଫାନ ନେଇ ମଧ ସତର୍କ ସୂଚନା ଦିଆଯାଇଛି। ସେପଟେ ସୋମବାର ରାଜ୍ୟର ୧୧ ସହରର ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ୩ ସ୍ଥାନରେ ୪୩ ଡିଗ୍ରୀ ଉପରେ ରହିଥିଲା। ନୂଆପଡ଼ା ୪୪ ଡିଗ୍ରୀ ସହ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ବଲାଙ୍ଗୀର ୪୩, ବୌଦ୍ଧ ୪୩, ଝାରସୁଗୁଡ଼ା ୪୦.୮, ସମ୍ବଲପୁର ୪୨, ହୀରାକୁଦ ୪୧.୧, ସୁନ୍ଦରଗଡ଼ ୪୨, ଟିଟିଲାଗଡ଼ ୪୧.୮, ବରଗଡ଼ ୪୧, ସୋନପୁର ୪୧.୨ ଓ ନୟାଗଡ଼ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୩୫.୬ ଓ କଟକରେ ସର୍ବାଧିକ ତାପମାତ୍ରା ୩୫.୮ ଡିଗ୍ରୀ ରହିଥିଲା।

### ଅଗ୍ନିଶମ କର୍ମଚାରୀଙ୍କୁ ମିଳିବ ୟୁନିଫର୍ମ ଭତ୍ତା

**ଭୁବନେଶ୍ୱର, ୬।୬(ବ୍ୟୁରୋ):** ଅଗ୍ନିଶମ କର୍ମଚାରୀଙ୍କୁ ୟୁନିଫର୍ମ ଭତ୍ତା ମିଳିବ। ଏ ନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଗ୍ନିଶମ କର୍ମଚାରୀଙ୍କୁ ବାର୍ଷିକ ୫୭୦୦ ଓ ୫୮୦୦ ଟଙ୍କା ଭତ୍ତା ମିଳିବ। ଆସିଷ୍ଟାଣ୍ଟ ଫାୟାର, ଷ୍ଟେଶନ ଅଫିସର, ଫିଟର ଷ୍ଟେଶନ ଅଫିସର, ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର, ହାବିଲଦାର ମେଜର, ଫାୟାରମ୍ୟାନ, ଫାୟାରମ୍ୟାନ ଡ୍ରାଇଭର, ହେଲ୍‌ପର ଫାୟାରମ୍ୟାନ ପର୍ଯ୍ୟନ୍ତ ସମସ୍ତଙ୍କୁ ୫୭୦୦ ଟଙ୍କା ଭତ୍ତା ମିଳିବାକୁ ଥିବା ବେଳେ ଲିଡିଂ ଫାୟାରମ୍ୟାନ୍, ଡ୍ରାଇଭର ହାବିଲଦାର, ହାବିଲଦାର ମେକାନିକ୍‌ଙ୍କୁ ୫୮୦୦ ଟଙ୍କା ମିଳିବ। ପ୍ରତିବର୍ଷ ଜୁଲାଇରୁ ଏହି ଭତ୍ତା ପ୍ରଦାନ କରାଯିବ। ତେବେ ଜୁଲାଇ ୧ ତାରିଖ ସୁଦ୍ଧା ୬ ମାସରୁ କମ୍ ସମୟ ଚାକିରି ଥିବା କର୍ମଚାରୀଙ୍କୁ ଏହି ଭତ୍ତା ମିଳିବ ନାହିଁ। ଅଗ୍ନିଶମ ସେବା ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀଙ୍କ ଲାଗି ଡ୍ରେସ୍ କୋଡ୍ ସମ୍ପର୍କରେ ସୂଚିତ ହେବ।

# ୫ ଜିଲାର ୪୯୦ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟର ଚତୁର୍ଥ ଦିବସ ସୋମବାର ୫ ଜିଲାର ୪୯୦ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ୯୫ ହାଇସ୍କୁଲ, କଟକର ୧୩୫, କଳାହାଣ୍ଡିର ୧୦୦, ଝାରସୁଗୁଡ଼ାର ୭୦ ଓ ବରଗଡ଼ର ୯୦ ହାଇସ୍କୁଲ ଲୋକାର୍ପିତ ହୋଇଛି। ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାମାନଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ଏହା ସେମାନଙ୍କ ମନରେ ନୂଆ ଆଶା ଓ ସଂକଳ୍ପ ସୃଷ୍ଟି କରିଛି। ସ୍କୁଲ ରୂପାନ୍ତର ପିଲାଙ୍କ ସ୍ୱପ୍ନ ଓ ସଫଳତା ମଧ୍ୟରେ ସେତୁ ପରି ହୋଇଛି।

ସ୍କୁଲ ସମୟ ଜୀବନର ଶ୍ରେଷ୍ଠ ସମୟ। ଏ ରୂପାନ୍ତର ଆମ ପିଲାମାନଙ୍କୁ ଶ୍ରେଷ୍ଠ କରି ଗଢ଼ି ତୋଳିବା ପାଇଁ ସୁଯୋଗ ସୃଷ୍ଟି କରିଛି। ଏହି ସୁଯୋଗର ଉପଯୋଗ କରି ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ଏବଂ ତା' ଭିତରେ ଭରିରହିଛି ବିପୁଳ ସମ୍ଭାବନା। ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ଜୀବନରେ କିଛି ବଡ଼ କରିବାର ସ୍ୱପ୍ନ। ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ତେଣୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବେ ଉପଯୋଗ କର ଏବଂ ନିଜ ପାଇଁ, ନିଜ ପରିବାର ପାଇଁ ଓ ପ୍ରିୟ ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।




### ସ୍କୁଲ ରୂପାନ୍ତରଣର ଦ୍ୱିତୀୟ ପର୍ଯ୍ୟାୟ
### ସୁଯୋଗର ବ୍ୟବହାର କରି ଆଗକୁ ବଢ଼

ରୂପାନ୍ତରିତ ସ୍କୁଲ୍‌କୁ ଲୋକାର୍ପିତ କରିବା ସମୟରେ ପିଲାଙ୍କ ଖୁସି ଓ ମନୋଭାବରୁ ଏହା ସ୍ପଷ୍ଟ ଜଣାଯାଇଛି। ସମସ୍ତେ ସ୍କୁଲ୍‌ର ନୂଆ ପରିବେଶରେ ବେଶ୍ ଖୁସି ହେବା ସହିତ ନିଜ ନିଜର ଭବିଷ୍ୟତକୁ ନେଇ ଗଭୀର ଆତ୍ମବିଶ୍ୱାସର ସହ ଭାବନାକୁ ପ୍ରକାଶ କରିଛନ୍ତି। ଏହି ଅବସରରେ ଆଲୋଚନାରେ ଭାଗ ନେଇ କେନ୍ଦ୍ରାପଡ଼ାରୁ ଅନନ୍ୟା, କଟକରୁ ସାନିୟା, କଳାହାଣ୍ଡିରୁ ଶିବାନୀ, ଝାରସୁଗୁଡାରୁ ପ୍ରଭାସିନୀ ଓ ବରଗଡ଼ରୁ ପରିଣିତା ପ୍ରମୁଖ ଛାତ୍ରୀ ସେମାନଙ୍କ ବକ୍ତବ୍ୟରେ ସ୍କୁଲ ରୂପାନ୍ତର ଦ୍ୱାରା ସଫଳତା ଏବେ ସେମାନଙ୍କ ହାତମୁଠାରେ ବୋଲି ମତ ଦେଇଛନ୍ତି।

ଏ ରୂପାନ୍ତରର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସ୍କୁଲ ମ୍ୟାନେଜ୍‌ମେଣ୍ଟ କମିଟି, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ, ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ନବକିଶୋର ଦାସ, ଭାଜପା ବିଧାୟକ ଧ୍ରୁବଚରଣ ସାହୁ, ବିଧାୟକ ଦେବୀପ୍ରସାଦ ମିଶ୍ର, କଳାହାଣ୍ଡି ଜିଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଓ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଙ୍କ ୫-ଟି କାର୍ଯ୍ୟକ୍ରମ ଶିକ୍ଷାକ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ କରି ଗଢ଼ିତୋଳିବ ବୋଲି ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ସମୁଦାୟ ୨୯୦୮ ହାଇସ୍କୁଲର ରୂପାନ୍ତରିତ ହୋଇଛି।

# ସ୍ତ୍ରୀଙ୍କୁ ଫେରିପାଇଲେ ସ୍ୱାମୀ

- ପରୀକ୍ଷା ଦେବାକୁ ଯାଇ ନିଖୋଜ ହୋଇଯାଇଥିଲେ
- ଅପହରଣ କରାଯାଇଥିବା ଅଭିଯୋଗ ଆଣିଲେ ମହିଳା

**ଧାମନଗର,୬।୬(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଞ୍ଚଳର ଜଣେ ମହିଳା ପରୀକ୍ଷା ଦେବାକୁ ଯାଇ ଗତମାସ ୩୦ ତାରିଖରୁ ନିଖୋଜ ଥିଲେ। ଏପଟେ ସ୍ତ୍ରୀଙ୍କୁ ଝୁରି ଝୁରି କାନ୍ଦୁଥିଲେ ସ୍ୱାମୀ। ସୋମବାର ବାଲେଶ୍ୱର ଜିଲା ସାହାଡ଼ା ଅଣ୍ଡରାଇ ଅଞ୍ଚଳରୁ ତାଙ୍କ ସ୍ୱାମୀ ମହିଳାଙ୍କୁ ଉଦ୍ଧାର କରିଛନ୍ତି। ସ୍ତ୍ରୀଙ୍କୁ ଫେରି ପାଇବା ପରେ ଖୁସିରେ ଆତ୍ମବିଭୋର ହୋଇଛନ୍ତି ସ୍ୱାମୀ। ବାପଘର ସମେତ ମାଇଁ ଓ ମାମୁ ମିଶି ପରୀକ୍ଷା ହଲ୍ ନିକଟରୁ ତାଙ୍କୁ ଅପହରଣ କରି ନେଇଥିଲେ ବୋଲି ମହିଳା ଜଣଙ୍କ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଏକ ସିକ୍ରେଟ ସିମ୍ ମାଧ୍ୟମରେ ସ୍ତ୍ରୀଙ୍କଠାରୁ ମେସେଜ ପାଇ ଯୁବକ ଜଣଙ୍କ ସୋମବାର ବାଲେଶ୍ୱର ସାହାଡ଼ା ଅଣ୍ଡରାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମହିଳାଙ୍କର ଅନ୍ୟତ୍ର ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା। ସ୍ୱାମୀଙ୍କୁ ଦେଖି ସ୍ତ୍ରୀ ଦୌଡ଼ି ଆସିବା ପରେ ସେ ତାଙ୍କୁ ବାଇକ୍‌ରେ ନେଇ ଘରକୁ ଫେରିଛନ୍ତି। ପୂର୍ବରୁ ସେ ସ୍ତ୍ରୀଙ୍କୁ ଦେଇଥିବା ସିକ୍ରେଟ ସିମ୍ ତାଙ୍କୁ ପାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଯୁବକ ଜଣଙ୍କ ପ୍ରକାଶ କରିଛନ୍ତି। ମହିଳାଙ୍କ କହିବା ଅନୁଯାୟୀ ଗତ ୩୦ତାରିଖରେ ସେ ଯୁକ୍ତ ୩ ପରୀକ୍ଷା ଦେବାକୁ ନିକଟସ୍ଥ ଆଖଣ୍ଡଳମଣି ମହାବିଦ୍ୟାଳୟକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ପରୀକ୍ଷା ହଲ୍‌ରୁ ବାହାରିବା ପରେ ତାଙ୍କ ସ୍ୱାମୀ କାର୍‌ରେ ଅପେକ୍ଷା କରିଛନ୍ତି, ସାଙ୍ଗରେ ବୁଲିଯିବା ପାଇଁ ତାଙ୍କୁ ଡାକୁଛନ୍ତି ବୋଲି ଜଣେ ବ୍ୟକ୍ତି କହିଥିଲେ। ସେ ଗାଡ଼ି ପାଖରେ ପହଞ୍ଚିବା ମାତ୍ରେ କେହି ଜଣେ ତାଙ୍କ ମୁହଁରେ ଏକ ରୁମାଲ ଶୁଙ୍ଘାଇ ଦେବାରୁ ସେ ଅଚେତ ହୋଇଯାଇଥିଲେ। ଚେତା ଫେରିବା ପରେ ତାଙ୍କ ମାମୁଘର ବାସୁଦେବପୁର ବ୍ଲକ ମଇତାପୁର ଅଞ୍ଚଳରେ ଥିବା ସେ ଜାଣିବାକୁ ପାଇଥିଲେ। ରବିବାର ବ୍ରାହ୍ମଣିପାଳସ୍ଥିତ ତାଙ୍କ ବାପଘରକୁ ନିଆଯାଇଥିଲା। ମେସେଜ ଦ୍ୱାରା ସେ ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇଥିଲେ।

ଉଲ୍ଲେଖଯୋଗ୍ୟ, ସେମାନେ ଦୁଇବର୍ଷ ଧରି ପରସ୍ପରକୁ ଭଲପାଉଥିଲେ। ତେବେ ଉଭୟ ଘର ଲୋକଙ୍କୁ ନ ଜଣାଇ ଫେରାର ହୋଇଯାଇଥିଲେ। ମିଳିବା ପରେ ପୁଅ ପରିବାର ପକ୍ଷରୁ ପୁରୀର ନୃସିଂହ ନାଥ ମନ୍ଦିରରେ ବିବାହ କରାଇ ଘରକୁ ଆଣିଥିଲେ। ୭ ମାସ ଧରି ଘରେ ରହିବା ପରେ ବୋହୂ ପାଠ ପଢ଼ିବାକୁ ଜିଦ୍ ଧରିବାରୁ କଲେଜରେ ଆଡ୍‌ମିଶନ କରାଯାଇଥିଲା। ସେଦିନ ପରୀକ୍ଷା ସରିବା ପରେ ସ୍ୱାମୀ ଆଣିବାକୁ ଯାଇଥିବା ବେଳେ ଏକ କାର୍‌ରେ ବସି ସ୍ତ୍ରୀ ଚାଲିଯାଇଥିଲେ। ବହୁ ବାଟ ପିଛା କରି ନିରାଶ ହେବା ପରେ ସେ ଘରକୁ ଫେରି ପରିବାର ଲୋକଙ୍କ ଆଗରେ କହିଥିଲେ। ପରେ ପରିବାର ପକ୍ଷରୁ ଏନେଇ ଧୂଷୁରୀ ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୪୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ସିଡାକ୍ ଓ ନାବକନ୍ସ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ହସ୍ତଶିଳ୍ପ ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଏବଂ ନାବାର୍ଡ କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ନାବ୍‌କନ୍ସ) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସୋମବାର ସିଡାକ ସଭାଗୃହରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କ ଉପସ୍ଥିତିରେ ନାବକନ୍ସ ପକ୍ଷରୁ ସାଧାରଣ ପରିଚାଳକ ବିଭୂତି ଭୂଷଣ ସାହୁ ଏବଂ ସିଡାକ୍ ପକ୍ଷରୁ ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ନାବ୍‌କନ୍ସର ସହଭାଗିତାରେ ରାଜ୍ୟରେ ବିଭିନ୍ନ ହସ୍ତଶିଳ୍ପ ପ୍ରକଳ୍ପର ସଫଳ ରୂପାୟନ ହେବ। କାର୍ଯ୍ୟକ୍ରମରେ ନାବ୍‌କନ୍ସର ସହ-ସାଧାରଣ ପରିଚାଳକ ଅକ୍ଷୟ କୁମାର ଚୌଧୁରୀ ଓ ବରିଷ୍ଠ ପରାମର୍ଶଦାତା ଶ୍ରାବଣୀ ହାଲ୍‌ଦାର, ସିଡାକ୍‌ର ସହ-ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଓ ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ଚିନରା ପ୍ରମୁଖ ଉପସ୍ଥିତ ଥିଲେ।



ସିଡାକ୍ ଏବଂ ନାବ୍‌କନ୍ସ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି।

# ଢିଙ୍କିଆ ଗାଁମୁଣ୍ଡରୁ ଫେରିଲେ ମେଧା ପାଟେକର

**କୁଜଙ୍ଗ,୬।୬ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳର ଢିଙ୍କିଆ ଗ୍ରାମକୁ ସୋମବାର ନର୍ମଦା ବଞ୍ଚାଅ ଆନ୍ଦୋଳନର ନେତ୍ରୀ ମେଧା ପାଟେକର ଆସିଥିଲେ। ଏହି ସମୟରେ ପ୍ରକଳ୍ପ ସପକ୍ଷବାଦୀଙ୍କ ବିରୋଧ ଯୋଗୁ ସେ ଗାଁ ମୁଣ୍ଡରୁ ଫେରିଯିବାକୁ ବାଧ ହୋଇଛନ୍ତି। ଏହି ଅଞ୍ଚଳରେ ମାନବାଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗକୁ ଭିତ୍ତିକରି ମେଧାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସ୍ଥିତି ଅନୁଧ୍ୟାନ ପାଇଁ କୁଜଙ୍ଗ ଆସିଥିଲେ। ଏଥିରେ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଚାଷୀ ନେତା ଲିଙ୍ଗରାଜ ଓ ପ୍ରଫେସର ମନୋରଞ୍ଜନ ମହାନ୍ତି ସାମିଲ ହୋଇଥିଲେ। ସେମାନେ ପ୍ରଥମେ ସ୍ଥାନୀୟ ସବ୍‌ଜେଲ୍‌ରେ ବନ୍ଦୀ ଜୀବନ କାଟୁଥିବା ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କୁ ଭେଟିଥିଲେ। ଏହାପରେ ସେମାନେ ଢିଙ୍କିଆ ଗ୍ରାମ ଅଭିମୁଖେ ଯାଇଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ପ୍ରକଳ୍ପ ସପକ୍ଷବାଦୀମାନେ ଢିଙ୍କିଆର ପାଟଣାପଟ ଗାଁ ମୁଣ୍ଡରେ ସେମାନଙ୍କୁ ଅଟକାଇଥିଲେ।



ଢିଙ୍କିଆର ପାଟଣାପଟ ଗାଁମୁଣ୍ଡରେ ମେଧା ପାଟେକର, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଚାଷୀ ନେତା ଲିଙ୍ଗରାଜ ଓ ପ୍ରଫେସର ମନୋରଞ୍ଜନ ମହାନ୍ତି।

ଗ୍ରାମବାସୀଙ୍କ ପକ୍ଷରୁ ଢିଙ୍କିଆ ଗ୍ରାମ୍ୟ କମିଟି ସଭାପତି ନୃସିଂହ ରାଉତ, ଉପଦେଷ୍ଟା ନିର୍ଭୟ ସାମନ୍ତରାୟ, ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ଅକ୍ଷୟ ବେହେରା, ଅକ୍ଷୟ ଦାସ, ସଂଗ୍ରାମ ସ୍ୱାଇଁ, ଦେବଦତ୍ତ ସ୍ୱାଇଁ ପ୍ରମୁଖ ଏହି ବିରୋଧର ନେତୃତ୍ୱ ନେଇଥିଲେ। କମିଟି ଉପଦେଷ୍ଟା ସାମନ୍ତରାୟ କହିଥିଲେ, ଆମେ ମେଧାଙ୍କୁ ବିରୋଧ କରୁନାହୁଁ। ମାତ୍ର ସମାଜବାଦୀ ପାର୍ଟିର ନେତା ପ୍ରଧାନ ଅତୀତରେ ଏହି ଗ୍ରାମକୁ ଆସି କେତେଜଣ ଲୋକଙ୍କୁ ମତାଇ ଠେଙ୍ଗା ରାଲି ବାହାର କରିଥିଲେ। ଏନେଇ ଗାଁରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଏବେ ଆମ ଭିତରେ ଭାଇଚାରା ଫେରିଆସିଛି। ଆମେ ଆଉ ବାହାର ଲୋକଙ୍କୁ ଗାଁରେ ପୂରାଇ ଅଶାନ୍ତ ବାତାବରଣ ସୃଷ୍ଟି କରିବାକୁ ଚାହୁଁନାହୁଁ। ତେଣୁ ଆପଣମାନେ ଫେରିଯାଆନ୍ତୁ। ମେଧା କହିଥିଲେ, ମୁଁ ଏଠାକୁ ଜେଲ୍‌ରେ ଥିବା ସ୍ୱାଇଁଙ୍କ ପରିବାରକୁ ଭେଟିବାକୁ ଆସିଛି। ମାତ୍ର ଗ୍ରାମବାସୀ ତାଙ୍କୁ ଭିତରକୁ ଛାଡ଼ି ନ ଥିଲେ। ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର କହିଥିଲେ, ଆମ ଜୀବନ ଜୀବିକାର ମୂଳ ଉତ୍ସ ପାନ ବରଜ କାରଖାନା ଉଦ୍ଦେଶ୍ୟରେ ଭାଙ୍ଗି ସାରିଛୁ। ସେଥିପାଇଁ କ୍ଷତିପୂରଣ ପାଇସାରିଛୁ। ଅନ୍ୟପକ୍ଷରେ ପାନ ବରଜରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କର ଦଶ ବର୍ଷର ଭତ୍ତା ପାଇସାରିଛନ୍ତି। ଏହାଛଡ଼ା ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ରପତ୍ତନ ବୃଦ୍ଧି ପାଇ ଏଠାକାର ଚାଷଜମିକୁ ଲବଣାକ୍ତ କରିଦେଇଛି। ଫଳରେ ଚାଷ ସମ୍ଭବ ନୁହେଁ, ଏହାକୁ ଦୃଷ୍ଟିରେ ରଖି ବିକଳ୍ପ ଜୀବିକା ନିମନ୍ତେ କାରଖାନା ହେଲେ ଆମେ ନିଯୁକ୍ତି ପାଇବୁ ବୋଲି ଯୁକ୍ତିରେ ସେ ଦର୍ଶାଇଥିଲେ। ଏ ପ୍ରସଙ୍ଗରେ ମେଧା କହିଥିଲେ, ଆପଣମାନଙ୍କୁ ଯଦି ସବୁ ଠିକ୍‌ଠାକ୍ ଲାଗୁଛି, ତାହା ହେଲେ ମୁଁ ଏଥିସହ ଏକମତ। ହେଲେ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହେଲେ କିଛି କରାଯାଇପାରିବ ନାହିଁ। ଅତୀତରେ ଏଭଳି ବହୁ ଘଟଣା ନଜିର ରହିଛି। କିଛି କମ୍ପାନୀ ନିଯୁକ୍ତି ପ୍ରତିଶ୍ରୁତି ଦେଇ ପରେ ଓହରି ଯାଇଛନ୍ତି। ଫଳରେ ସେଠାରେ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇ ଫେରିଯାଇଥିଲେ।

ଅପରପକ୍ଷେ ମେଧାଙ୍କ ଆସିବା ଖବରପାଇ କେତେଜଣ ଲୋକ ଢିଙ୍କିଆର ତ୍ରିଲୋଚନପୁର ପଟ ଗାଁ ମୁଣ୍ଡରେ ଜଗିଥିଲେ। ସେଠାରେ ଢିଙ୍କିଆର ଗୀତାଞ୍ଜଳି ଦାସ ପହଞ୍ଚି ରୁଣ୍ଡ ହୋଇଥିବା ଲୋକଙ୍କୁ ବିରୋଧ କରିବା ସହ ମାହାଳର ଜଣେ ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭୟଚାନ୍ଦପୁର ଥାନାରେ ଖବର ଦିଆଯାଇଥିବା ପରେ ପୋଲିସ ପହଞ୍ଚି ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

### ମହୁଲି ମଦ ଭାଟିରେ ଉତ୍ପାତ

**ବାରିପଦା ଅଫିସ,୬।୬**

ଖାଦ୍ୟ ଅନ୍ୱେଷଣରେ ଝାଡ଼ଖଣ୍ଡରୁ ଆସିଥିବା ହାତୀପଲ ରବିବାର ବିଳମ୍ବିତ ରାତିରେ ମହୁଲ ବାସ୍ନାରେ ଏକ ଦେଶୀ ମଦଭାଟିରେ ପଶି ଆକ୍ରମଣ କରିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାର ଔରଙ୍ଗାବାଦ ଜିଲା ଅଞ୍ଚଳର ଧୀରଜ କୁମାର ସିଂ(୪୫)। ସେ ଉକ୍ତ ମଦ ଭାଟିରେ କାମ କରୁଥିଲେ। ଏ ସଂକ୍ରାନ୍ତରେ ବନବିଭାଗ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପୂର୍ବକ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଖାଦ୍ୟ ପାଇଁ ଘୁରି ବୁଲୁଥିବା ୧୪ଟିକିଆ ହାତୀପଲ ମହୁଲ ବାସ୍ନାରେ ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ମଞ୍ଚାବନ୍ଧାଠାରେ ଥିବା ଦେଶୀ ମହୁଲି ଭାଟିକୁ ପଶି ଆସିଥିଲେ। ଭାଟିରେ କାର୍ଯ୍ୟ କରୁଥିବା ଧୀରଜ ହାତୀପଲକୁ ଦେଖି ପାଟି କରିବାରୁ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିବା ସହ ଶୁଣ୍ଢରେ କଚାଡ଼ି ଦେଇଥିଲା। ଧୀରଜଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଘଉଡ଼ାଇବାରୁ ହାତୀପଲ ଉକ୍ତ ସ୍ଥାନ ଛାଡ଼ି ପଳାଇଯାଇଥିଲେ। ବନବିଭାଗର କର୍ମଚାରୀମାନେ ଗୁରୁତର ଧୀରଜଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ହାତୀପଲ ମହୁଲିଆ ଅଞ୍ଚଳର ଶ୍ୟାମ ସିଂ ଓ ବାପୁନ ସିଂଙ୍କ ଘର ଭାଙ୍ଗି ଦେଇଛନ୍ତି। ସୋମବାର ସକାଳେ ହାତୀପଲ ଶଙ୍ଖାଭଙ୍ଗା ଜଙ୍ଗଲରେ ଅଟକି ଥିବା ବନ ବିଭାଗ ସୂଚନା ଦେଇଛି। ଶିମିଳିପାଳ ଅଭୟାରଣ୍ୟ ଓ ଝାଡ଼ଖଣ୍ଡୀ ହାତୀପଲ ଖାଦ୍ୟ ଅନ୍ୱେଷଣରେ ବର୍ଷ ତମାମ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ପଶି ଉପଦ୍ରବ କରୁଛନ୍ତି। ଚାଳ ଓ କଚ୍ଚା ଘର ଭାଙ୍ଗି ଖାଦ୍ୟଶସ୍ୟ ଖାଇବା ସହ ବ୍ୟାପକ ଭଙ୍ଗାରୁଜା କରୁଥିବା ନଜିର ରହିଛି। ସଂରକ୍ଷିତ ଜଙ୍ଗଲ ଓ ଅଭୟାରଣ୍ୟରେ ହାତୀମାନଙ୍କ ଖାଦ୍ୟ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ ହାତୀପଲ ଜଙ୍ଗଲ ଛାଡି ଗାଁ ମୁହାଁ ହେବେନାହିଁ ବୋଲି ପରିବେଶବିତମାନେ ମତପ୍ରକାଶ କରିଛନ୍ତି।

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ରାସୋଲ,୬।୬(ଡି.ଏନ.ଏ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ବମ୍ପା ସେକ୍ସନ ଭିଙ୍ଗିରା ଗ୍ରାମର ନୃପ ସାମଲ (୬୬) ସୋମବାର ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ସକାଳେ ଭିଙ୍ଗିରା ପାଟୁଆ ସାହି ଅଭିମୁଖେ ଯାଉଥିବାବେଳେ ଆମ୍ବତୋଟା ନିକଟରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ବନବିଭାଗ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ ଖଜୁରିଆକଟା ଡାକ୍ତରଖାନା ନେଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବମ୍ପା ଫରେଷ୍ଟର ସୁଶାନ୍ତ ସାହୁ କହିଛନ୍ତି, ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ।

# ପାର୍ବତୀ ମହାଦେବଙ୍କ ମନ୍ଦିର ପ୍ରବେଶ

### ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ
### ଭକ୍ତଙ୍କୁ ଅଟକାଇ ପାରିଲାନି ରୌଦ୍ରତାପ

**ସମ୍ବଲପୁର,୬।୬ (ବ୍ୟୁରୋ)**

୭ ଦିନ ଧରି ଚାଲିଥିବା ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ମାତା ପାର୍ବତୀ ଓ ଦେବ ଦେବ ମହାଦେବ ନଗର ପରିକ୍ରମାରୁ ଫେରି ସନ୍ଧ୍ୟାରେ ଗୋଧୂଳି ଲଗ୍ନରେ ମନ୍ଦିର ପ୍ରବେଶ କରିଛନ୍ତି। ପ୍ରବଳ ଖରା ହୋଇଥିଲେ ମଧ ଭକ୍ତଙ୍କୁ ଅଟକାଇପାରି ନ ଥିଲା। ଲକ୍ଷାଧିକ ଭକ୍ତ ଦେବଦମ୍ପତିଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

ନଗର ପରିକ୍ରମା ସମୟରେ ବିଭିନ୍ନ ରାସ୍ତାରେ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ଦେବଦମ୍ପତିଙ୍କୁ ସ୍ୱାଗତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମହିଳାମାନେ ଶୈବପୀଠ ମୁଖ୍ୟ ଦ୍ୱାରରେ ଝୋଟି ଆଙ୍କିବା ସହ ପୂର୍ଣ୍ଣକଳସ ସ୍ଥାପନ କରି ଦେବଦମ୍ପତିଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ଶିବ ପାର୍ବତୀଙ୍କୁ ଭକ୍ତମାନେ କାନ୍ଧରେ ବୋହି ମନ୍ଦିର ବେଢ଼ାକୁ ଆଣିଥିଲେ। ଏହାପରେ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ହରିବୋଲ ଧ୍ୱନିରେ ମୁଖରିତ ହୋଇଥିଲା ଶିବାଳୟ। ଦୁଲଦୁଲି ବାଦ୍ୟରେ ଦୁଲୁକି ଉଠିଥିଲା ମନ୍ଦିର ପ୍ରବେଶ ପଥ। କାଠ ପିଢ଼ାରେ ନବ ବିବାହିତ ଦେବଦମ୍ପତି ଉପବିଷ୍ଟ ହୋଇଥିଲେ। ଉପସ୍ଥିତ ମହିଳାମାନେ ଦୂବ, ଅରୁଆ ଚାଉଳ, ବେଲପତ୍ର, ଫୁଲ ବନ୍ଦାଣ କରି ମୁଣ୍ଡିଆ ମାରିଥିଲେ। ଦେବଦମ୍ପତିଙ୍କ ପାଦ ଧୋଇ ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ପଣ୍ଡିତଙ୍କ ଶିବସ୍ତୁତି ଉଚ୍ଚାରଣ ସହ ଶାନ୍ତିପାଠ, ପଞ୍ଚଗବ୍ୟ, ପଞ୍ଚାମୃତରେ ମହାଭିଷେକ ରୀତି ହୋଇଥିଲା। ଦେବଦମ୍ପତିଙ୍କୁ ୧୦୮ ଆଳତି କରି ମନ୍ଦିର ପ୍ରବେଶ ନୀତି ହୋଇଥିଲା। ପରମ୍ପରା ଅନୁସାରେ ନନ୍ଦପଡ଼ା ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ଝାଡ଼ୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା ଓ ଜଗଜ୍ଜନନୀ ପାର୍ବତୀ ଗଣ୍ଡାଳ ହୋଇ ଶନିବାର ମଧ୍ୟରାତ୍ରରୁ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ନଗର ପରିକ୍ରମାରେ ବାହାରିଥିଲେ। ଯାତ୍ରାପଥରେ ଭକ୍ତମାନେ ଦେବଦମ୍ପତିଙ୍କୁ ବନ୍ଦାଣ କରିଥିଲେ। ରାତି ତମାମ ଶୋଭାଯାତ୍ରା ହୋଇଥିଲା। ସକାଳ ସାଢ଼େ ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ହେଲେ ଭକ୍ତମାନେ ବିମାନରେ ଉପବିଷ୍ଟ ହୋଇଥିବା ଶିବପାର୍ବତୀଙ୍କୁ ଦୀପଦାନ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୧୦ଟା ପରେ ପୁଣି ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ନନ୍ଦପଡ଼ା ଯାତ୍ରା ସାନସଡ଼କ, ଝାଡ଼ୁଆପଡ଼ା ଯାତ୍ରା ବୈଦ୍ୟନାଥ ଛକରୁ ଗେଟି ରୋଡ୍, କୁଞ୍ଜେଲପଡ଼ା ଛକ, ମୁଦିପଡା ଯାତ୍ରା ଲକ୍ଷ୍ମୀଟକିଜ ଛକରୁ ଗୋଲବଜାର ରାସ୍ତା, ବଡବଜାର ଯାତ୍ରା କ୍ଷେତରାଜପୁର, ଫାର୍ମରୋଡ୍ ଓ ଠାକୁରପଡ଼ା ଯାତ୍ରା ବୁଢ଼ାରଜା ମୁଖ୍ୟରାସ୍ତା ଦେଇ ଗୋପାଳମାଳ ପରିକ୍ରମା କରି ସ୍ୱମନ୍ଦିର ପ୍ରବେଶ କରିଥିଲେ।



ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ମନ୍ଦିର ପ୍ରବେଶ।

# ଆଗରେ ଅନେକ ଚ୍ୟାଲେଞ୍ଜ

## ଦାୟିତ୍ୱ ନେଲେ ନୂଆ ମନ୍ତ୍ରୀ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ବିଜେଡି ସରକାରର ପଞ୍ଚମ ପାଳିର ଦ୍ୱିତୀୟ ପର୍ଯ୍ୟାୟ ମନ୍ତ୍ରିମଣ୍ଡଳ ଗଠନ ହୋଇସାରିଛି। ନୂଆ ମନ୍ତ୍ରୀମାନେ ଶପଥ ପାଠ ପରେ ମୁଖ୍ୟମନ୍ତ୍ରୀଙ୍କଠାରୁ ୬-ଟି ଗୁରୁମନ୍ତ୍ର ପାଇବା ପରେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କେତେକ ମନ୍ତ୍ରୀ ନିଜ ବିଭାଗର ସମୀକ୍ଷା ବୈଠକ ଡାକିଛନ୍ତି। ନୂଆ ମନ୍ତ୍ରୀ ଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ଭଳି ଅନ୍ୟ କେତେଜଣ ଲୋକସେବା ଭବନର ନିଜ କାର୍ଯ୍ୟାଳୟକୁ ଆସି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ଓ କାର୍ଯ୍ୟାଳୟର କର୍ମଚାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ନବୀନଙ୍କ ନୂଆ ଟିମ୍‌ରେ ୧୩ ଜଣ କ୍ୟାବିନେଟ୍ ମନ୍ତ୍ରୀ, ୮ ଜଣ ରାଷ୍ଟ୍ରମନ୍ତ୍ରୀ ସ୍ଥାନ ପାଇଛନ୍ତି। ଜିଲା ଓ ବ୍ଲକସ୍ତରକୁ ଗସ୍ତ କରି ଲୋକଙ୍କ ସମସ୍ୟା ସହ ଅବଗତ ହେବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଙ୍କ ବିକାଶ ପାଇଁ ଯତ୍ନଶୀଳ ହେବା ସହ ୨୦୨୪ ପୂର୍ବରୁ ବିଜେଡିର ନିର୍ବାଚନୀ ଇସ୍ତାହାର ଶତପ୍ରତିଶତ ପୂରା କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୨ ବର୍ଷରୁ କମ୍ ରହିଛି। ସେହି ସମୟ ମଧ୍ୟରେ ମନ୍ତ୍ରୀମାନେ ସରକାରୀ ଯୋଜନାର ଲାଭ ତୃଣମୂଳସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରିବେ ବୋଲି ଅନେକ ମନ୍ତ୍ରୀ ପ୍ରତିକ୍ରିୟାରେ କହିଛନ୍ତି। ନୂଆ ମନ୍ତ୍ରୀମାନଙ୍କ ପାଇଁ ଆଗକୁ ଅନେକ ଚ୍ୟାଲେଞ୍ଜ ରହିଛି। ଚାଷୀଙ୍କୁ ଠିକ୍ ସମୟରେ କୃଷି ଋଣ, ବିହନ ସାର ଯୋଗାଣ, ଧାନକ୍ରୟ, ଜାଗା ମିଶନରେ ବସ୍ତିବାସିନ୍ଦାଙ୍କୁ ଜାଗା, ପାନୀୟଜଳ, ଗରିବ ଲୋକଙ୍କୁ ଖାଦ୍ୟ ଶସ୍ୟ ଯୋଗାଣ, ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଭଳି ମୌଳିକ ସୁବିଧା ପହଞ୍ଚାଇବା ନୂଆ ମନ୍ତ୍ରୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ରହିଛି। ନୂଆ ମନ୍ତ୍ରୀମାନେ ନିର୍ବିବାଦୀୟ ହୋଇ ଦଳର ସୁପ୍ରିମୋଙ୍କ ଆଶାକୁ କେତେଦୂର ପୂରଣ କରିବାରେ ସଫଳ ହେବେ ତାହା ଆଗାମୀ ଦିନରେ ପ୍ରତିଫଳିତ ହେବ। ଦାୟିତ୍ୱ ନେବାପରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ମହାନଦୀକୁ ନେଇ ଛତିଶଗଡ଼ ସହ ଜୋର୍‌ଦାର ଲଢ଼େଇ ହେବ। ଜୀବନରେଖାର ସୁରକ୍ଷା ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ।





ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ ଫୁଲତୋଡା ଦେଇ ସ୍ୱାଗତ ଜଣାଉଛନ୍ତି। ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ସମୀକ୍ଷା ବୈଠକରେ ଆଲୋଚନା କରୁଛନ୍ତି।

## ରାଜ୍ୟ ସଭାକୁ ନିରଞ୍ଜନ ବିଶି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ନିରଞ୍ଜନ ବିଶି ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଥିଲା। ମିଳିଥିବା ସୂଚନା ମୁତାବକ, ଅପରାହ୍ନ ୩ଟା ସୁଦ୍ଧା କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିଲେ। ସଂଖ୍ୟା ଦୃଷ୍ଟିରୁ ଭାଜପା ଓ କଂଗ୍ରେସ ଉପନିର୍ବାଚନ ପାଇଁ କୌଣସି ପ୍ରାର୍ଥୀ ଦେଇ ନ ଥିଲେ। ଏଥିଯୋଗୁ ନିରଞ୍ଜନ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଇସ୍ତଫା ଦେବା ପରେ ଉପନିର୍ବାଚନ ଲାଗି ନିରଞ୍ଜନ ପ୍ରାର୍ଥୀ ହୋଇଥିଲେ। ରାଜ୍ୟ ସଭା ରିଟର୍ନିଂ ଅଫିସର ନିରଞ୍ଜନଙ୍କୁ ରାଜ୍ୟ ସଭା ପାଇଁ ପ୍ରମାଣପତ୍ର ଦେଇଛନ୍ତି। ଆସନ୍ତା ୩ ବର୍ଷ ଲାଗି ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଜୁନ୍ ୪ ତାରିଖରେ ମାନସ ରଞ୍ଜନ ମଙ୍ଗରାଜ, ସୁଲତା ଦେଓ ଏବଂ ସସ୍ମିତ୍ ପାତ୍ର ମଧ୍ୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।



ନିରଞ୍ଜନଙ୍କୁ ରାଜ୍ୟ ସଭା ପ୍ରମାଣପତ୍ର ଦେଉଛନ୍ତି ରାଜ୍ୟ ସଭା ରିଟର୍ନିଂ ଅଫିସର ।

# ମହିଳା ସଶକ୍ତୀକରଣ ନାଁରେ ଶୋଷଣ ନୀତି: ଭାଜପା

ଭୁବନେଶ୍ୱର,୬।୬(ବ୍ୟୁରୋ)

ଦୀର୍ଘ ୨୩ ବର୍ଷ ଧରି ନିରଙ୍କୁଶ ଭାବେ ଶାସନ କରି ଆସୁଥିବା ବିଜୁ ଜନତା ଦଳ ମହିଳା ସଶକ୍ତୀକରଣ ନାଁରେ ମହିଳା ଶୋଷଣ ନୀତି ଆପଣାଇଛି। ମହିଳା ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

ସୋମବାର କଟକଠାରେ ଅନୁଷ୍ଠିତ 'ମହିଳା ସମାବେଶ'ରେ ଯୋଗଦେଇ ସେ ଏହା କହିଛନ୍ତି। ରାଜ୍ୟ ସରକାରଙ୍କର ମହିଳା ସୁରକ୍ଷା ପ୍ରତି କୌଣସି ପ୍ରତିବଦ୍ଧତା ନ ଥିବା କାରଣରୁ ପ୍ରତିଦିନ ହାରାହାରି ୪ ବଳାତ୍କାର ଓ ୬ ଅପହରଣ ଭଳି ହୀନ ଘଟଣା ଘଟୁଛି। ଭାରତରେ ସହରାଞ୍ଚଳର ୧୦୦୦ ମହିଳାଙ୍କ ମଧ୍ୟରୁ ୯୯ ଜଣ ବେରୋଜଗାର ଥିବାବେଳେ ଓଡ଼ିଶାରେ ସେମାନଙ୍କ ସଂଖ୍ୟା ୨୧୯ । ରାଜ୍ୟରେ ୪୦୦ ବାଳିକା ବିଦ୍ୟାଳୟରେ ଶୌଚାଳୟକୁ ପାଣିର ସଂଯୋଗୀକରଣ କରାଯାଇନାହିଁ । ରାଜ୍ୟରେ ମହିଳାଙ୍କ ସାକ୍ଷରତା ହାର ୬୪.୦୧ ପ୍ରତିଶତ ଏବଂ ଶିକ୍ଷାକ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟସ୍ତରରେ ୧୩ତମ ସ୍ଥାନରେ ରହିବା ଶିକ୍ଷାର ଅବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟର ୩୭୦ ପଞ୍ଚାୟତରେ ହାଇସ୍କୁଲ ନ ଥିବାବେଳେ ୪୦୦ ବାଳିକା ବିଦ୍ୟାଳୟରେ ଶୌଚାଳୟକୁ ପାଣିର ସଂଯୋଗୀକରଣ ହୋଇ ନ ଥିବା ରାଜ୍ୟ ସରକାରଙ୍କ ଅପାରଗତାକୁ ସ୍ପଷ୍ଟ କରୁଛି ବୋଲି ମହାନ୍ତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ଅନେକ ମହିଳା କେନ୍ଦ୍ରିକ ଯୋଜନା ଆରମ୍ଭ କରିଛନ୍ତି। ଜନ୍ମିତ ଶିଶୁଠାରୁ ଆରମ୍ଭ କରି ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମହିଳାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରି ଏହାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ମୋଦି ସରକାର ନୀରବଚ୍ଛିନ ଭାବେ କାର୍ଯ୍ୟ କରୁଛି । ଗତ ୮ ବର୍ଷରେ ମୋଦି ସରକାରରେ ଶିକ୍ଷା, ଅର୍ଥ, ବୈଦେଶିକ, ସାମାଜିକ ସୁରକ୍ଷା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରାଳୟର ଦାୟିତ୍ୱ ମହିଳାମାନଙ୍କୁ ପ୍ରଦାନ ଦିଆଯାଇଛି ବୋଲି ମହାନ୍ତି କହିଛନ୍ତି ।

# ହୋଟେଲ ଗଲେ ଶିବସେନା ବିଧାୟକ

ନୂଆଦିଲ୍ଲୀ,୬।୬

ମହାରାଷ୍ଟ୍ରରୁ ୬ ରାଜ୍ୟ ସଭା ଆସନ ଲାଗି ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଭାଜପା ଘୋଡ଼ାବେପାରରେ ସାମିଲ ହେବା ଆଶଙ୍କା କରି ଶାସକ ଶିବସେନାର ବିଧାୟକମାନେ ସୋମବାର ସନ୍ଧ୍ୟାରେ ଏକ ଅଜଣା ହୋଟେଲକୁ ଯାଇଥିବା ଜଣାପଡ଼ିଛି। ସେମାନଙ୍କ ସହ କେତେଜଣ ସ୍ୱାଧୀନ ବିଧାୟକ ମଧ୍ୟ ଲକ୍‌ଜ୍ୟୁରି ବସ୍‌ରେ ଅଜଣା ସ୍ଥାନକୁ ଯାଇଛନ୍ତି। ହୋଟେଲ ଯିବା ପୂର୍ବରୁ ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବୈଠକ କରିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହା ପରେ ମହାରାଷ୍ଟ୍ର ସରକାରଙ୍କ ସହ୍ୟାଦ୍ରି ଗେଷ୍ଟ ହାଉସ୍ ବିପରୀତ ପାର୍ଶ୍ୱରେ ଦୁଇଟି ବସ୍ ରହିଥିବା ଦେଖିବାକୁ ମିଳିଥିଲା। ୬ ଆସନ ପାଇଁ ଶାସକ ମହାବିକାଶ ଅଘାଡ଼ି କ୍ୟାମ୍ପରୁ ଶିବସେନା ୨ ପ୍ରାର୍ଥୀ ଏବଂ କଂଗ୍ରେସ ଓ ଏନ୍‌ସିପି ଜଣେ ଲେଖାଏ ପ୍ରାର୍ଥୀ ଦେଇଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଭାଜପା ୩ ପ୍ରାର୍ଥୀ ଦେଇଛି। ତେଣୁ ଷଷ୍ଠ ଆସନ ଲାଗି ଶିବସେନାର ସଞ୍ଜୟ ପାୱାର ଏବଂ ଭାଜପା ଧନଞ୍ଜୟ ମହାଦିକ୍‌ଙ୍କ ମଧ୍ୟରେ ଲଢ଼େଇ ହେବ। ଭାଜପା ଘୋଡ଼ାବେପାର କରିପାରେ ବୋଲି ଶାସକ ମେଣ୍ଟ ଆଶଙ୍କା କରୁଛି।

# ନେତା ଦୁର୍ବଳ, ମନ୍ତ୍ରିମଣ୍ଡଳରେ ମିଳିଲାନି ସ୍ଥାନ: କଂଗ୍ରେସ

ନବରଙ୍ଗପୁର,୬।୬(ବି.ପ୍ର.)

କଂଗ୍ରେସ, ଭାଜପା ଓ ବିଜେଡି ପ୍ରମୁଖ ରାଜନୈତିକ ଦଳ ନବରଙ୍ଗପୁର ଜିଲାକୁ କେବେ ମଧ୍ୟ ନିରାଶ କରି ନ ଥିଲେ। ଏହି ଜିଲାରୁ ବିଭିନ୍ନ ସମୟରେ ସଦାଶିବ ତ୍ରିପାଠୀ, ପରମା ପୂଜାରୀ, ଡମ୍ବରୁ ମାଝି, ରବିସିଂ ମାଝି, ଯାଦବ ମାଝି, ହାବିବୁଲ୍ଲା ଖାଁ ଓ ରମେଶ ଚନ୍ଦ୍ର ମାଝି ମନ୍ତ୍ରୀ ରହିଥିଲେ। ତେବେ ରବିବାର କେତେଜଣ ପୁରୁଣାଙ୍କ ସହ ନୂଆ ମନ୍ତ୍ରୀଙ୍କୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେଲା। ହେଲେ ମୁଖ୍ୟମନ୍ତ୍ରୀ ଏଥର ଜିଲାର ୩ଜଣ ବିଧାୟକ ମଧ୍ୟରୁ କାହାରିକୁ ବି ସ୍ଥାନ ଦେଲେ ନାହିଁ। ନବରଙ୍ଗପୁର ଭଳି ଜିଲାରୁ କାହାରିକୁ ମନ୍ତ୍ରିମଣ୍ଡଳରେ ସ୍ଥାନ ନ ମିଳିବା ଜିଲାର ନେତାଙ୍କ ଦୁର୍ବଳତାକୁ ବୁଝାଉଛି ବୋଲି ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି।

ସେହିଭଳି ଚଳିତ ମାସରେ ଜିଲାରେ ବଡ଼ ଧାରଣର ଏକ ମିଶ୍ରଣ ପର୍ବ ହେବ। ରାଜସ୍ଥାନ ଉଦୟପୁର ଢାଞ୍ଚାରେ ଚିନ୍ତନ ପର୍ବ ଓ ନୂତନ ମଣ୍ଡଳ କଂଗ୍ରେସ ଗଠନ ଚାଲିଛି ବୋଲି ସୂଚନା ମିଳିଛି। ସରକାର ୫-ଟି ମାଧ୍ୟମରେ ହାଇସ୍କୁଲଗୁଡିକର ରୂପାନ୍ତରଣ କରୁଛନ୍ତି। ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ଥିଲେ ମଧ୍ୟ ଯେଉଁସବୁ କାମ କରାଯାଉଛି ତାହା ଅତି ନିମ୍ନମାନର ହେଉଛି। ପୁରୁଣା ଟିଣରେ ରଙ୍ଗ ଦେବା, ପାଚେରିରେ ନିମ୍ନମାନର ରଙ୍ଗରେ ଚିତ୍ର ଆଙ୍କିବା ଓ ବଗିଚା କାମରେ ଯେଉଁସବୁ ସିମେଣ୍ଟ ବ୍ୟବହାର କରାଯାଉଛି ତାହା ଛୁଇଁଲା ମାତ୍ରେ ଝଡି ପଡୁଛି ବୋଲି ଅଭିଯୋଗ ହୋଇଛି। ବିନା ଠିକାରେ ବିଭାଗ ନିଜ ହାତରେ କାମ ରଖି ଅତି ନିମ୍ନମାନରେ କାମ କରି ଚାଲିଛି। ଏ ନେଇ କଂଗ୍ରେସ ପ୍ରତିବାଦ କରିବ ବୋଲି ଜିଲା ସଭାପତି ତ୍ରିପାଠୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ପାଦକ ପ୍ରଦୀପ ସାହୁ, ପିସିସି ସଭ୍ୟ ଦିଲୀପ ବେହେରା, ସୁବାସ ସୁର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ନବରଙ୍ଗପୁର ଜିଲା**

# ମୟୂରଭଞ୍ଜରେ ମହିଳା କାର୍ଡ

ବାରିପଦା ଅଫିସ,୬।୬

ଇତି ମଧ୍ୟରେ ରାଜ୍ୟ ମନ୍ତ୍ରିମଣ୍ଡଳର ପରିବର୍ତ୍ତନ ହୋଇଛି। ମୟୂରଭଞ୍ଜ ଜିଲାରୁ କ୍ୟାବିନେଟ ମନ୍ତ୍ରୀ ଭାବେ ପ୍ରତିନିଧିତ୍ୱ କରୁଥିବା ସୁଦାମ ମାରାଣ୍ଡିଙ୍କୁ ବାଦ୍‌ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି। ବାସନ୍ତୀଙ୍କୁ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମିଳିଛି। ମହିଳା ସଶକ୍ତୀକରଣକୁ ନେଇ ଜିଲାରେ ମହିଳା ସଙ୍ଗଠନ ଓ ଦଳୀୟ ସଙ୍ଗଠନକୁ ମଜବୁତ ଲକ୍ଷ୍ୟ ରଖି ବିଜେଡି ପକ୍ଷରୁ ଆଦିବାସୀ ମହିଳାକାର୍ଡ ଖେଳାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀ କାର୍ଡ ପ୍ରଚଳନ ଜୋର ଧରିଥିବା ବେଳେ ଜଣେ ଆଦିବାସୀ ମହିଳାଙ୍କୁ ମନ୍ତ୍ରୀପଦ ମିଳିବା ପରେ ଜିଲାର ବିକାଶ କେତେ ହୋଇପାରୁଛି ତାହାକୁ ନେଇ ଆଲୋଚନା ଚାଲିଛି। ଅନ୍ୟପକ୍ଷରେ ଜିଲାର ଟାଣୁଆ ନେତା ଭାବେ ପରିଚିତ ସୁଦାମ ମାରାଣ୍ଡିଙ୍କ ସ୍ଥାନରେ ବାସନ୍ତୀଙ୍କୁ ଅବସ୍ଥାପିତ କରିବା ନେଇ ମନ୍ତ୍ରୀପଦ ପ୍ରଭାବଶୂନ୍ୟ ହେବକି ବୋଲି ଚର୍ଚ୍ଚା ଜୋର ଧରିଛି।

ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଅଭୂତପୂର୍ବ ସଫଳତା ମିଳିଥିଲା। ୫୬ ଜିଲା ପରିଷଦ ଆସନ ମଧ୍ୟରୁ ୫୩ଟି ବିଜେଡି ଖାତାକୁ ଯାଇଥିବା ବେଳେ ମାତ୍ର ତିନୋଟି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ହାତେଇଥିଲା। ସେହିପରି ଜିଲାର ବ୍ଲକ ଅଧ୍ୟକ୍ଷ ଓ ପୌର ପରିଷଦ ନିର୍ବାଚନରେ ବିଜେଡିର ସଫଳତାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ।



ବାସନ୍ତୀ ହେମ୍ବ୍ରମ



ସୁଦାମ ମାରାଣ୍ଡି

ତେବେ ମନ୍ତ୍ରିମଣ୍ଡଳ ପରିବର୍ତ୍ତନରେ ରାଜସ୍ୱମନ୍ତ୍ରୀ ଥିବା ସୁଦାମ ମାରାଣ୍ଡିଙ୍କୁ ବାଦ୍ ଦିଆଗଲା। ଜଣେ ଲୋକପ୍ରିୟ ଏବଂ ଅଭିଜ୍ଞ ନେତାଙ୍କୁ ବାଦ୍ ଦିଆଯିବା ପଛରେ କେଉଁ ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ଜିଲାରେ ଚର୍ଚ୍ଚା ବଢ଼ିଛି। ତତ୍କାଳୀନ ରାଜସ୍ୱ ମନ୍ତ୍ରୀଙ୍କ ଜିଲାରେ ରାଜସ୍ୱ ହରିଲୁଟ ଘଟଣାରେ ଏନ୍‌ଜିଟି ଛାଟକୁ ନେଇ ନବୀନ ସୁଦାମଙ୍କୁ ମନ୍ତ୍ରୀପଦରୁ ବିଦା କଲେ ବୋଲି ଆଲୋଚନା ହେଉଛି।

ନବୀନ ସରକାରଙ୍କ ଦୀର୍ଘ ୨୨ବର୍ଷ ଶାସନ କାଳରେ ମୟୂରଭଞ୍ଜ ଜିଲାକୁ ମନ୍ତ୍ରୀପଦ ମିଳିଆସୁଛି । ମାତ୍ର ଦୀପ ତଳ ଅନ୍ଧାର ସଦୃଶ ଜିଲାରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜିଲାବାସୀ ସେତେଟା ଖୁସି ନାହାନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ପଦବୀ ଫାଙ୍କା ପଡ଼ିଛି। ବେକାରୀ ସଂଖ୍ୟା ଦ୍ରୁତ ଗତିରେ ବଢୁଥିବା ବେଳେ ବହୁ ବେକାର ଯୁବତୀ ଯୁବକ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ବାହାର ଜିଲା ଓ ରାଜ୍ୟକୁ ଯାଉଛନ୍ତି। ଏସବୁ ପତି ଧ୍ୟାନ ଦିଆ ନ ଯାଇ ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବାକୁ ରାଜ୍ୟ ସରକାର ମନ୍ତ୍ରୀ ପଦ ଦେଇ ଜିଲାବାସୀଙ୍କୁ ଭକୁଆ ବନାଉଛନ୍ତି ବୋଲି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି। ତେବେ ସାଙ୍ଗଠନିକ ଦୃଷ୍ଟି କୋଣରୁ ଜିଲା ପରିଷଦ ସଭାପତି ଭାବେ ବାରିପଦା ଉପଖଣ୍ଡରୁ ମନୋନୀତ କରାଯାଇଥିବା ବେଳେ ଜିଲାର କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡରେ ସଙ୍ଗଠନକୁ ସୁଦୃଢ କରିବା ପାଇଁ ବିଜେଡି ପକ୍ଷରୁ ଏଭଳି ପ୍ରୟାସ କରାଯାଇଛି ବୋଲି କେତେକ ଦଳୀୟ ନେତା ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାର ୯ ବିଧାନସଭା ଓ ଗୋଟିଏ ଲୋକସଭା ଆସନକୁ ବିଜେଡି ଅକ୍ତିଆର କରିବାକୁ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଅପରପକ୍ଷରେ ସୁଦାମ ମାରାଣ୍ଡି ମୟୂରଭଞ୍ଜ ଜିଲା ବିଜେଡି ସଭାପତି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଦଳୀୟ ନେତାମାନେ ଆଲୋଚନା କରୁଛନ୍ତି । ମନ୍ତ୍ରୀ ପଦ ଥାଇ ମଧ୍ୟ ପଞ୍ଚାୟତ ନିର୍ବାଚନରେ ଅଭୂତପୂର୍ବ ସଫଳତା ହାସଲ କରିଥିବା ଟାଣୁଆ ନେତା ମନ୍ତ୍ରୀ ପଦ ହରାଇବା ପରେ ଦଳର ସାଙ୍ଗଠନିକ ବ୍ୟବସ୍ଥା ମଜବୁତ ହେବ ନା ମହଙ୍ଗା ପଡ଼ିବ ତାହାକୁ ନେଇ ଚର୍ଚ୍ଚା ବଢ଼ିଲାଣି।

■ ସୁଦାମଙ୍କ ବଦଳରେ ବାସନ୍ତୀଙ୍କୁ ମନ୍ତ୍ରୀ ପଦ

■ ମିଶନ ୨୦୨୪କୁ ନେଇ ଚର୍ଚ୍ଚା

**Shree Jagannath Temple Office, Puri**

**Quotation Call Notice No. 8/22 5872, Dt.04.06.2022**
**"Quotation for supply of Stationary Items/materials for Shree Purusottam Bhakta Niwas near old Jail, Puri.** Visit website: **www.shreejagannatha.in.**
**Last date : 10.06.2022 by 4.30 P.M.**

**Sd./- Administrator**
**Shri Jagannath Temple, Puri**

WORKS DEPARTMENT
OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE
e-mail: - seec_bls@rediffmail.com
Government of Odisha "e" Procurement Notice
Bid Identification No.CCEEC-04/ 2022-23
No.B-260: No.2414/Dt.31.05.2022

| | |
|---|---|
| Nature of work | :- Building Works |
| Number of works | :- 10 (Ten) No. Buildings |
| Amount put to Tender | :- Rs. 309.13 Lakh to Rs. 324.42 Lakh |
| Class of Contractor | :- "A" Class / "Special" |
| Date & Time of availability of bid document in the portal | :- Dt.1 0.06. 2022 at 10:00 AM |
| Last Date / Time of receipt of bid in the portal | :- Dt.27.06.2022 upto 05:00 PM |
| Date of opening of bid | :- Dt.28.06.2022 at 11 :00 AM |
| Name & address of the Office inviting bid | :- Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B) Balasore
OIPR-34026/11/0006/2223

GOVERNMENT OF ODISHA
"e "- PROCUREMENT NOTICE
Bid Identification No. S.E. GTN(R&B) - 04/2022-23
E-mail address- eeghatagaon2015@gmail.com
Letter No. 2594 dt. 27.05.2022

**No.B-263:**1. The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate Bids in Single cover system in online mode from the Authorized dealer / Manufactures for procurement of electrical goods as mentioned below.

| | |
|---|---|
| 2. Nature of the work | :- Electrical Works |
| 3. Numbers of work | :- 02 (Two) Nos. |
| 4. Estimated cost: | :- Rs.20.68 Lakhs - 24.64 Lakhs (Approx.) |
| 5. Period of completion | :- 15 (Fifteen) Days. |
| 6. Date & Time of availability of bid document in the portal | :- From 11.30 A.M of dt.07.06.2022 to 05.00 P.M of dt.16.06.2022 |
| 7. Last Date/ Time for receipt of bids in the portal | :- 05.00 P.M of dt.16.06.2022 |
| 8. Date of opening of Bid | :- 11.00 A.M of dt.17.06.2022 |

9. Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the same website only.

Sd./- D.K. Rout, Dt.27.05.2022
Superintending Engineer, Ghatagaon(R&B) Division
OIPR-34140/11/0005/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-733: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2411/RE/OSIC Dt.04.06.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of **3** nos. of work i.e. "Supply of computer peripherals & other articles to SSD schools of Gajapati District under DWO, Gajapati", "Supply of Sample of Identity Card for Boarders belongings to SSD schools of Gajapati District under DWO, Gajapati" and "Supply of mattresses for the hostels running under ST & SC Development Department hostels in Gajapati District under DWO, Gajapati".Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd./-GENERAL MANAGER (O)
OIPR-14073/11/0023/2223

**Expression of Interest**

**"Expression of Interest"** in sealed cover is hereby invited for **Selection of Advertising Agency towards Publicity and Branding Activities of Odisha Crafts Museum-Kala Bhoomi, Bhubaneswar.**

For details of EoI, ToR etc. please visit the website: **www.sidacodisha.org.in.** The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar, Ph: 0674-2350318 is **upto 05:00 P.M. on 20.06.2022.** The details of EOI will be available in the website **w.e.f. 06.06.2022.**

Sd/-
**Member Secretary**

State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar - 751030
SIDAC Tel No. +91 (0) 674 2350318, E-mail: sidacorissa@gmail.com, www.sidacodisha.org.in

**ODISHA UNIVERSITY OF TECHNOLOGY AND RESEARCH**
(Formerly College of Engineering & Technology, Bhubaneswar)
Techno Campus, Ghatikia, P.O. Mahalaxmi Vihar
BHUBANESWAR - 751029, ODISHA, INDIA
Ref. No. 1299 / OUTR Date: 04 .06.2022

**WALK IN INTERVIEW**

No. KK-50: The Walk-in-Interview for engagement of faculty on purely temporary and contract basis on requirement in various disciplines i.e. Civil Engineering, Mechanical Engineering, Electrical Engineering, Electronics and Instrumentation Engineering, Computer Science & Engineering, Information Technology, Computer Science & Application (MCA), Textile Engineering, Fashion & Apparel Technology, Biotechnology, Architecture, Planning, Physics, Chemistry, Mathematics and English for a temporary period of one Semester or till filling up the regular post(s) in respective applicable disciplines by the University whichever is earlier will be held at OUTR, Bhubaneswar in the Office of the Officer on Special Duty during **21.06.2022 to 27.06.2022**. The interested candidates may visit the website **www.cet.edu.in** for further detailed information with schedule. No TA/DA will be admissible to the candidates for attending the interview. The authority reserves the right to cancel part or whole of the above Walk-in-Interview without assigning any reason thereof.

Sd./- OFFICER ON SPECIAL DUTY
OIPR-16005/11/0011/2223

GOVERNMENT OF ODISHA
**DIRECTORATE OF AGRICULTURE AND FOOD PRODUCTION, ODISHA, BHUBANESWAR**
File No. DAFP-FM-MISC-0014-2022
Notice No. 17826 Date: 31.05.2022

**CORRIGENDUM TO**

**DETAILED TERMS AND CONDITIONS FOR SUBMISSION OF OFFER FOR ENLISTMENT OF MAKE & MODEL OF IMPROVED IMPLEMENTS, EQUIPMENTS AND MACHINERY RELATING TO AGRICULTURE, HORTICULTURE, FISHERIES & ANIMAL RESOURCE DEVELOPMENT SECTOR INCLUDING KISAN DRONES (FOR AGRICULTURE USE) FOR 2022-23, 1st Phase FOR POPULARISATION UNDER DIFFERENT SCHEMES OF CENTRAL AND STATE GOVERNMENT**

No. L-41: In condtinuation to this Directorate Notice No. 16980 Dt.24.05.2022 regarding enlistment of Make & Model of improved implements, equipment and machineries relating to Agriculture, Horticulture, Fisheries and Animal Resources Development Sector including Kisan Drones (for Agriculture use) for 2022-23, 1st Phase for popularisation under different schemes of Central and State Government the Point No. 9 in the said notice may be read as
"Submission of Demonstration Report is not mandatory for all Implements/ Machineries where CTR is available and the Director, SLFMTTC, Baramunda will finalise the requirement and necessary parameters for Demo Report through a Committee for the essential Machinery".
**instead of**
"The Manufacturing Firms/Soruce Company has to submit successful Demonstration Report from SLFMTTC, Baramunda, Bhubaneswar or CAET, OUAT, BBSR for all the implements applied under EOI irrespective of CTR conducted at any GOI approved institute or any other State approved institute. However the Demo report is exempted in case of Tractor, Power Tiller and Combine Harvester provided that the CTR is submitted from designated testing centers authorized for that particular machine and Govt. of India approval is obtained. The Demo report is exempted for the implements tested at SLFMTTC, Baramunda, BBSR or CAET, OUAT, BBSR. A Demonstration report along with detail verification report from SLFMTTC, Baramunda and Bhubaneswar referring the authenticity of the BIS Portal Certification is required for approval of pumps".
All other terms and conditions of the Notice No. 16980 Dt.24.05.2022 remain unchanged.

Sd./- Director of Agriculture & Food Production, Odisha
OIPR-01051/11/0005/2223

**ଖସିଲା ଶେୟାର ବଜାର**

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିବସ ଅର୍ଥାତ୍ ସୋମବାର ଭାରତୀୟ ଶେୟାର ବଜାରରେ ସ୍ୱଳ୍ପ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୯୪ (୦.୧୭%) ଏବଂ ନିଫ୍ଟିରେ ୧୫ (୦.୦୮୯%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୫,୬୭୫ ଏବଂ ନିଫ୍ଟି ୧୬,୭୦ ଅଙ୍କରେ ବନ୍ଦ ହୋଇଥିଲା। ଦିନରେ ୧୪୪୧ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୯୫୭ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଏହାଛଡ଼ା ୧୫୯ ଶେୟାରରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ।

## ସଂକ୍ଷେପରେ

### ନୋଟ୍‌ରେ ରହିବ ଗାନ୍ଧୀଙ୍କ ଫଟୋ: ଆରବିଆଇ

**ନୂଆଦିଲ୍ଲୀ,୬।୬:** ପ୍ରଚଳିତ ଭାରତୀୟ ମୁଦ୍ରା ଏବଂ ବ୍ୟାଙ୍କ୍ ନୋଟ୍ ଉପରେ ଥିବା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ପରିବର୍ତ୍ତନ ସମ୍ପର୍କରେ କୌଣସି ବିଚାର ହୋଇନାହିଁ। ତେଣୁ ମହାତ୍ମା ଗାନ୍ଧୀଙ୍କ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିବିଶେଷଙ୍କ ଫଟୋ ଛପାଯିବା ନେଇ କିଛି ଗଣମାଧ୍ୟମ ଖବର ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ବୋଲି ଭାରତର ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କର ୱାଟରମାର୍କ ଫଟୋ ଭାରତୀୟ ନୋଟ୍ ଉପରେ ଗୌରବ ବୃଦ୍ଧି କରୁଛି। ତେଣୁ ତାଙ୍କ ଫଟୋ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିବିଶେଷଙ୍କର ଫଟୋ ଦିଆଯିବା ନେଇ ଆର୍‌ବିଆଇ ପକ୍ଷରୁ କୌଣସି ପ୍ରସ୍ତାବ ନଥିବା କୁହାଯାଇଛି। ସୂଚନାଯୋଗ୍ୟ, କିଛି ଗଣମାଧ୍ୟମ ଖବରରେ ମହାତ୍ମା ଗାନ୍ଧୀଙ୍କ ଫଟୋ ସ୍ଥାନରେ ନୋଟ୍ ଉପରେ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ଏବଂ ଦେଶର ୧୧ ତମ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମଙ୍କ ଫଟୋ ସ୍ଥାନିତ କରାଯିବା ସମ୍ପର୍କରେ ଖବର ଆସୁଥିଲା।

### ପାଇଲଟ୍‌ଙ୍କୁ ଉଡ଼ାଣରେ ରୋକ ଲଗାଇଲା ସ୍ପାଇସ୍ ଜେଟ୍

**ନୂଆଦିଲ୍ଲୀ,୬।୬:** ସ୍ପାଇସ୍ ଜେଟ୍ ପକ୍ଷରୁ ନିଜର ୯୦ ଜଣ ପାଇଲଟ୍‌ଙ୍କ ଉପରେ ମ୍ୟାକ୍ସ ଏୟାରକ୍ରାଫ୍ଟ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି। ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଆଭିଏଶନ୍ (ଡିଜିସିଏ) ପକ୍ଷରୁ କିଛିଦିନ ପୂର୍ବେ ଫ୍ଲାଇଟ୍ ସିମୁଲେଟର ଉପରେ ୭୩୭ ମାକ୍ସ ଏୟାରକ୍ରାଫ୍ଟର ପାଇଲଟ୍‌ମାନଙ୍କୁ ପ୍ରଶିକ୍ଷଣ ଦେବା ମାମଲାରେ ସ୍ପାଇସ୍ ଜେଟ୍ ଉପରେ ୧୦ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଥିଲା। ଫଳରେ ପରେ ଏୟାରଲାଇନ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା କମ୍ପାନୀର ବିଏସ୍‌ଇ ଫାଇଲିଂରୁ ସୂଚନା ମିଳିଛି। ସ୍ପାଇସ୍‌ଜେଟ୍ ଦ୍ୱାରା ଦିଆଯାଉଥିବା ଏୟାରକ୍ରାଫ୍ଟ ପ୍ରଶିକ୍ଷଣ ଦ୍ୱାରା ଫ୍ଲାଇଟ୍ ସେଫ୍ଟି ଉପରେ ବିପରୀତ ପ୍ରଭାବ ପଡିବାର ସମ୍ଭାବନା ରହିଥିବାରୁ ଏହାକୁ ରଦ୍ଦ କରିଦିଆଯାଇଥିବା ଡିଜିସିଏ ପକ୍ଷରୁ ସୂଚନା ଦିଆଯାଇଥିଲା।

# ବୃଦ୍ଧି ପାଇଛି ତୈଳ ଆମଦାନୀ

ନୂଆଦିଲ୍ଲୀ,୬।୬



**ଇଣ୍ଡୋନେସିଆର କଟକଣା ସତ୍ତ୍ୱେ ୭ ମାସରେ ସର୍ବାଧିକ ପାମ୍ ତୈଳ ଆମଦାନୀ**

ବିଶ୍ୱର ଅଗ୍ରଣୀ ପାମ୍ ତୈଳ ରପ୍ତାନିକାରୀ ଇଣ୍ଡୋନେସିଆ ଦ୍ୱାରା ରପ୍ତାନି ଉପରେ କଟକଣା ସତ୍ତ୍ୱେ ମେ' ମାସ ପାଇଁ ଭାରତର ଆମଦାନୀରେ ବୃଦ୍ଧି ଘଟିଛି। ଭାରତ ଆମଦାନୀ କରୁଥିବା ପାମ୍ ତୈଳର ପ୍ରାୟ ୬୦% ଇଣ୍ଡୋନେସିଆଠାରୁ ଗ୍ରହଣ କରିଥାଏ। ତେଣୁ ଏହି ପ୍ରତିବନ୍ଧକ ପରେ ମାଲେସିଆ, ଥାଇଲାଣ୍ଡ, ପପୁଆ ନ୍ୟୁ ଗିନି ଭଳି ଦେଶଗୁଡ଼ିକଠାରୁ ପାମ୍ ତୈଳ ଆମଦାନୀ କରି ଅଭାବର ସମାଧାନ କରିବାକୁ ଭାରତ ପକ୍ଷରୁ ଚେଷ୍ଟା କରାଯାଇଥିବା ସରକାରୀ ସୂତ୍ରରୁ ସୂଚନା ଦିଆଯାଇଛି। ଏହି ସମସ୍ତ ଦେଶଠାରୁ ପାମ୍ ତୈଳ ଆମଦାନୀ ଦ୍ୱାରା ମେ' ମାସ ଆମଦାନୀ ଏପ୍ରିଲ୍‌ଠାରୁ ୧୫% ବୃଦ୍ଧି ଘଟି ଗତ ୭ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ସୂଚନାଯୋଗ୍ୟ, ଭାରତ ବିଶ୍ୱ ସ୍ତରରେ ପାମ୍ ତୈଳର ସର୍ବାଧିକ ଆମଦାନୀକାରୀ ଦେଶ। ଇଣ୍ଡୋନେସିଆ ପାମ୍ ତୈଳ ରପ୍ତାନି ଉପରେ କଟକଣା ଲଗାଇବା ପରେ ଭାରତ ଅନ୍ୟାନ୍ୟ ରପ୍ତାନିକାରୀ ତଥା ୫ଟି ଡିଲର ଦେଶଗୁଡ଼ିକଠାରୁ ମେ' ରେ ୬,୬୦,୦୦୦ ଟନ୍ ପାମ୍ ତୈଳ ଆମଦାନୀ କରିଥିଲା। ପୂର୍ବ ମାସ ଅର୍ଥାତ୍ ଏପ୍ରିଲ୍‌ରେ ଏହି ହାର ୫,୭୨,୫୦୮ ଟନ୍ ମଧ୍ୟରେ ସୀମିତ ଥିଲା। ବିଶ୍ୱର ସର୍ବବୃହତ ପାମ୍ ତୈଳ ରପ୍ତାନିକାରୀ ଦେଶ ଇଣ୍ଡୋନେସିଆ ଘରୋଇ ଦରବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ଏପ୍ରିଲ୍ ୨୮ରେ ଅନ୍ୟ ଦେଶକୁ ପାମ୍ ତୈଳ ରପ୍ତାନି ଉପରେ କଟକଣା ଲଗାଇଥିଲା। ତେବେ ମେ' ୨୩ରୁ ପୁଣିଥରେ ରପ୍ତାନି ଆରମ୍ଭ କରିବା ପାଇଁ ଦେଶ ପକ୍ଷରୁ ଅନୁମତି ଦିଆଯାଇଥିଲା। ତେବେ ଘରୋଇ ଯୋଗାଣ ସୁନିଶ୍ଚିତ କରିବା ନେଇ ସର୍ତ୍ତ ରଖାଯାଇଥିଲା। ପାମ୍ ତୈଳ ବ୍ୟତୀତ ଦେଶର ସୋୟାବିନ୍ ତେଲ ଆମଦାନୀ ଏପ୍ରିଲ୍‌ରେ ୩,୧୫,୮୫୩ ଟନ୍ ଥିବା ବେଳେ ମେ' ରେ ବୃଦ୍ଧି ଘଟି ୩,୫୨,୬୧୪ ଟନ୍‌ରେ ପହଞ୍ଚିଛି। ଏହାଛଡ଼ା ସୂର୍ଯ୍ୟମୁଖୀ ତୈଳ ଆମଦାନୀ ଏପ୍ରିଲ୍‌ରେ ୬୭,୭୮୮ ଟନ୍ ଥିବା ବେଳେ ମେ' ମାସରେ ତାହା ୧,୨୩,୯୭୦ ଟନ୍‌ରେ ପହଞ୍ଚିଛି। ଆମଦାନୀ ଶୁଳ୍କରେ ହ୍ରାସ ହୋଇଥିବା କାରଣରୁ ଏହି ଦୁଇ ତୈଳ ଆମଦାନୀରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି। ଭାରତ ମୁଖ୍ୟତଃ ସୋୟାବିନ୍ ତୈଳ ଆର୍ଜେଣ୍ଟିନା ଏବଂ ବ୍ରାଜିଲ୍‌ଠାରୁ କ୍ରୟ କରୁଥିବା ବେଳେ ସୂର୍ଯ୍ୟମୁଖୀ ତୈଳ ୟୁକ୍ରେନ୍ ଏବଂ ରୁଷ୍‌ଠାରୁ କ୍ରୟ କରିଥାଏ। ଯୁଦ୍ଧ ଯୋଗୁ ୟୁକ୍ରେନ୍‌ରୁ ରପ୍ତାନି ବନ୍ଦ ଥିବା କାରଣରୁ ଭାରତ ରୁଷିଆଠାରୁ ଅଧିକ ତୈଳ ଆମଦାନୀ ପାଇଁ ଚେଷ୍ଟା ଚଳାଇଛି।

## ଟ୍ରେଣ୍ଡ୍‌ସ ପକ୍ଷରୁ 'ରଜ ରାଜକୁମାରୀ'

ଭୁବନେଶ୍ୱର,୬।୬




ରିଲାଏନ୍ସ ରିଟେଲ୍‌ର ସହଯୋଗୀ ସଂସ୍ଥା ଟ୍ରେଣ୍ଡ୍‌ସ ଓଡ଼ିଶାରେ ରଜ ମହୋତ୍ସବ ଉପଲକ୍ଷେ ଏକ ଅଭିନବ କାର୍ଯ୍ୟକ୍ରମ 'ରଜ ରାଜକୁମାରୀ' ସମ୍ପର୍କରେ ଘୋଷଣା କରିଛି। ଉକ୍ତ କାର୍ଯ୍ୟକ୍ରମରେ ଓଲିଉଡ ତାରକା ସମ୍ପିତ ଆଚାର୍ଯ୍ୟ ଏବଂ ଶିବାନୀ ସଙ୍ଗୀତା ଉକ୍ତ ପ୍ରତିଯୋଗିତା ସହ ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର ଭାବେ ଯୋଡ଼ି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଟ୍ରେଣ୍ଡ୍‌ସ ପକ୍ଷରୁ ୧୬ ଦିନ ବ୍ୟାପୀ ରଜ ରାଜକୁମାରୀ ପ୍ରତିଯୋଗିତାର ପରିକଳ୍ପନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଚଳିତ ବର୍ଷ ଜୁନ୍ ୪ରୁ ଆରମ୍ଭ ହୋଇ ୧୯ ଜୁନ୍ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଖୋଲା ପଡ଼ିଆ, ଆବାସିକ ସୋସାଇଟି ଏବଂ ଗଣମାଧ୍ୟମରେ ବହୁବିଧ କାର୍ଯ୍ୟକ୍ରମ ସହ ମଲ୍‌ଗୁଡିକରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମର ଶେଷ (ଫାଇନାଲ) ଉତ୍ସବ ୨୬ ଜୁନ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନରେ ଅନୁଷ୍ଠିତ ହେବ। ଟ୍ରେଣ୍ଡ୍‌ସର ଏହି ରଜ ରାଜକୁମାରୀ ପ୍ରତିଯୋଗିତା ମଧ୍ୟରେ ରହିଛି ୨ଟି ପୃଥକ୍ ପ୍ରତିଯୋଗିତା, ଯଥା-ରଜ ସମ୍ପର୍କିତ ଲୋକଗୀତ ଏବଂ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ସହ ରଜ ସେଲ୍‌ଫି ପ୍ରତିଯୋଗିତା। ଉକ୍ତ ପ୍ରତିଯୋଗିତାରେ ସାମିଲ ହେବା ପାଇଁ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ସହ ନିଆଯାଇଥିବା ସେଲ୍‌ଫି ପଠାଇବାକୁ ହେବ ଅଥବା ରଜ ସମ୍ପର୍କିତ ଗୀତ ଗାଇ ତାହାର ଏକ ମିନିଟର ଭିଡିଓ କ୍ଲିପ୍ କରି ୮୯୦୮୦୨୦୧୦୪ରେ ପଠାଇବାକୁ ହେବ ଅଥବା ସଂସ୍ଥାର ୱେବସାଇଟରେ ମଧ୍ୟ ଅପ୍‌ଲୋଡ କରିବାକୁ ପଡିବ। ଉକ୍ତ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ୫୦୦ଟଙ୍କା ମୂଲ୍ୟର ୨ଟି ରଜ ସ୍ପେଶାଲ ରିହାତି କୁପନ୍ ମିଳିବ। ପରିଶେଷରେ ବିଶିଷ୍ଟ ବିଚାରକମଣ୍ଡଳୀ ପ୍ରତ୍ୟେକ ବିଭାଗରୁ ୩ଜଣ କରି ମୋଟ ୬ଜଣ ବିଜେତାଙ୍କୁ ମନୋନୀତ କରିବେ। ପ୍ରତି ବିଭାଗର ଶ୍ରେଷ୍ଠ ୩ ବିଜେତାଙ୍କୁ ଯଥାକ୍ରମେ ୩୧,୦୦୦,୨୧,୦୦୦ ଓ ୧୧,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

## ଜୁନ୍ ୧୧ରୁ ଜୀ ସାର୍ଥକର 'ରଜ କୁଇନ୍' ଗାଲା ରାଉଣ୍ଡ

ଭୁବନେଶ୍ୱର,୬।୬




ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ 'ଜୀ ସାର୍ଥକ'ର ପ୍ରମୁଖ କାର୍ଯ୍ୟକ୍ରମ 'ରଜ କୁଇନ୍' ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ଏପରିକି ରଜ କୁଇନ୍‌ର ଗାଲା ରାଉଣ୍ଡ ୧୧ ଜୁନ୍ ରାତି ୯ଟା ୩୦ରେ ପ୍ରତି ଶନିବାର ଓ ରବିବାର ଜୀ ସାର୍ଥକରେ ପ୍ରସାରିତ ହେବ ବୋଲି ସୂଚନା ମିଳିଛି। ସେହିପରି ରଜ କୁଇନ ଜରିଆରେ ଓଡ଼ିଶାର ପୁରପଲ୍ଲୀରେ ଲୁଚି ରହିଥିବା ବିଭିନ୍ନ ପ୍ରତିଭାଙ୍କୁ ଜୀ ସାର୍ଥକ ପରିଚୟ ଦେଇଥାଏ। ସବୁବେଳେ ଓଡ଼ିଶାର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଜୀ ସାର୍ଥକ ବିଭିନ୍ନ ଶୋ ମାଧ୍ୟମରେ ପ୍ରୟାସ ଜାରି ରଖିଥିବାରୁ ଓଡ଼ିଶାବାସୀଙ୍କଠାରୁ ଜୀ ସାର୍ଥକ ଅନେକ ପ୍ରଶଂସା ମଧ୍ୟ ପାଇଛି। ଏହି ଗାଲା ରାଉଣ୍ଡରୁ ୨୦୨୨- ରଜ କୁଇନ ବଛାଯିବ ବୋଲି କୁହାଯାଇଛି। ଚଳିତ ଥରର ଗାଲା ରାଉଣ୍ଡକୁ ୧୨ଜଣ ସିନିଅର ଓ ୧୨ ଜଣ ଜୁନିୟର ପ୍ରତିଯୋଗୀ ଉନ୍ନୀତ ହେଇଛନ୍ତି। ଉକ୍ତ ପ୍ରତିଯୋଗୀମାନେ ଗାଲା ରାଉଣ୍ଡରେ ହିଁ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ସେମାନଙ୍କ ମଧ୍ୟରୁ ଜଣେ ଲେଖାଏଁ ପିନ୍ଧିବେ ଚଳିତ ବର୍ଷ 'ରଜ କୁଇନ୍-୨୦୨୨'ର ବିଜୟୀ ମୁକୁଟ। ଗାଲା ରାଉଣ୍ଡରେ ଅଭିନେତ୍ରୀ ତମନ୍ନା, ଦିବ୍ୟା, ସୂର୍ଯ୍ୟମୟୀ, ଅଭିନେତା ଶ୍ରୀତମ ଦାସ, ରାକେଶ, ରିଷି ଓ ହରିହର ପ୍ରମୁଖ ଲୋକପ୍ରିୟ କଳାକାରମାନେ ବିଚାରକ ଭାବେ କାର୍ଯ୍ୟ କରୁଛନ୍ତି।

## ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଭିଜନର ନୂତନ ଅଭିଯାନ

ନୂଆଦିଲ୍ଲୀ,୬।୬

ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଭିଜନ ଇଣ୍ଡିଆ ପକ୍ଷରୁ ନିକଟରେ ଏକ ନୂତନ ଅଭିଯାନ 'ଦେଖତେ ରେହ ଯାଓଗେ'ର ଶୁଭାରମ୍ଭ କରାଯାଇଛି । ଏ ସମ୍ପର୍କରେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଭିଜନ, ଭିଜନ କେୟାର ଇଣ୍ଡିଆ, ବିଜ୍‌ନେସ ୟୁନିଟ୍‌ର ନିର୍ଦ୍ଦେଶକ ଟିନି ସେନଗୁପ୍ତା କହିଛନ୍ତି, ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଭିଜନ ମାଧ୍ୟମରେ ଭାରତୀୟ ଯୁବ ପିଢ଼ିଙ୍କୁ କଣ୍ଟାକ୍ଟ ଲେନ୍ସ ମାଧ୍ୟମରେ ଦୁନିଆ ଦେଖିବାର ସୁଯୋଗ ପ୍ରଦାନ କରୁଛି । ଆକ୍ୟୁଭ ସମଗ୍ର ବିଶ୍ୱରେ କଣ୍ଟାକ୍ଟ ଲେନ୍ସ ମଧ୍ୟରେ ଶ୍ରେଷ୍ଠ ବିକ୍ରି ହେଉଥିବା ବ୍ରାଣ୍ଡ ଅଟେ। ଭାରତରେ କଣ୍ଟାକ୍ଟ ଲେନ୍ସର ପ୍ରଚଳନ କମ୍ ଥିବା ବେଳେ ଆମ୍ଭେମାନେ ଆକ୍ୟୁଭ ମାଧ୍ୟମରେ ଲୋକଙ୍କୁ ସେହି ଆରାମ ପ୍ରଦାନ ଏବଂ ସହଜ କରିବା ପାଇଁ ପ୍ରୟାସ କରୁଛୁ।

## ୮ରେ ଘୋଷଣା ହେବ ରେପୋ ରେଟ୍

ନୂଆଦିଲ୍ଲୀ,୬।୬


ସୋମବାରଠାରୁ ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ମନିଟାରୀ ପଲିସି କମିଟି (ଏମ୍‌ପିସି) ବୈଠକ ଆରମ୍ଭ ହୋଇଯାଇଥିବା ବେଳେ ବୁଧବାର ଅର୍ଥାତ୍ ଜୁନ୍ ୮ରେ ରେପୋ ରେଟ୍ ବୃଦ୍ଧି ସମ୍ପର୍କିତ ଫଳାଫଳ ଆସିବ। ଗତ ୫ ସପ୍ତାହ ମଧ୍ୟରେ ୨ୟ ଥର ପାଇଁ ଆର୍‌ବିଆଇ ପକ୍ଷରୁ ରେପୋ ଦର ବୃଦ୍ଧି କରାଯିବ। ଏହି ବୈଠକରେ ୧୫ ଜଣ ଅର୍ଥନୀତିଜ୍ଞ ସାମିଲ୍ ହୋଇଛନ୍ତି। ଏହାଛଡ଼ା କିଛି ଗଣମାଧ୍ୟମ ପୋଲ୍ ଅନୁସାରେ ରେପୋ ଦରରେ ୦.୪୦% ବୃଦ୍ଧି ହୋଇପାରେ ଏବଂ ଅନ୍ୟ କିଛି ଅନୁସାରେ ୦.୫୦% ବୃଦ୍ଧି ହୋଇପାରେ ବୋଲି ଜଣାଯାଇଛି। ଆର୍‌ବିଆଇ ପକ୍ଷରୁ ପୂର୍ବ ଏମ୍‌ପିସି ବୈଠକରେ ମଧ୍ୟ ଅଚାନକ ଭାବରେ ୦.୪୦% ରେପୋ ଦର ବୃଦ୍ଧି ହୋଇଥିଲା। ତେବେ ମୁଦ୍ରାସ୍ଫୀତିରେ ବୃଦ୍ଧି କାରଣରୁ ଆର୍‌ବିଆଇ ପୁଣି ଥରେ ରେପୋ ରେଟ୍ ବୃଦ୍ଧି କରି ୪.୮୦% କରିବା ପରିସ୍ଥିତି ସୃଷ୍ଟି ହୋଇଛି। ଏହାଛଡ଼ା ବ୍ୟାଙ୍କ୍ ଅଫ୍ ଆମେରିକା ସିକ୍ୟୁରିଟିଜ୍ ତଥ୍ୟ ଅନୁସାରେ, ଚଳିତ ଏମ୍‌ପିସି ବୈଠକରେ ରେପୋ ଦର ୦.୪୦% ବଢିବାକୁ ଥିବା ବେଳେ ଅଗଷ୍ଟରେ ହେବାକୁ ଥିବା ବୈଠକରେ ୦.୩୫% ବୃଦ୍ଧି ଘଟିପାରେ।

## ଫୁର୍‌ସତ୍

## ବମ୍ବଲ ପ୍ରଜାତି ମହୁମାଛି ଏକ ମାଛ

**କାଲିଫର୍ନିଆ କୋର୍ଟଙ୍କ ରାୟ**

ସାକ୍ରାମେଣ୍ଟୋ



ବିଲୁପ୍ତ ହେବାକୁ ଯାଉଥିବା ବମ୍ବଲ ମହୁମାଛିଙ୍କୁ ମାଛ ବୋଲି ନିଜ ରାୟରେ କାଲିଫର୍ନିଆ କୋର୍ଟ କହିଛନ୍ତି। ଏନ୍‌ଭାରନ୍‌ମେଣ୍ଟାଲ ଆଇନ ଅନୁସାରେ କୋର୍ଟ ଏହି ଶୁଣାଣି କରିଥିଲେ। ପରିବେଶବିତ୍‌ଙ୍କ ରିପୋର୍ଟ ମୁତାବକ ୪ ପ୍ରଜାତିର ବମ୍ବଲ ମହୁମାଛି ବିଲୁପ୍ତ ହେବାକୁ ବସିଛନ୍ତି। ତେବେ କାଲିଫର୍ନିଆର ବିଲୁପ୍ତ ଜୀବଙ୍କ ପାଇଁ ପ୍ରଣୟନ ଆଇନ ଅନ୍ତର୍ଗତ କୋର୍ଟ ଏହି ଶୁଣାଣି କରିଛନ୍ତି। ବମ୍ବଲ ପ୍ରଜାତିର ମହୁମାଛିଙ୍କୁ ମାଛମାନଙ୍କ ଶ୍ରେଣୀଭୁକ୍ତ କରିବା ପାଇଁ କାଲିଫର୍ନିଆର ଏକ କୃଷି ସଂଗଠନ କୋର୍ଟରେ ଆବେଦନ କରିଥିଲେ। ମହୁମାଛିଙ୍କୁ ସୁରକ୍ଷା ଯୋଗାଇ ଦେବା ଆଧାରରେ ସଂଗଠନ ପକ୍ଷରୁ କୋର୍ଟରେ ମାମଲା ରୁଜୁ ହୋଇଥିବା କୁହାଯାଉଛି। ଦେଶରେ କେବଳ ପକ୍ଷୀ, ମାଛ, ସ୍ତନ୍ୟପାୟୀ, ସରୀସୃପ, ଗଛ ଏବଂ ଉଭୟଚର ପ୍ରାଣୀଙ୍କ ପାଇଁ ଏନ୍‌ଡେଞ୍ଜର୍ଡ ସ୍ପେସିସ୍ ଆକ୍ଟ (ସିଇଏସ୍‌ଏ) ଲାଗୁ କରାଯାଇଥିବାବେଳେ ଅନ୍ୟାନ୍ୟ ପୋକଙ୍କ ପାଇଁ ଏହି ଆକ୍ଟ ଲାଗୁ ହେବା ଦରକାର। ଜୀବଜଗତରେ ଅନେକ ଜୀବ ପ୍ରଜାତ ଏବେ କ୍ଷୟ ହେବାକୁ ବସିଥିବା କୃଷି ସଂଗଠନ ପକ୍ଷରୁ ମାମଲା ଲଢୁଥିବା ଓକିଲ କୋର୍ଟରେ କହିଥିଲେ। ୪ ପ୍ରକାର ବମ୍ବଲି ମହୁମାଛି କ୍ରୋଚ୍, ଫ୍ରାଙ୍କଲିନ୍, ସୁକଲି କୁକୁ ଏବଂ ପାଶ୍ଚାତ୍ୟ ବମ୍ବଲ ମହୁମାଛିଙ୍କୁ ସିଇଏସ୍‌ଏ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ସଂଗଠନ କାଲିଫର୍ନିଆ ୱାଇଲ୍ଡ ଲାଇଫ୍ ଅଫିସରଙ୍କ ବିରୋଧରେ ଏଫ୍‌ଆଇଆର୍ କରିଥିଲେ। ଏହାପରେ କାଲିଫର୍ନିଆର ଆଲମଣ୍ଡ ଆଲିଆନ୍ସ ଏବଂ ଫିସ୍ ଆଣ୍ଡ ଗେମ୍ କମିଶନର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାପରେ କୋର୍ଟ ବମ୍ବଲ ମହୁମାଛିର ୪ ପ୍ରଜାତିକୁ ମାଛ ଶ୍ରେଣୀଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫିସ୍ ଆଣ୍ଡ ଗେମ୍ କମିଶନ ପାଇଁ କୋର୍ଟ ସିଇଏସ୍‌ଏ ଲାଗୁ କରିଛନ୍ତି। ୧୯୬୯ରେ କାଲିଫର୍ନିଆ ଫିସ୍‌କୁ ୱାଇଲ୍ଡ ଫିସ୍, ମୋଲୁସ୍କସ୍ କିମ୍ବା କ୍ରୁଷ୍ଟାସିନ୍ସ ବୋଲି ଘୋଷଣା କରିଥିଲେ। ସେହିବର୍ଷ କାଲିଫର୍ନିଆରେ ମାଛଙ୍କୁ ଉଭୟଚର ବୋଲି କହିଥିଲେ।

## ସ୍ମାର୍ଟ ଯୋଡ଼ି 'ବିକି-ଅଙ୍କିତା'

ମୁମ୍ବାଇ



ରିଆଲିଟି ଶୋ' 'ସ୍ମାର୍ଟ ଯୋଡ଼ି'ର ୱିନର ହୋଇଛନ୍ତି ସିରିଏଲ୍ ତାରକା ଅଙ୍କିତା ଲୋଖଣ୍ଡେ। ଷ୍ଟାରପ୍ଲସ୍ ଦ୍ୱାରା ପ୍ରସାରିତ ଏହି ଶୋ'ରେ ୧୦ ଜଣ ସେଲିବ୍ରିଟି କପୁଲ ଯୋଗ ଦେଇଥିଲେ। ସମସ୍ତ ଯୋଡ଼ିଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବାବେଳେ ବାକି ୯ ପ୍ରତିଯୋଗୀଙ୍କୁ ପଛରେ ପକାଇ ଅଙ୍କିତା ଓ ସ୍ୱାମୀ ବିକି କାର୍ଯ୍ୟକ୍ରମର ୱିନର ହୋଇଛନ୍ତି। ରବିବାର କାର୍ଯ୍ୟକ୍ରମର ବିଜେତା ଭାବେ ଅଙ୍କିତା- ବିକି ନାମ ଘୋଷଣା କରାଯାଇଥିଲା। ତେବେ ବିଜୟ ମୁକୁଟ ପିନ୍ଧି ଅଙ୍କିତା ବେଶ୍ ଖୁସି। ସୋସିଆଲ ମିଡିଆରେ ଆକ୍ଟିଭ୍ ଥିବା ଅଙ୍କିତା ବିଜୟ ଟ୍ରଫିର ଫଟୋ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଅନ୍ୟତମ ସିରିଏଲ୍ ତାରକା ଅର୍ଜୁନ ବିଜଲାନି-ନେହା, କମେଡିଆନ୍ ବଲ୍‌ରାଜ- ଦୀପ୍ତି ଏବଂ ଭାଗ୍ୟଶ୍ରୀ-ହିମାଳୟ ଯୋଡ଼ି ଫାଇନାଲକୁ ଯାଇଥିଲେ। ଶୋ'ର ଆରମ୍ଭରୁ ଭାଗ୍ୟଶ୍ରୀ-ହିମାଳୟ ବେଶ୍ ପ୍ରଶଂସା ସାଉଁଟିଥିବାବେଳେ କାର୍ଯ୍ୟକ୍ରମ ପାଇଁ ଏହି ଯୋଡ଼ି ସମସ୍ତଙ୍କଠାରୁ ଅଧିକ ଟଙ୍କା ନେଇଥିବ। କୁହାଯାଇଛି।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୋଷଣ

**ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ**


କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁରକ୍ଷିତ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଅପମିଶ୍ରିତ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀରର ବହୁ କ୍ଷତି ହୋଇଥାଏ। ତେଣୁ ସୁରକ୍ଷିତ ଖାଦ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୭ରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥାଏ। ଖାଦ୍ୟପାନୀୟ ମାଧ୍ୟରେ ବିପଦକୁ ରୋକିବା, ଅପମିଶ୍ରିତ ଖାଦ୍ୟର ଚିହ୍ନଟ ଏବଂ ପରିଚାଳନା କରିବାରେ ସାହାଯ୍ୟ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ମିଳିତ ଜାତିସଂଘର ସାଧାରଣ ସଭା ୨୦୧୮ରେ ଘୋଷଣା କରିଥିଲା ଯେ ଜୁନ ୭ କୁ ପ୍ରତିବର୍ଷ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯିବ। ଜାତିସଂଘ ଅନୁସାରେ ପର୍ଯ୍ୟାପ୍ତ ପରିମାଣର ସୁଷମ ଖାଦ୍ୟ ପାଇବା ଜୀବନକୁ ବଞ୍ଚାଇ ରଖିବା ଏବଂ ଉତ୍ତମ ସ୍ୱାସ୍ଥ୍ୟକୁ ରଖିବାର ପ୍ରକୃତ ଚାବିକାଠି। ଜାତିସଂଘ ଅନୁସାରେ ଅପମିଶ୍ରିତ ଖାଦ୍ୟ ଯୋଗୁ ପ୍ରତିବର୍ଷ ୪୨୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥାଏ।

## ଚୋରି ଗାଡ଼ି ବ୍ୟବହାର କରୁଛି ପୋଲିସ

ଲାହୋର

ଚୋରି ଗାଡ଼ିକୁ ବ୍ୟବହାର କରୁଥିଲା ପୋଲିସ। ପାକିସ୍ତାନ ଲାହୋରର ସାବଜାରାରରୁ ଏ ପ୍ରକାର ଘଟଣା ଘଟିଛି। ୮ ବର୍ଷ ପୂର୍ବେ ଚୋରି ହୋଇଥିବା ବାଇକ୍ ନମ୍ବରରେ ଇ- ଚାଲାଣ ଆସିବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ଲାହୋର ମୁଘଲପୁରା ଅଞ୍ଚଳରୁ ଇମ୍ରାନଙ୍କ ହୋଣ୍ଡା ସିଡି-୭୦ ବାଇକ୍ ୮ବର୍ଷ ପୂର୍ବେ ଚୋରି ହୋଇଥିଲା। ଥାନାରେ ଏ ନେଇ ଏଫ୍‌ଆଇଆର୍ ହୋଇଥିଲେ ମଧ୍ୟ ବାଇକ୍‌ର କୌଣସି ସନ୍ଧାନ ମିଳି ନ ଥିଲା। ଇ- ଟିକେଟ୍‌ରେ ଜାରି ଛବିରେ ପୋଲିସମାନେ ସେହି ବାଇକ୍ ଚଲାଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ଚୋରି ବାଇକ୍ ପାଇବା ଆଶାରେ ଇମ୍ରାନ୍ ଏକାଧିକ ମାମଲା କରିଥିଲେ ହେଁ ବିଫଳ ହୋଇଥିଲେ। କିନ୍ତୁ ବର୍ତ୍ତମାନ ପୋଲିସ ତାଙ୍କ ଚୋରି ହୋଇଥିବା ବାଇକ୍‌କୁ ବ୍ୟବହାର କରିବାର ପ୍ରମାଣ ପାଇବା ପରେ ସେ ଚିଫ୍ ସିଭିଲିଆନ୍ ପର୍ସୋନେଲ ଅଫିସର (ସିସିପିଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ହିମାଳୟରେ ଯବାନଙ୍କ ଯୋଗାଭ୍ୟାସ



**ଡେରାଡୁନ:** ଇଣ୍ଡୋ-ତିବ୍ବତାନ ବର୍ଡର ପୋଲିସ (ଆଇଟିବିପି)ର ପର୍ବତାରୋହୀମାନେ ୨୨,୮୫୦ ଫୁଟ ଉଚ୍ଚତାରେ ଯୋଗାଭ୍ୟାସ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗତ ସପ୍ତାହରେ ଆଇଟିବିପି ପର୍ବତାରୋହୀମାନେ ହିମାଳୟର ମାଉଣ୍ଟ ଅବି ଗାମିନରେ ଥିବା ସମୟର ଏହି ଭିଡିଓ, ଯେଉଁଠାରେ ଯବାନମାନେ ହିମରେ ମିଳିତ ଭାବେ ଯୋଗାଭ୍ୟାସ କରୁଥିଲେ। ୧୪ ଜଣ ଯବାନ ୨୦ ମିନିଟ ପର୍ଯ୍ୟନ୍ତ ବରଫରେ ଯୋଗ କରିଥିଲେ। ତେବେ ଯୋଗକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ଯବାନମାନେ ବରଫରେ ବିଭିନ୍ନ ପ୍ରକାର ଆସନ କରିଥିବା ଭିଡିଓରେ ଦେଖିବାକୁ ମିଳିଛି।

## ମହିଳାଙ୍କ ଜୋତା ଚୋରକୁ ଖୋଜୁଛି ପୋଲିସ



**ୱାଶିଂଟନ:** ଗୋଟିଏ ନିଆରା ଚୋରକୁ ଖୋଜୁଛି ଆମେରିକା ପୋଲିସ। ଗତ ଜାନୁୟାରୀରୁ ପୋଲିସ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଚୋର ଟାର୍ଗେଟ୍‌ରେ ମହିଳାଙ୍କ ଗୋଟିଏ ପଟ ଜୋତା। ୩ ମହିଳଙ୍କେ ସମାନ ଅଭିଯୋଗ। ରାସ୍ତାରେ ଚାଲିକରି କୌଣସିଆଡ଼େ ଯାଉଥିବାବେଳେ ଜଣେ ଅଜଣା ବ୍ୟକ୍ତି ଆସି ତାଙ୍କ ପାଦରୁ ଜୋତା ନେଇଯାଉଥିବା ଅଭିଯୋଗକାରିଣୀ କହିଛନ୍ତି। ପ୍ରଥମ ଘଟଣା ଜାନୁୟାରୀରେ ଘଟିଥିଲା। ଜଣେ ଯୁବକ ମହିଳାଙ୍କ ପଛେ ପଛେ ଆସୁଥିବାବେଳେ ହଠାତ୍ ସେ ତାଙ୍କ ନିକଟକୁ ଆସି ଜୋତା ନେଇଯାଇଥିଲେ। ସେହିପରି ଫେବୃୟାରୀରେ ବ୍ରୁକ୍‌ଲିନ ସବ୍‌ୱେ ଷ୍ଟେଶନ୍‌ରେ ଜଣେ ୪୭ ବର୍ଷୀୟାଙ୍କ ପାଦରୁ ଚୋର ଜଣଙ୍କ ସ୍ନିକର ନେଇଯାଇଥିଲେ। ମେ ୨୪ରେ କୁଇନ୍ସଠାରେ ଜଣେ ଯୁବତୀ ଚାଲିକରି ଯାଉଥିବାବେଳେ ଦୁର୍ବୃତ୍ତ ଜଣଙ୍କ ତାଙ୍କ ନିକଟକୁ ଆସି ପ୍ରଥମେ ତାଙ୍କୁ ଟେକି ଧରି ବାମ ପାଦରୁ ଜୋତା ନେଇଯାଇଥିଲେ। ପୋଲିସ ପକ୍ଷରୁ ଘଟଣା ଯାଞ୍ଚ ଆରମ୍ଭ ହୋଇଥିଲେ ହେଁ ଚୋରର କୌଣସି ପ୍ରକାର ସନ୍ଧାନ ମିଳିନାହିଁ।

## ସଂକ୍ଷେପରେ

### ଜନଅଭିଯୋଗ ଶୁଣାଣି ଶିବିର

ପାରଳାଖେମୁଣ୍ଡି,୬।୬(ଡି.ଏନ.ଏ.)- ପାରଳାଖେମୁଣ୍ଡି ଠାରେ ସୋମବାର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗ ଦେଇ ଅଭିଯୋଗକାରୀଙ୍କର ଶୁଣାଣି କରିଥିଲେ। ଶିବିରକୁ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୋଟ ୩୮ଟି ଅଭିଯୋଗର ପଞ୍ଜୀକରଣ ହୋଇଥିଲା। ଅଧିକାଂଶ ଅଭିଯୋଗ ଗୋଷ୍ଠୀଗତ ହୋଇଥିବା ବେଳେ କେତୋଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ସେଥିମଧ୍ୟରୁ ୨ଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି।

### ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଶେରଗଡ଼,୬।୬(ଡି.ଏନ୍.ଏ.)- ଶେରଗଡ଼ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଚିହ୍ନଟ ସହାୟତା ସାମର୍ଥ୍ୟ ଶିବିର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଖରେ ସବୁ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଶିବିରକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ସଭାରେ ଅତିଥି ଭାବେ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ଥାନାଧିକାରୀ ମନୋଜ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନ, ମନୋରମା ପଲେଇ ଯୋଗ ଦେଇଥିବା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଓ ବିଡିଓ ଶମ୍ଭୁନାଥ ନନ୍ଦି ଶିବିର ପରିଚାଳନା କରିଥିଲେ। ଶିବିରରେ ୨୨ ପଞ୍ଚାୟତର ପ୍ରାୟ ୫୧୨ ଜଣ ବିଭିନ୍ନ ଯୋଜନାରେ ସହାୟତା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏବିଇଓ ସୌରୀଶଙ୍କର ବେହେରା, ଗୋଷ୍ଠୀ ସମ୍ବଳ ଶିକ୍ଷକ ମାଗତା ପଣ୍ଡା, ପ୍ରମୋଦ କୁମାର ପାତ୍ର, ସମୀର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ଅଶୋକ ନାୟକ, ଶ୍ୟାମ ସୁନ୍ଦର ନାୟକ, କୃଷ୍ଣ ଚନ୍ଦ୍ର ସୁଆଁସିଆ, ଟୁକୁନା ଦାସଙ୍କ ସମେତ ବହୁ ସରପଞ୍ଚ ଯୋଗ ଦେଇଥିଲେ।

# ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଗାର୍ଡ୍‌ୱାଲ ଧସିବା ଘଟଣା**



ପୋଖରୀ ଗାର୍ଡ୍‌ୱାଲ ଧସେଇବା ଫାଇଲ ଫଟୋ।

ହିଞ୍ଜିଳିକାଟୁ, ୬।୬(ଡି.ଏନ୍.ଏ)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ପୁଟିଆପଦର ଗାଁରେ ଗତବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏକ ପୋଖରୀ ଗାର୍ଡ୍‌ୱାଲ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିଲା। ଗତବର୍ଷ ପୁଟିଆ ପଦର ଗ୍ରାମ ଗଙ୍ଗାଧର ମନ୍ଦିର ନିକଟସ୍ଥ ଆଦର୍ଶ ପୋଖରୀ କାର୍ଯ୍ୟ ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ନଭେମ୍ବର ୧୩ରେ ଉକ୍ତ ପୋଖରୀ ହୁଡ଼ାର ୨ ପାର୍ଶ୍ୱରେ ଗାର୍ଡ ୱାଲ ଓ ପଥର ବନ୍ଧ ପୋଖରୀ ପାଣିକୁ ଧସି ଯାଇଥିଲା। ଫଳରେ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଥିଲା। ଏହି ନିମ୍ନ ମାନର କାର୍ଯ୍ୟ ଓ ସରକାରୀ କଳର ଦୁରୁପଯୋଗ ନେଇ ଅଭିଯୋଗର ତଦନ୍ତ ପରେ ୪ଜଣଙ୍କଠାରୁ ୧୬ହଜାର ୯୩୧ଟଙ୍କା ଭରଣା କରିବାକୁ ଗଞ୍ଜାମ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାପାଳଙ୍କ ନିର୍ଦ୍ଦେଶର ୨ମାସ ପରେ ମଧ୍ୟ ଉକ୍ତ ଘଟଣାରେ ଜଡ଼ିତ ବ୍ୟକ୍ତିମାନେ ସୋମବାର ସୁଦ୍ଧା କ୍ଷତି ଭରଣା ପୈଠ କରିନାହାନ୍ତି। ଆସନ୍ତା ୨ କିମ୍ବା ୩ଦିନ ମଧ୍ୟରେ କ୍ଷତି ଭରଣା ଅର୍ଥ ଜମା କରାଯିବ ବୋଲି ହିଞ୍ଜିଳିକାଟୁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହେମନ୍ତ କୁମାର ମିଶ୍ର କହିଛନ୍ତି। ଅନ୍ୟ ପକ୍ଷରେ ପୋଖରୀ ଗାର୍ଡ୍‌ୱାଲ ଧସେଇବା ଘଟଣାରେ ଦାୟିତ୍ୱରେ ଅବହେଳା କରିଥିବା ଏଇଇ, ଜେଇ ଓ ଜିଆର୍‌ଏସ୍‌ଙ୍କଠାରୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଛି।

ପ୍ରକାଶ ଯେ, ପୁଟିଆ ପଦର ଗ୍ରାମ ଗଙ୍ଗାଧର ମନ୍ଦିର ନିକଟସ୍ଥ ଆଦର୍ଶ ପୋଖରୀ କାର୍ଯ୍ୟ ଗତବର୍ଷ ୧୦ଲକ୍ଷ ଟଙ୍କା ବ୍ୟୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହୋଇଥିଲା। ତେବେ ନଭେମ୍ବର ୧୩ରେ ଉକ୍ତ ପୋଖରୀ ହୁଡ଼ାର ୨ପାର୍ଶ୍ୱରେ ଗାର୍ଡ୍ ୱାଲ ଓ ପଥର ବନ୍ଧ ପୋଖରୀ ପାଣିକୁ ଦସେଇ ପଶିଥିଲା। କାର୍ଯ୍ୟଟି ବ୍ଲକର ଯନ୍ତ୍ରୀ ଇନ୍ଦିରା ଗୌଡ଼ଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା। ଉକ୍ତ ସମୟରେ ଅଦିନିଆ ଲଗାଣ ବର୍ଷା ପ୍ରଭାବରୁ ଏପରି ଘଟିଥିବା ସଂପୃକ୍ତ ଅଧିକାରୀମାନେ ସଫେଇ ଦେଇଥିଲେ। ତେବେ ଏପରି ସ୍ପର୍ଶକାତର ଘଟଣାକୁ ନେଇ ସାମାଜିକ କର୍ମୀ ସମରଜିତ ମହାନ୍ତି ପ୍ରଶାସନ ନିକଟରେ କାର୍ଯ୍ୟ ନିମ୍ନମାନର ଓ ଏଥିରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଅଭିଯୋଗ କରିଥିଲେ। ମହାନ୍ତିଙ୍କ ଏହି ଅଭିଯୋଗ ପ୍ରତି ପ୍ରଶାସନ ଗୁରୁତ୍ୱ ନ ଦେବାରୁ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲାପାଳ ଗତ ଏପ୍ରିଲ୮ରେ ମହାନ୍ତିଙ୍କ ଅଭିଯୋଗର ଶୁଣାଣୀ କରିଥିଲେ। ଗାର୍ଡ୍‌ୱାଲ ଧସିବା ପାଇଁ ବୈଷୟିକ ଅନୁଧ୍ୟାନର ଅଭାବ ଥିବା ଓ ଏଥିରେ ୧୬ହଜାର ୯୩୧ଟଙ୍କା ଅପବ୍ୟୟ ହୋଇଥିବା ଆକଳନ ହୋଇଥିଲା। ଏହି ଅର୍ଥ ସମ୍ପୃକ୍ତ ଜେଇ, ପିଇଓ, ଜିଆର୍‌ଏସ୍ ଓ ତତ୍କାଳୀନ ସରପଞ୍ଚଙ୍କଠାରୁ ଭରଣା ପାଇଁ ନିର୍ଦ୍ଦେଶ ହୋଇଥିଲା। ଅନ୍ୟ ପକ୍ଷରେ ଦାୟିତ୍ୱରେ ଅବହେଳା ପାଇଁ ଏଇଇ, ଜେଇ ଓ ଜିଆର୍‌ଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶର ପାଖାପାଖି ୨ମାସ ହୋଇଥିଲେ ମଧ୍ୟ ଅପବ୍ୟୟ ଅର୍ଥ ଭରଣା କରିନାହାନ୍ତି ସଂପୃକ୍ତ ଅଧିକାରୀମାନେ।

## କୋମଣ୍ଡରୁ ବିଦ୍ୟୁତ୍ କର୍ମଚାରୀ ନିଖୋଜ ଘଟଣା

# ଜଙ୍ଗଲରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ



ସନ୍ଧାନୀ କୁକୁର ସାହାଯ୍ୟରେ ସାଇଣ୍ଟିଫିକ ଟିମର ତଦନ୍ତ।

ଖଲିକୋଟ,୬।୬(ଡି.ଏନ.ଏ.)- ଖଲିକୋଟ ବ୍ଲକ କୋମଣ୍ଡ ଗ୍ରାମର ଜଣେ ଟାଟା କମ୍ପାନୀ କର୍ମଚାରୀ ଗତ ୭ ଦିନ ହେଲା ନିଖୋଜ ହୋଇଛନ୍ତି। ଶନିବାର ରାତିରେ ତାଙ୍କର ବାଇକଟି ଏକ ଜଙ୍ଗଲରୁ ଉଦ୍ଧାର ହୋଇଥିଲା। ସୋମବାର ଉକ୍ତ ସ୍ଥାନରେ ସାଇଣ୍ଟିଫିକ ଟିମ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ଯାଞ୍ଚ କରିଥିଲେ ମଧ୍ୟ ମିଟୁ ବେହେରାଙ୍କ କୌଣସି ସନ୍ଧାନ ମିଳି ପାରି ନଥିଲା। କୋମଣ୍ଡ ଗ୍ରାମର ମିଟୁ ବେହେରା(୩୦) ରମ୍ଭା ଟିପିଏସଓଡିଏଲ କାର୍ଯ୍ୟାଳୟରେ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଗତ ୩୦ ସାବିତ୍ରୀ ଅମାବାସ୍ୟାରେ ଘରକୁ ଆସି ତା'ପର ରମ୍ଭା କାର୍ଯ୍ୟାଳୟକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ତିନି ଦିନ ଧରି ଘରକୁ ନ ଫେରିବା ପରେ ପରିବାର ଲୋକେ ମୋବାଇଲକୁ ଫୋନ କରିଥିଲେ। ତେବେ ଫୋନ ସୁଇଚ ଅଫ ଆସିଥିଲା। ପରେ ରମ୍ଭା ଟିପିଏସଓଡିଏଲର ସୁପରଭାଇଜରଙ୍କୁ ଯୋଗାଯୋଗ କରିବାରୁ ମିଟୁ ରମ୍ଭାରେ ପହଞ୍ଚି ନ ଥିବା ଜାଣିବାକୁ ପାଇଥିଲେ। ମିଟୁଙ୍କ ନିଖୋଜ ସମ୍ପର୍କରେ ରମ୍ଭା ଥାନାରେ ଜଣାଇବା ପରେ ପୋଲିସ ନଂ.୨୦/୨୨ରେ ମାମଲା ରୁଜୁ କରିଥିଲେ। ତେବେ ଏ ନେଇ ଗାଁ ଲୋକେ ଖୋଜାଖୋଜି କରୁଥିବା ବେଳେ ଶନିବାର ରାତିରେ ବାଣିଆ ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରେ ମିଟୁଙ୍କ ବାଇକ ମଳିଥିଲା।

# ବଟି ପାଇଁ ପେଟ୍ରୋଲ ପମ୍ପରେ ଭଙ୍ଗାରୁଜା

## କର୍ମଚାରୀଙ୍କୁ ହତ୍ୟାଉଦ୍ୟମ, ୨ ଗଲେ ଜେଲ

ଦିଗପହଣ୍ଡି,୬।୬(ଡି.ଏନ.ଏ.)

ଦିଗପହଣ୍ଡି – ବସଷ୍ଟାଣ୍ଡ – ପୁଞ୍ଜିକଂଯ୍ୟା ଛକ ମୁଖ୍ୟରାସ୍ତାରେ ଥିବା ବଜରଙ୍ଗୀ ପେଟ୍ରୋଲ ପମ୍ପରେ ୨ ଯୁବକ ବ୍ୟାପକ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ସମ୍ପୃକ୍ତ ୨ ଯୁବକ ହତ୍ୟାଉଦ୍ୟମ କରିଥିବା ପେଟ୍ରୋଲ ପମ୍ପ ମାଲିକ ରଞ୍ଜନ ଦାସ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ମାମଲା ନଂ.୧୯୪/୨୨ଅନୁଯାୟୀ ସୋମବାର ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିଗପହଣ୍ଡି ରାଣୀ ସାହିର ବିକାଶ କୁମାର ନାୟକ ଏବଂ ତାଙ୍କ ସହଯୋଗୀ ଭୋଇ ସାହିର ବିଦୁ ଦାସ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଶନିବାର ରାତିରେ କର୍ମଚାରୀମାନେ ପେଟ୍ରୋଲ ପମ୍ପ ଅଫିସ ରୁମରେ ଶୋଇଥିବା ବେଳେ ବିକାଶ ଏବଂ ବିଦୁ ଏକ ବାଇକରେ ସେଠାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ପେଟ୍ରୋଲ ପମ୍ପରେ କାମ କରୁଥିବା ପାଟପୁର ଗ୍ରାମର ବିଶ୍ୱଜିତ ସାମନ୍ତସିଂହାର କବାଟ ଖୋଲି ବାହାରକୁ ଆସିବା ପରେ ଅଭିଯୁକ୍ତ ଦ୍ୱୟ ଆଣିଥିବା ବାଇକରେ ଜବରଦସ୍ତ ପେଟ୍ରୋଲ ପକାଇବାକୁ କହିବା ସହ ମାଲିକଙ୍କୁ ଡକାଇ ଦାଦା ବଟି ଦେବାକୁ ବାଧ କରିଥିଲେ। ଏହା ନ କଲେ ପେଟ୍ରୋଲ ପମ୍ପକୁ ବୋମା ପକାଇ ଉଡାଇଦେବାକୁ ଧମକ ମଧ୍ୟ ଦେଇଥିଲେ। ଅନ୍ୟ କର୍ମଚାରୀମାନେ ବାହାରକୁ ଆସି ମାଲିକ ରଞ୍ଜନ ଦାଶଙ୍କୁ ଫୋନରେ ଜଣାଇଥିଲେ। ପରେ ବିକାଶ ବିଶ୍ୱଜିତଙ୍କ ମୁଣ୍ଡକୁ ଧରିଥିବା ଏକ ଲୁହା ଛଡ଼କୁ ଫିଙ୍ଗିଥିଲେ। ସୌଭାଗ୍ୟ କ୍ରମେ ତାହା ନବାଜିବାରୁ ବିଶ୍ୱଜିତ ବଞ୍ଚିଯାଇଥିଲେ। ସେହି ସମୟରେ ପେଟ୍ରୋଲ ପମ୍ପ ମାଲିକ ଓ ତାଙ୍କ କେତେଜଣ ସାଙ୍ଗ ପହଞ୍ଚିବାରୁ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ।

# ୨୪ କୁଇଣ୍ଟାଲ ମହୁଲଫୁଲ ଜବତ, ୩ ଗିରଫ

ପାରଳାଖେମୁଣ୍ଡି,୬।୬(ଡି.ଏନ.ଏ.)

ଅବକାରୀ କମିଶନର ଆଶିଷ କୁମାର ସିଂ ଏବଂ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଓ ସେରଙ୍ଗ ପୋଲିସ ପକ୍ଷରୁ ଖଜୁରିପଦା, ବଡପଦା, ସେରଙ୍ଗ ଆଦି ଗ୍ରାମାଞ୍ଚଳରେ ମିଳିତ ଚଢାଉ କରାଯାଇଛି। ଚଢାଉ ସମୟରେ ୨୪ କୁଇଣ୍ଟାଲ ମହୁଲଫୁଲ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ୩ ଜଣ ହେଲେ ପ୍ରକାଶ ପୋଗକୋ, ପାନୁ କୁମାର ପୃଷ୍ଟି ଓ ନରେନ୍ଦ୍ର ବେହେରା । ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥଲା । ଅବକାରୀ ନିରୀକ୍ଷକ ବାଲକୃଷ୍ଣ ପରିଡା, ପ୍ରକାଶ ଚନ୍ଦ୍ର ସାହୁ, ଅବକାରୀ ସହନିରୀକ୍ଷକ ବିଙ୍ଗରାଜ ଦାମି, କିଶୋର ଚନ୍ଦ୍ର ରଥ, ସହ ଉପନିରୀକ୍ଷକ କାହ୍ନୁଚରଣ ବଡଦଲେଇ, ମୋଜି ଶବର ପ୍ରମୁଖଙ୍କ ସହ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନଙ୍କ ସହ ସେରଙ୍ଗ ଥାନା ପୋଲିସ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ ।

# କାଳବୈଶାଖୀରେ ଭାଙ୍ଗିଲା ଘର

ବଲସକୁମ୍ପା,୬।୬

କାଳବୈଶାଖୀ ପ୍ରଭାବରେ ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ପଞ୍ଚାୟତର ବୌଦ୍ଧ ଜିଲା ସୀମାନ୍ତ ଗେଟାମୁଣ୍ଡା ଗ୍ରାମରେ ଚୈତନ ଭୋଇଙ୍କ ତିନୋଟି ଘର ଭାଙ୍ଗି ଯାଇଥିବା ବେଳେ ଛପର ଉଡ଼େଇ ନେଇ ଅନେକ କ୍ଷୟକ୍ଷତି ହୋଇଛି। ଚୈତନଙ୍କ ପରିବାର ଏବେ ବେ ସହାର ହୋଇ ଅତି ହନ୍ତସନ୍ତରେ ଜୀବନ ବିତାଉଛନ୍ତି। ଚୈତନ ଓ ତାଙ୍କ ସ୍ତ୍ରୀ ଆଉ ୪ ପୁଅ,ଝିଅ ଏବେ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ଚଳୁଛନ୍ତି। ତେଣୁ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ସହିତ ଆବାସ ଯୋଜନାରେ ଖଣ୍ଡିଏ ଘର ଯୋଗାଇ ଦେଲ ଉପକୃତ ହୋଇ ପାରନ୍ତା ବୋଲି ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହେଉଛି।



ଭାଙ୍ଗି ଯାଇଥିବା ଘର।

## ସ୍ୱାମୀଙ୍କୁ ଅପହରଣ ଅଭିଯୋଗ

ହିଞ୍ଜିଳିକାଟୁ,୬।୬(ଡି.ଏନ୍.ଏ)

ହିଞ୍ଜିଳି ଥାନା ଅନ୍ତରୀଗାଁର ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଅପହରଣ କରିଥିବା ନେଇ ଅଭିଯୋଗ କରିଛନ୍ତି। ଏ ନେଇ ନଂ ୨୮୪/୨୨ରେ ମାମଲା ରୁଜୁ ହୋଇଛି। ଅନ୍ତରୀଗାଁର ଭାରତୀ ବେହେରା ଆସିକା ଥାନା ନଳବଣ୍ଟା ଗ୍ରାମର ବିନୋଦ ପାହାନଙ୍କୁ ଗତ ୨୮ଫେବୃଆରୀରେ ପୁରୁଷୋତ୍ତମପୁରରେ ଏକ ନୋଟାରୀଙ୍କ ଜରିଆରେ ବିବାହ କରିଅନ୍ତରୀଗାଁରେ ରହୁଥିଲେ। ରବିବାର ବିନୋଦ ଋଷିକୂଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଫେରିନଥିଲେ। ବିନୋଦଙ୍କ ବାପା କେତେଜଣ ଲୋକଙ୍କୁ ନେଇ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରି ନଦୀରୁ ଅପହରଣ କରିଥିବା ନେଇ ଭାରତୀ ଥାନାରେ ଅଭିଯୋଗ କରିଛନ୍ତି।

# ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର, ନିର୍ମାଣ ଦାବି

ବୁଗୁଡ଼ା,୬।୬(ଡି.ଏନ.ଏ.)

- ବୁଗୁଡ଼ାରେ ୨୩୧ ଅଙ୍ଗନୱାଡି କେନ୍ଦ୍ର
- ୯୯ର ନିଜସ୍ୱ କୋଠା ନାହିଁ

ବୁଗୁଡ଼ା ବ୍ଲକର ୨୧ଟି ପଞ୍ଚାୟତ ଏବଂ ଏନ୍‌ଏସିର ୧୩ଟି ୱାର୍ଡରେ ଥିବା ମୋଟ ୨୩୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୯୯ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ତେଣୁ କେଉଁଠି ଭଡ଼ାଘରେ ତ ଅନ୍ୟ କେଉଁଠି ଗ୍ରାମ କୋଠଘରେ ଓ ସ୍କୁଲ କୋଠାରେ ସେହି ଅଙ୍ଗନୱାଡି କେନ୍ଦ୍ରଗୁଡିକ ପରିଚାଳିତ ହେଉଥିବା ଦେଖିବାକୁ ମିଳୁଛି। ବୁଗୁଡା ଅଞ୍ଚଳର ୯୯ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଯୋଗୁ ଶିଶୁମାନଙ୍କ ପାଠପଢ଼ାରେ ନାନା ସମସ୍ୟା ସୃଷ୍ଟି ହେବା ସହ କେନ୍ଦ୍ରଗୁଡିକୁ ଆସୁଥିବା ଚାଉଳ, ଡାଲି ଓ ଅନ୍ୟାନ୍ୟ ସାମଗ୍ରୀ ରଖିବା ଲାଗି କର୍ମୀମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ଥିବା ୧୦ ସେକ୍ଟର ମଧ୍ୟରୁ ବ୍ଲକର ୯ ସେକ୍ଟର ଅଧୀନ ୨୧୩ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୨୭ କେନ୍ଦ୍ରର ନିଜସ୍ୱ କୋଠା ରହିଥିବା ବେଳେ ୫୮ କେନ୍ଦ୍ରର କୋଠା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି ଏବଂ ଅବଶିଷ୍ଟ ୨୮ କେନ୍ଦ୍ରର କୋଠା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା ସାଙ୍ଗକୁ ଏନ୍‌ଏସିର ୧ଟି ସେକ୍ଟର ଅଧୀନ ୧୮ କେନ୍ଦ୍ରରୁ ୫ଟିର ନିଜସ୍ୱ କୋଠା ରହିଥିବା ବେଳେ ୩ର କୋଠା ଅର୍ଦ୍ଧନିର୍ମିତ ଅବସ୍ଥାରେ ଏବଂ ୧୦ଟିର କୋଠା ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ସିଡିପିଓ ରଞ୍ଜିତା ତ୍ରିପାଠୀଙ୍କଠାରୁ ପ୍ରକାଶ। ସମ୍ପ୍ରତି ବୁଗୁଡ଼ା ଅଞ୍ଚଳରେ ଥିବା ୨୩୧ ଅଙ୍ଗନୱାଡି କେନ୍ଦ୍ରରୁ ୧୩୨ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ରହିଥିବା ବେଳେ ଅବଶିଷ୍ଟ ୯୯ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ଅନ୍ୟପକ୍ଷରେ, ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ସହରାଞ୍ଚଳରେ ୭ଲକ୍ଷ ଟଙ୍କା ଲେଖାଏ ଓ ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୮ଲକ୍ଷ ୨୦ ହଜାର ଟଙ୍କା ଲେଖାଏ ବ୍ୟୟ ଅଟକଳରେ କେତେକ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ଜଣାପଡ଼ିଛି। ତେବେ ଜିଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅଙ୍ଗନୱାଡି କେନ୍ଦ୍ରଗୁଡିକର ନିଜସ୍ୱ କୋଠା ନିର୍ମାଣ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।



ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି ଅଙ୍ଗନୱାଡି ଘର।

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO III, BHUBANESWAR**
bbsrrandb03@yahoo.com

60Estg.No - 3830
No.B-265: **Government of Odisha** Date- 04.06.2022

**"e"-Procurement Notice No (14) of 2022-23**
**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road & Building work |
| 2 | Total No of works | 3 nos works |
| 3 | Estimated Cost | 1) Rs. Rs.81, 08,1 79.00, 2) Rs. Rs.50,41,586.00, 3) Rs.53,91,869.00 |
| 4 | Class of Contractor (i) | B & A Class |
| 5 | Period of Completion | 4 (Four ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **13.06.2022 at. 10.00 hrs to 20.06.2022 up to 17.30hrs.** |
| 8 | Last Date & Time for Receipt of bids in the Portal | **20.06.2022, upto 17.30 hrs** |
| 9 | Name & Address of the Officer inviting Bid | Er.Himansu Sekhar Sarangi, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in. **N.B: Subsequent corrigendum/addendum if required shall be available in the website as indicated above**

**Superintending Engineer**
**Bhubaneswar (R&B) Division No III, BBSR**
**OIPR-34089/11/0008/2223**

**OFFICE OF THE**
**DIVISIONAL FOREST OFFICER**
**BRAHMAPUR DIVISION**
At-Courtpeta, Brahmapur-760004, Tel. /FAX-0680-2281354,
Mob-7653908594, E.mail-dfobhmpr@yahoo.co.in
No.4846/01F-101/2022, Dated, Brahmapur the 01st June, 2022

**Tender Call Notice for Supply of Fertilizer & Vermi compost**

**No.MM-47:**Sealed Tenders are invited from reputed Registered Dealer / Manufacturer / Individuals for supply of good quality Fertilizer & Vermi compost for use in the Plantations to be taken up in Brahmapur Forest Division, under various schemes during the current financial year 2021-22. The tender application form shall be obtained from the Head Clerk, O/o. the D.F.O, Brahmapur Forest Division on any working day from 10.00 AM to 5.30 PM during 05.06.2022 to 22.06.2022 on payment of Rs.1,000/- (Rupees One Thousand) or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division in the sealed submitted bid document if downloaded from the website www.odishaforest.in. The last date of submission of sealed tender by Regd. Post / Speed Post / Courier Service / By Hand is 22.06.2022 upto 3.00 PM. Only the Technical bids shall be opened at 04.00 P.M of 22.06.2022 in presence of the bidder (s) or their authorized representative in the office of the undersigned. The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer, Brahmapur Division**
**OIPR-08038/11/0003/2223**

**OFFICE OF THE DISTRICT AND SESSIONS JUDGE**
**KHURDA AT BHUBANESWAR**
**AT/PO-BJB NAGAR, BHUBANESWAR, DIST- KHURDA, ODISHA-751014**
**e-mail i.d : dj.khurda-od@gov.in**

**INVITATION FOR BIDS**
**RFP Identification No. 1 (RFP) of 2022-23 Dated 06.06.2022**

**REQUEST FOR PROPOSAL (RFP)**

**No.W-21:**The District Judge, Khurda at Bhubaneswar (CLIENT), invites sealed proposal from interested Bidders under Single Stage Two Cover/Envelope System (Technical Bid & Financial Bid) for "SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES FOR UP-KEEPING, CLEARNING AND MAINTENANCE AND ELECTRICAL SERVICES IN THE DISTRICT COURT COMPLEX, BHUBANESWAR AND TALUK COURTS COMPLEXES-KHURDA, JATNI, TANGI, CHILIKA & BANPUR".

**A. Indicative Scope :**
The Board Scope of services required through this RFP, shall be inter alia as briefed below:-
**1.** Operation and Maintenance of all Electrical & Mechanical Equipment. **2.**Housekeeping and Sanitation services. **3.**Pest control. **B.** Contracted Period : 02 years. **C.** Bid Processing Fee (INR) : 10.000/- **D.** Earnest Money Deposit (INR) :
The Bidder shall have to furnish "Bid Security Declaration" as per the office memorandum of Finance Department, Govt. of Odisha, Vide FDOM No.8943, Date 18.03.2021 and FDOM No.8484 Dated 05.04.2022 as per the format prescribed in T-11 in lieu of earnest money deposit in the prescribed format along with the bid.
**E.**The RFP document can be downloaded from https://districts.ecourts.gov.in/khordha. To clarify the queries of the Bidder(s), a pre-bid meeting is scheduled refer date sheet in the District Court Complex, Khurda at Bhubaneswar. Duly completed proposal alongwith other pre-requisites documents in support of eligibility criteria and the required information as per formats must be submitted through Registered post/ Speed Post/Courier/Drop Box available in the District Court, Khurda at Bhubaneswar latest by 28.06.2022 at 5:00 P.M. as specified in the critical date sheet below. For details, please refer the RFP Documents.

**F. Critical Date Sheet**

| | | |
|---|---|---|
| 1 | RFP Issue Date | 06.06.2022 |
| 2 | Last date and time for submission of Pre-Bid queries through e-mail: dj.khurda-od@gov.in. | 13.06.2022, 5.00 P.M. |
| 3 | Pre-Bid Meeting date and time | 16.06.2022, 11.30 AM |
| 4 | Upload of Pre-Bid clarification date https://districts.ecourts.gov.in/ khordha | 18.06.2022, 5.00 P.M. |
| 5 | Bid due date and time | 28.06.2022, 05.00 PM |
| 6 | Technical Bid Opening date and time | 29.06.2022, 11.30 AM |
| 7 | Financial Bid Opening date and time | To be informed only Technical Qualified Bidder |

**G. Contract Person :**
Nazir, District Court, Khurda at Bhubaneswar, Mobile No. 9338575653, E-mail ID: dj.khurda-od@gov.in
**H. Complete Address for Submission of Bid**
The District Judge, Khurda at Bhubaneswar, At/PO- BJB Nagar, Bhubaneswar, Dist- Khurda, Odisha, Pin-751014.
1.The authority reserves the right to accept/reject any or all RFPs without assigning any reason thereof.
J. The finalization of Bid will be undertaken subject to approval of the Hon'ble Court.
**DISCLAIMER CLAUSE :** The finalization of Bid will be undertaken subject to approval of the Hon'ble Court.

**Sd./- District Judge, Khurda at Bhubaneswar**
**OIPR-18030/11/0001/2223**

**DIRECTORATE OF FISHERIES**
**ODISHA, CUTTACK**
Ph-0671-2414061, Fax-0671-2410521,
E-mail Id- director.odifish@gmail.com
EOI No.7989/DOF-IE-MISC - 0004/2022, Dated. 02.06.2022

**Expression of Interest (EoI) for taking lease of 2 nos of Circular and 28 nos of Rectangular cages for reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on As is where is Basis**

**No.M-15:**Director of fisheries, Odisha, Cuttack, invites sealed Expression of Interest (EoI) for taking lease of 2 nos of Circular and 28 nos of Rectangular cages for reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on As is where is Basis. Applicants are advised to go through the EoI document carefully before filling up the application form. Filled up application form shall be submitted along with required document and fees. The last date for submission of bid is 21.06.2022 at 5PM. The EoI shall be opened on 22.06.2022 at 12.00 Noon .The details of EoI is available in websites of Directorate of Fisheries, Odisha. Cuttack at www.odishafisheries.nic.in., www.fishfedodisha.com.
Sealed envelope containing EoI application along with all relevant documents should be submitted to below address, mentioning "Expression of Interest (EoI) for taking lease of 2 nos of Circular and 28 nos of Rectangular cages for reservoir cage culture in Hirakud Reservoir, Odisha from interested and eligible PFCS/Fish Farmers/ Self Help Group/Private Entrepreneur / Companies on As is where is Basis" on the top of envelope.
Director of Fisheries reserves the right to fix/ alter the date of opening of EoI and also to reject any or all the EoI without assigning any reason whatsoever.

**Sd/- Director of Fisheries**
**The Director of Fisheries,**
**Odisha, Cuttack Directorate of Fisheries,**
**Mangalabag, Cuttack-753001**
**OIPR-06015/11/0005/2223**

# ଫିଲିପାଇନ୍ସକୁ ହରାଇଲା ଭାରତ

ଭୁବନେଶ୍ୱର, ୬।୬
(କ୍ରୀଡ଼ା ପ୍ରତିନିଧି)

ଥାଇଲାଣ୍ଡର ପାଥୋମଠାରେ ୧୪ତମ ୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ସୋମବାର ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ବିଜୟ ସହ ଭାରତ

**୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ**

ଅଭିଯାନ ଆରମ୍ଭ କରିଛି। କବିତାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଫିଲିପାଇନ୍ସକୁ ୩-୧ (୧୪-୨୫, ୨୫-୨୧, ୨୫-୨୩) ସେଟ୍‌ରେ ପରାସ୍ତ କରିଛି। କବିତାଙ୍କ ବ୍ୟତୀତ ରାଜନନ୍ଦିନୀ ଓ ରକ୍ଷା ଚମତ୍କାର ପ୍ରଦର୍ଶନ କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଜାପାନ ବିପକ୍ଷରେ ଖେଳିବ। ପ୍ରକାଶ ଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର ଲାସ୍ୟମୟୀ ମହନ୍ତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ସହକାରୀ କୋଚ୍‌ଭାବେ ଓଡ଼ିଶାର ପ୍ରତିଷ୍ଠିତ ଭଲିବଲ ପ୍ରଶିକ୍ଷକ ଲୋତକ ବିନ୍ଦୁ ଦାଶ ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଯୋଗିତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।



ସପୋର୍ଟ ଷ୍ଟାଫ୍‌ଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ।

# କାର୍ଲସେନ୍‌ଙ୍କୁ ପୁଣି ହରାଇଲେ ବିଶ୍ୱନାଥନ ଆନନ୍ଦ

**ଷ୍ଟାଭେଞ୍ଜର (ନରୱେ), ୬।୬ (ପି.ଟି.):** ନରୱେ ଚେସ୍ ଟୁର୍ନାମେଣ୍ଟରେ ଭାରତର ଷ୍ଟାର ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦ ବିଜୟପଥକୁ ଫେରିଛନ୍ତି। ସୋମବାର କ୍ଲାସିକାଲ ବିଭାଗର ୫ମ ରାଉଣ୍ଡରେ ସେ ବିଶ୍ୱର ନମ୍ବର ୱାନ୍ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ପଏଣ୍ଟ ଟେବୁଲରେ ପୁଣି ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଆନନ୍ଦ କ୍ଲାସିକାଲ ବିଭାଗ ପୂର୍ବରୁ ହୋଇଥିବା ବ୍ଲିଜ୍ ଇଭେଣ୍ଟରେ ନରୱେର ଚେସ୍ ସୁପରଷ୍ଟାରଙ୍କୁ ହରାଇଥିଲେ। ରେଗୁଲାର ମ୍ୟାଚ୍ ୪୦ ମୁଭ୍ ପରେ ଡ୍ର ରହିବାରୁ ଆର୍ମାଜେଡନ (ସଡନ ଡେଥ୍ ଗେମ୍)ରେ ଆନନ୍ଦ ରୋମାଞ୍ଚକ ବିଜୟ ହାସଲ କରିଥିଲେ। ଆର୍ମାଜେଡନରେ ୫୨ ବର୍ଷୀୟ ଆନନ୍ଦ ଯାଦୁକରି ଖେଳ ପ୍ରଦର୍ଶନ କରି ୫୦ଟି ମୁଭ୍‌ରେ କାର୍ଲସେନ୍‌ଙ୍କୁ ହରାଇଥିଲେ। ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟରେ ଅନେକ ଶ୍ରେଷ୍ଠ ଖେଳାଳି ଭାଗ ନେଇଛନ୍ତି। ଆଉ ୪ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ଭାରତୀୟ ଗ୍ରାଣ୍ଡମାଷ୍ଟର ୧୦ ପଏଣ୍ଟ ସହ ଅଗ୍ରଣୀ ଲାଭ କରିଛନ୍ତି।

# ସିରିଜ୍ ଜିତିଲା ଆଫଗାନିସ୍ତାନ

**ହରାରେ, ୬।୬:** ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଆଫଗାନିସ୍ତାନ ୮ ଉଇକେଟରେ ଜିମ୍ବାୱେକୁ ହରାଇ ଦେଇଛି। ଏଥିସହ ଭ୍ରମଣକାରୀ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୨-୦ରେ ଆଗୁଆ ଜିତିନେଇଛି। ଜିମ୍ବାୱେ ପକ୍ଷରୁ ଧାର୍ଯ୍ୟ ୨୨୯ ରନ୍‌ର ବିଜୟ ଲକ୍ଷ୍ୟକୁ ଇବ୍ରାହିମ୍ ଜାଦ୍ରାନଙ୍କ ଅପରାଜିତ ଶତକରେ ଆଫଗାନିସ୍ତାନ ୪୪.୩ ଓଭରରେ ୨ ଉଇକେଟ ହରାଇ ହାସଲ କରିନେଇଥିଲା। ଜିମ୍ବାୱେ ୫୦ ଓଭରରେ ୨୨୮ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳ ପାଇଁ ଇନୋସେଣ୍ଟ କିଆ ୬୩ ଓ ରିଆନ ବୁର୍ଲ ୫୧ ରନ୍ କରିଥିଲେ। ଭ୍ରମଣକାରୀ ଦଳର ଇବ୍ରାହିମ୍ ଓ ରେହମତ ଶାହା (୮୮ ରନ୍, ୯ ଚୌକା) ଦ୍ୱିତୀୟ ଉଇକେଟରେ ୧୯୩ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଜାଦ୍ରାନ ୧୪୧ ବଲରେ ୧୬ ଚୌକା ସହିତ ୧୨୦ ରନ୍ କରି ଅପରାଜିତ ରହିଥିଲେ।


**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ସାଇ ସ୍ୱରାଜ ମାଝି
ରାଉତରାପୁର, ୪୨ମୌଜା
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ଜେଜେମା: କାଞ୍ଚନ, ବାପା: ସମୀର, ମାମା: ରାଜଲକ୍ଷ୍ମୀ, ମାମୁ: ପିଣ୍ଟୁ, ମାଉସୀ: ରୁବି, ପିଉସା: ନକୁଳ, ପିଉସୀ: ସସ୍ମିତା (ବାଲିଅନ୍ତା)
ଧ-୭୧୨୧୦

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



(ଆନୀ)
ସୋନିକା ସେଠୀ
ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ
ଆଜି ତୋର ''ତୃତୀୟ'' ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୁଭେଚ୍ଛା ସହ: ମାଆ: ସୋମ୍ୟା, ବାପା: ପ୍ରଭାକର, ବଡ଼ବାପା, ମାଆ, ପୂଜା, ଲିଜା, ରୋଜି, ବୁକ୍, ଜେଜେ, ଜେଜେମା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୬୬୬


# ଜାନୁୟାରୀରେ ଖେଳାଯିବ ଆଇଏଲ୍ ଟି୨୦

**ଦୁବାଇ,୬।୬:** ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଆରମ୍ଭ ହେବାକୁ ଯାଉଥିବା ୬ ଦଳ ବିଶିଷ୍ଟ ଲିଗ୍‌କୁ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ (ଆଇଏଲ୍ ଟି୨୦) କୁହାଯିବ। ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍‌ର ପ୍ରଥମ ସିଜନରେ ୩୪ ମ୍ୟାଚ୍ ଦୁବାଇ, ଆବୁଧାବି ଓ ସାରଜାଠାରେ ଆଗାମୀ ଜାନୁୟାରୀ ୬ରୁ ଫେବୃୟାରୀ ୧୨ ପର୍ଯ୍ୟନ୍ତ ଖେଳାଯିବ। ତେବେ ପ୍ରାୟ ସମାନ ସମୟରେ କ୍ରିକେଟ ଦକ୍ଷିଣ ଆଫ୍ରିକା ତା'ର ଟି୨୦ ଲିଗ୍ ଆରମ୍ଭ କରିବାକୁ ଯୋଜନା ରଖିଛି। ୨୦୨୨-୨୩ ବିଗ୍ ବାଶ ଲିଗ୍ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

# ୮ମ ଥର ଜାତୀୟ ରେକର୍ଡ ଭାଙ୍ଗିଲେ ସାବ୍‌ଲେ

**ରାବାଟ (ମରୋକ୍କୋ), ୬।୬ (ପିଟି)**

ଭାରତୀୟ ରନର ଅଭିନାଶ ସାବଲେ ଏଠାରେ ଚାଲିଥିବା ସମ୍ମାନଜନକ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାର ୩୦୦୦ ମିଟର ଷ୍ଟିପଲ ଚେଜ୍ ଇଭେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୫ମ ସ୍ଥାନରେ ରହିଛନ୍ତି। ଏଥିସହିତ ସେ ୮ମ ଥର ପାଇଁ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି।

ଭାରତୀୟ ସେନାରେ କାର୍ଯ୍ୟରତ ୨୭ ବର୍ଷୀୟ ରନର ହାଇକ୍ୱାଲିଟି ଫିଲ୍ଡରେ ରେସ୍‌କୁ ୮:୧୨.୪୮ ସେକେଣ୍ଡରେ ଶେଷ କରିଥିଲେ। ଏହା ପୂର୍ବ ଜାତୀୟ ରେକର୍ଡ ୮:୧୬.୨୧ଠାରୁ ୩ ସେକେଣ୍ଡ ଦ୍ରୁତତମ ଥିଲା। ଏହି ରେକର୍ଡ ସେ ମାର୍ଚ୍ଚରେ ଥିରୁଭାନନ୍ତପୁରମ୍‌ଠାରେ ଆୟୋଜିତ ଇଣ୍ଡିଆନ ଗ୍ରାଁ ପ୍ରିରେ ହାସଲ କରିଥିଲେ। ସାବଲେ ରବିବାର ରାତିରେ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକଧାରୀ ବେଞ୍ଜାମିନ କଗେନ(୮:୧୭.୩୨)ଙ୍କୁ ପଛରେ ପକାଇ ଦେଇଥିଲେ। କେନିୟା ରନର ୮ମ ସ୍ଥାନରେ ରହିଥିଲେ। ସ୍ଥାନୀୟ ହୀରୋ ତଥା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ସୌଫିନ ଏଲ ବାକାଲି ରେସ୍‌କୁ ୭:୫୮.୨୮ରେ ଜିତି ନେଇଥିଲେ। ଇଥିଓପିଆର ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଲାମେଚା ଗିରମା (୭:୫୯.୨୪) ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କ ଦେଶର ହେଲେମାରିୟମ ଟେଗେନ (୮:୦୬.୨୯) ତୃତୀୟ ସ୍ଥାନରେ ରହିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ଚାମ୍ପିୟନ କନ୍‌ସେସ୍‌ଲସ କିପରୁଟୋ (କେନିୟା) ୮:୧୨.୪୭ ଟାଇମିଂ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ୩୦୦୦ ମିଟର ଷ୍ଟିପଲ୍ ଚେଜ ଜାତୀୟ ରେକର୍ଡ ବାରମ୍ବାର ଭାଙ୍ଗିବା ପାଇଁ ସାବଲେ ପରିଚିତ। ସେ ୨୦୧୮ରେ ଗୋପାଳ ସଇନୀ (୮:୩୦.୮୮)ଙ୍କ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଗତ ମାସରେ ସାବଲେ ୧୯୯୨ଠାରୁ ବାହାଦୁର ପ୍ରସାଦଙ୍କ ନାମରେଥିବା ୫୦୦୦ ମିଟର ଷ୍ଟିପଲ ଚେଜ ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ।





ଜୁନ୍ ୧୨ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପାଇଁ କଟକ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତ ହୋଇଥିବା ପିଚ୍। ପଡ଼ିଆରେ ରାସାୟନିକ ସାର ସିଞ୍ଚନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ୫ ଗୋଲ ଦେଲେ ମେସି

**ମାଡ୍ରିଡ୍,୬।୬:** ସ୍ପେନ୍ ମାଟିରେ ପୁଣି ଥରେ ଦେଖିବାକୁ ମିଳିଛି ଲିଓନେଲ ମେସିଙ୍କ ଚମକ। ଆର୍ଜେଣ୍ଟିନା ଷ୍ଟ୍ରାଇକର ରବିବାର ଇଷ୍ଟୋନିଆ ବିପକ୍ଷ ଏକ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୫ ଗୋଲ ସ୍କୋର କରିଛନ୍ତି। ଆର୍ଜେଣ୍ଟିନାକୁ ୫-୦ର ବୃହତ୍ ବିଜୟ ଦେବା ସହ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରରଙ୍କ ତାଲିକାରେ ହଙ୍ଗେରୀର ଫେରେଙ୍କ ପୁସ୍କାସଙ୍କୁ ସେ ପଛରେ ପକାଇଛନ୍ତି। ୨୧ ବର୍ଷ ଧରି ମେସିଙ୍କ ଘର କୁହାଯାଉଥିବା ବାର୍ସିଲୋନାଠାରୁ ପ୍ରାୟ ୪୩୦ କିଲୋମିଟର ଦୂର ପାମ୍ପାଲୋନା ସହରର ଏଲ୍ ସାଡାର ଷ୍ଟାଡିୟମରେ ମ୍ୟାଚ୍‌ର ୮ମ ମିନିଟ୍‌ରେ ଏକ ପେନାଲ୍ଟି କିକ୍ ଜରିଆରେ ଆର୍ଜେଣ୍ଟିନା ପାଇଁ ଖାତା ଖୋଲିଥିଲେ। ୩୪ ବର୍ଷୀୟ ମେସି ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୪୭, ୭୧ ଓ ୭୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ମେସି ୫ ଗୋଲ ପୂରଣ କରିଥିଲେ। ଏଥିସହିତ ପ୍ୟାରିସ୍ ସେଣ୍ଟ ଜର୍ମେନ ଫରୱାର୍ଡ ପ୍ରଥମ ଖେଳାଳି ଭାବେ ଚାମ୍ପିୟନ୍ ଲିଗ୍ ଏବଂ ସିନିୟର ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୫ ଗୋଲ କରିଛନ୍ତି। ସେ ଅନ୍ତିମ ଥର ୧୦ ବର୍ଷ ତଳେ ବାର୍ସିଲୋନା ପାଇଁ ବାୟର ଲେଭରକୁସେନ ବିପକ୍ଷ ଚାମ୍ପିୟନ୍ସ ଲିଗ୍ ପ୍ରିକ୍ୱାର୍ଟର ଫାଇନାଲରେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍‌କୁ ବାର୍ସିଲୋନା ୭-୧ରେ ଜିତିଥିଲା। ମେସି ଏବେ ବି ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରରଙ୍କ ତାଲିକାର ୩ୟ ସ୍ଥାନରେ ଥିବା ମାଲେସିଆ ଫରୱାର୍ଡ ମୋଖତାର ଦାହାରିଙ୍କଠାରୁ ୩ ଗୋଲ ପଛରେ ଅଛନ୍ତି। ଏହି ତାଲିକାରେ ଇରାନର ଅଲି ଦାଇ (୧୦୯)ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଶୀର୍ଷରେ ଅଛନ୍ତି ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ (୧୧୭ ଗୋଲ)।

# ୱେଲ୍ସର ୬୪ ବର୍ଷର ଅପେକ୍ଷା ଶେଷ

**କାର୍ଡିଫ୍, ୬।୬ (ଏପି):** ଏଠାରେ ରବିବାର ଅନୁଷ୍ଠିତ ୨୦୨୨ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ୱେଲ୍ସ ୧-୦ ଗୋଲରେ ୟୁକ୍ରେନ୍‌କୁ ହରାଇ ଦେଇଛି। ମ୍ୟାଚ୍‌ର ୩୪ତମ ମିନିଟ୍‌ରେ ୟୁକ୍ରେନ୍ ଷ୍ଟ୍ରାଇକର ଆଣ୍ଡ୍ରି ୟାରମୋଲେଙ୍କୋ ଦୁର୍ଭାଗ୍ୟଜନକ ଭାବେ ଆତ୍ମଘାତୀ ଗୋଲ ଦେଇଥିଲେ, ଯାହା ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ କରିଥିଲା। ଏହି ବିଜୟ ସହ ୱେଲ୍ସର ୬୪ ବର୍ଷର ବିଶ୍ୱକପ୍ ଖେଳିବା ଅପେକ୍ଷା ଶେଷ ହୋଇଛି। ଅନ୍ତିମଥର ୧୯୫୮ ବିଶ୍ୱକପ୍‌ରେ ୱେଲ୍ସ ଭାଗ ନେଇଥିଲା।

# ପ୍ରଥମ ଟିକେଟ କିଣିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୬।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଜୁନ ୧୨ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚର ପ୍ରଥମ ଟିକେଟକୁ ସୋମବାର କ୍ରୟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା କ୍ରିକେଟ

**ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି୨୦**

ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଟିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଦୀପକ ସିଂ ଓ ଏହାର ଉପସଭାପତି ଅନିମେଶ ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୁଚାରୁରୂପେ ଟିକେଟ ବିକ୍ରି ପାଇଁ ହୋଇଥିବା ସୁବ୍ୟବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରକାଶଯୋଗ୍ୟ ଯେ, କାଉଣ୍ଟରରେ ଟିକେଟ ବିକ୍ରି ଆସନ୍ତା ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ। ଗତ ୧ ତାରିଖରେ ଅନ୍‌ଲାଇନ୍‌ରେ ୫୦୦୦ ଟିକେଟ ବିକ୍ରି ହୋଇଛି। ଜୁନ୍ ୯ରୁ ୧୧ ପର୍ଯ୍ୟନ୍ତ ଟିକେଟଗୁଡ଼ିକ ଭୁବନେଶ୍ୱରର ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମ ଏବଂ କଟକର କେମ୍ବ୍ରିଜ ସ୍କୁଲରେ ରିଡେମ୍ପଶନ କରିହେବ। ଦୂରଦୂରାନ୍ତରରୁ ଟିକେଟ କିଣିଥିବା ଦର୍ଶକମାନେ ମ୍ୟାଚ ଦିନ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟିକେଟ ରିଡେମ୍ପଶନ କରିପାରିବେ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।



ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଓସିଏର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

# ପଦାର୍ପଣରେ ପାର୍କରଙ୍କ ଶତକ

ଆଲୁର, ୬।୬

ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ସୋମବାରଠାରୁ ଆରମ୍ଭ ହୋଇଛି। ଏଠାରେ ଅନୁଷ୍ଠିତ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚରେ ସୁଭେଦ ପାର୍କର ନିଜ ପଦାର୍ପଣରେ ଶତକ ହାସଲ କରି ମୁମ୍ବାଇକୁ ବୃହତ୍ ସ୍କୋର ଦିଗରେ ଅଗ୍ରସର କରାଇଛନ୍ତି। ପାର୍କର ଷ୍ଟ୍ରୋକପୂର୍ଣ୍ଣ ୧୦୪ ରନର ଇନିଂସ ଖେଳି ଅପରାଜିତ ରହିଥିବାବେଳେ ମୁମ୍ବାଇ ପ୍ରଥମ ଦିବସ ଶେଷସୁଦ୍ଧା ୩ ଉଇକେଟ ହରାଇ ୩୦୪ ରନ ସଂଗ୍ରହ କରିଛି। ତାଙ୍କ ସହ ସର୍ଫରାଜ ଖାଁ ୬୯ ରନକରି ଅପରାଜିତ ଅଛନ୍ତି। ଅର୍ମାନ ଜାଫର ୬୦ ରନକରି ଆଉଟ ହୋଇଛନ୍ତି। ଉତ୍ତରାଖଣ୍ଡ ପକ୍ଷରୁ ଦୀପକ ଧାପୋଲା ୩ଟି ଉଇକେଟ ନେଇଛନ୍ତି। ୪୧ଥର ରଣଜୀ ଟ୍ରଫି ବିଜେତା ମୁମ୍ବାଇ ପ୍ରଥମ ଦିବସରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପଦାର୍ପଣ ରଣଜୀ ମ୍ୟାଚରେ ଶତକ ହାସଲ କରି ପାର୍କର ନିଜ ଦଳର ଅଧିନାୟକ ପୃଥ୍ୱୀ ଶ' ଓ କୋଚ୍ ଅମୋଲ ମଜୁମଦାରଙ୍କ

**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

କ୍ଲବରେ ସାମିଲ ହୋଇଛନ୍ତି।

**ଘରମିଙ୍କ ପ୍ରଥମ ଶତକ**


ବେଙ୍ଗାଲୁରୁରେ ଅନୁଷ୍ଠିତ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚରେ ଯୁବ ଖେଳାଳି ସୁଦିପ କୁମାର ଘରମି ପ୍ରଥମଶ୍ରେଣୀ କ୍ରିକେଟରେ ପ୍ରଥମ ଶତକ ହାସଲ କରି ବେଙ୍ଗଲକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ବେଙ୍ଗଲ ୧ ଉଇକେଟ ହରାଇ ୩୧୦ ରନ ସଂଗ୍ରହ କରିଛି। ଅଭିଷେକ ରମଣ ୪୧ ରନ କରି ରିଟାୟର୍ଡ ହର୍ଟ ହୋଇଥିବାବେଳେ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୬୫ ରନକରି ଆଉଟ ହୋଇଛନ୍ତି। ଘରମି ୧୦୬ ଓ ଅନୁସ୍ତୁପ ମଜୁମଦାର ୮୫ ରନକରି ଅପରାଜିତ ରହିଛନ୍ତି।

**କର୍ନାଟକ ୨୧୩/୭**

ଆଲୁରଠାରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଉତ୍ତର ପ୍ରଦେଶ ବିପକ୍ଷରେ କର୍ନାଟକ ପ୍ରଥମ ଦିବସରେ ୭ ଉଇକେଟ ହରାଇ ୨୧୩ ରନ କରିଛି। ଓପନର ରବିକୁମାର ସମର୍ଥ ସର୍ବାଧିକ ୫୭, କ୍ରିଷ୍ଣାମୂର୍ତ୍ତୀ ସିଦ୍ଧାର୍ଥ ୩୭ ରନ କରିଥିଲେ। ଉତ୍ତର ପ୍ରଦେଶ ବୋଲରଙ୍କ ମଧ୍ୟରେ ସୌରଭ କୁମାର ୪ଟି ଓ ଶିବମ୍ ମାଭି ୩ଟି ଉଇକେଟ ନେଇଥିଲେ।

**ପଞ୍ଜାବ ୨୧୯ରେ ଅଲ୍‌ଆଉଟ**

ଏଠାରେ ଅନୁଷ୍ଠିତ ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚରେ ପଞ୍ଜାବ ପ୍ରଥମ ଇନିଂସରେ ୨୧୯ ରନକରି ଅଲ୍‌ଆଉଟ ହୋଇ ଯାଇଛି। ଅଧିନାୟକ ଅଭିଷେକ ଶର୍ମା ଓ ଅନମୋଲପ୍ରୀତ ସିଂ ୪୭ ରନ ଲେଖାଏ ଏବଂ ସନଭୀର ସିଂ ୪୧ ରନ କରିବାକୁ ସକ୍ଷମ ହୋଇଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ପୁନିତ ଦତେ ଓ ଅନୁଭବ ଅଗ୍ରୱାଲ ୩ଟି ଲେଖାଏ ଏବଂ ସାରାଂଶ ଜୈନ ୨ଟି ଉଇକେଟ ନେଇଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ମଧ୍ୟପ୍ରଦେଶ କୌଣସି ଉଇକେଟ ନ ହରାଇ ୫ ରନ ସଂଗ୍ରହ କରିଛି।



ସୁଭେଦ ପାର୍କର



ସୁଦିପ କୁମାର ଘରମି

# ରାଜ୍ୟସ୍ତରୀୟ ଚେସ୍ ୮ରୁ

**ଭୁବନେଶ୍ୱର, ୬।୬ (କ୍ରୀଡ଼ା ପ୍ରତିନିଧି):** ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଏବଂ ଅଲ ଓଡିଶା ଚେସ୍ ଆସୋସିଏସନ୍‌ର ମିଳିତ ଆନୁକୁଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଚଳିତମାସ ୮ରୁ ଆରମ୍ଭ ହେବାକୁ ଯାଉଛି। ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୭ ଓ ୧୭ ବର୍ଷରୁ କମ୍ ପ୍ରତିଯୋଗୀମାନଙ୍କ ପାଇଁ ଜୁନ୍ ୮ରୁ ୧୦ ଏବଂ ୯ ଓ ୧୯ ବର୍ଷରୁ କମ୍ ପ୍ରତିଯୋଗିମାନଙ୍କ ପାଇଁ ଜୁନ୍ ୧୧ରୁ ୧୩ ପର୍ଯ୍ୟନ୍ତ ପ୍ରତିଯୋଗିତା ହେବ। ଆଗ୍ରହୀ ପ୍ରତିଯୋଗୀମାନେ odishachess.com ୱେବସାଇଟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ପ୍ରକାଶ କରାଯାଇଛି।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସୁକାନ୍ତ ଚରଣ ସାହୁ
କଣ୍ଟାପଡ଼ା, କଟକ
ଆବିର୍ଭାବ: ୦୬।୧୧।୧୯୫୩
ତିରୋଧାନ: ୨୮।୦୫।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ପ୍ରିୟମ୍ବଦା ରାଉଳ
ସାଇ ଆଶ୍ରୟ ଆପାର୍ଟମେଣ୍ଟ, ଗୋଠପାଟଣା, ଭୁବନେଶ୍ୱର
ଆବିର୍ଭାବ-୨୩।୧୧।୧୯୬୨
ତିରୋଧାନ- ୧୮।୦୬।୨୦୨୧
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ମୁଁ ଅନୁଭବ କରୁଛି। ତୁମର ପ୍ରତିଟି ସ୍ମୃତି ମୋ ପାଇଁ ଅମୂଲ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ: ନବୀନ୍ କୁମାର ରାଉଳ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶଶିକଳା ସାହୁ
(ତୁଳସୀ ଶାସନ, ଆଳି)
ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୨୮।୦୫।୨୦୨୨
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଆତ୍ମୀୟସ୍ୱଜନ।
ଧ-୬୬୫

# ପିଲାଙ୍କ ସହ ବୁଲିବାକୁ ଯାଉଥିଲେ...

ପିଲାମାନଙ୍କ ଆଚାର ବ୍ୟବହାର, କଥାବାର୍ତ୍ତା ଶୈଳୀ ପ୍ରତି ମା'ବାପା ଧ୍ୟାନଦେବା ଦରକାର। କାରଣ କେତେଜଣ ପିଲାଙ୍କ ରୁକ୍ଷ କଥା ଏବଂ ବ୍ୟବହାର ଅନେକ ସମୟରେ ମାତାପିତାଙ୍କୁ ଲଜ୍ଜିତ କରାଇଥାଏ। ତେଣୁ ଯଦି ପିଲାଙ୍କ ସହ କୌଣସି ସ୍ଥାନକୁ ବୁଲିବାକୁ ଯାଇଛନ୍ତି ତେବେ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...



**ବୁଲିବାକୁ ଯାଉଥିବା ସ୍ଥାନ ବିଷୟରେ ପିଲାଙ୍କୁ ସୂଚନା ଦିଅନ୍ତୁ**

କେତେଜଣ ମା'ବାପା କୌଣସି ନୂଆ ସ୍ଥାନ ବୁଲିବାକୁ ଗଲେ ଏବଂ ସାଥିରେ ପିଲା ଥିଲେ ସେମାନଙ୍କୁ ସେହି ଜାଗା ବିଷୟରେ ଠିକ୍ ଭାବରେ ଜଣାଇ ନ ଥାନ୍ତି। ଫଳରେ ପିଲାଟି ସେମାନଙ୍କୁ ଏ ବିଷୟରେ ପଚାରିବାକୁ ଭୁଲି ନ ଥାଏ। ତେଣୁ ଦର୍ଶନୀୟ ସ୍ଥାନର ମଜା ଉଠାଇବା ସମୟରେ ଏପରି ପରିସ୍ଥିତି ସେମାନଙ୍କୁ ଅଡୁଆରେ ପକାଇବାର ଆଶଙ୍କା ରହିଛି। ସେହି ସ୍ଥାନରେ ବୁଲିବା ବେଳେ ସେ ବିଷୟରେ ପୂର୍ବରୁ ଅଳ୍ପ ସୂଚନା ଦେବାକୁ ଭୁଲନ୍ତୁ ନାହିଁ।

**ଥକିବା ସମୟରେ ନ ବୁଲିଲେ ଭଲ**

ଅଧିକ ସମୟ ବୁଲିଲେ ପିଲାମାନେ ଥକିଯାଆନ୍ତି। ତେଣୁ ଯଦି ପିଲା ଥକିଯାଇଛି ତେବେ କିଛି ସମୟ ବିଶ୍ରାମ କରିବାକୁ କୁହନ୍ତୁ। ପିଲା ରେଷ୍ଟ କରିବା ପରେ ତାକୁ ହାଲ୍କା ଟିଫିନ୍ ଦିଅନ୍ତୁ, ଯଦ୍ୱାରା ପିଲାଟି ଖୁସି ହୋଇଥାଏ। ବେଳେବେଳେ ପିଲାକୁ ଥକ୍କା ଲାଗୁଥିଲେ ମା-ବାପା ସେମାନଙ୍କୁ ଜବରଦସ୍ତି ବୁଲାଇଥାଆନ୍ତି। ହେଲେ ଏଭଳି ମାନସିକତା ପରିବର୍ତ୍ତନ କରନ୍ତୁ। ପିଲାଟି କିଛି ସମୟ ବିଶ୍ରାମ ନେଲେ ତାକୁ ଫ୍ରେଶ୍ ଓ ଏନର୍ଜେଟିକ୍ ଫିଲ୍ ହୋଇଥାଏ।

**ପେଟ ଭରି ଖାଦ୍ୟ ଖୁଆନ୍ତୁ**

ଧରିପାରେ। ତେଣୁ ଏପରି ପରିସ୍ଥିତିକୁ ଏଡ଼ାଇବା ଲାଗି ଘରୁ ବାହାରିବା ପୂର୍ବରୁ ପିଲାକୁ ଭଲ ଭାବରେ ଖାଇବାକୁ ଦିଅନ୍ତୁ।

**ବୁଲିବା ସମୟରେ ପିଲା ସହ କଥା ହୁଅନ୍ତୁ**

କେତେକ ପ୍ୟାରେଣ୍ଟ୍ସ ବୁଲିବା ସମୟରେ ତାଙ୍କ କାମରେ ବ୍ୟସ୍ତ ରହିବା ଦ୍ୱାରା ପିଲାକୁ ସମୟ ଦେଇପାରନ୍ତି ନାହିଁ। ଏହାଦ୍ୱାରା ସେ ନିଜକୁ ଏକୁଟିଆ ଫିଲ୍ କରେ। ଫଳରେ ତା'ର ବ୍ୟବହାର ଅଜବ ପ୍ରକାର ହୋଇଯାଏ। ତେଣୁ ବୁଲିବା ସମୟରେ ପିଲା ସହ ଖୁସି ମିଜାଜ୍‌ରେ କଥା ହୁଅନ୍ତୁ। ଏହାଦ୍ୱାରା ତାକୁ ବୋରିଂ ଲାଗିବ ନାହିଁ। ତା' ସହ ଏମିତି କଥା ହୁଅନ୍ତୁ ଯେମିତି ସେ ଖୁସିର ମାହୋଲ ଅଛି ବୋଲି ଅନୁଭବ କରିବ।

**ଏକୁଟିଆ ସମୟରେ ବୁଝାନ୍ତୁ**

ବେଳେବେଳେ ବୁଲିବା ସମୟରେ ପିଲାମାନେ ବିରକ୍ତ ହୋଇଯାଆନ୍ତି। କୌଣସି କଥାରେ ଜିଦ୍ ଧରନ୍ତି। ଏହି ସମୟରେ ସେମାନଙ୍କୁ ତାଗିଦ ନ କରି ଥଣ୍ଡା ମିଜାଜ୍‌ରେ ବୁଝାନ୍ତୁ। ଯଦି ପାଖରେ ଅନ୍ୟ ଲୋକ ଅଛନ୍ତି ତେବେ ପିଲା ଉପରେ ଚିଡ଼ନ୍ତୁ ନାହିଁ। ତାକୁ ସେମାନଙ୍କଠାରୁ ଟିକେ ଦୂରକୁ ନେଇ



ବାହାରକୁ ଯିବା ପୂର୍ବରୁ ପିଲାକୁ ପେଟ ଭରି ଖୁଆନ୍ତୁ, ନ ହେଲେ ମାର୍କେଟରେ ଶପିଂ କରିବା ସମୟରେ ଭୋକ ଲାଗିବା ଦ୍ୱାରା ସେମାନେ ଚିଡ଼ିଚିଡ଼ା ହୋଇଯାନ୍ତି। ଯଦି ବା କୌଣସି ସାଙ୍ଗଙ୍କ ଘରକୁ ବୁଲିବାକୁ ଯାଇଛନ୍ତି ସେହି ସମୟରେ ପିଲା ସେଠାରେ ପହଞ୍ଚି ପହଞ୍ଚି ଖାଇବାକୁ ଜିଦ୍

ବୁଝାନ୍ତୁ। ବାହାରେ କୌଣସି ଭୁଲ୍ କଲେ ତାକୁ ସେଠାରେ ଆକଟ ନ କରି ମିଠା ମିଠା କଥା କହି ବୁଝାଇବାକୁ ଚେଷ୍ଟା କରନ୍ତୁ। ଘରକୁ ଫେରିବା ପରେ ସେହି ଭୁଲ୍ ବିଷୟରେ ତାକୁ ବିଶଦ ଭାବରେ ବୁଝାଇ ଏହାକୁ ରିପିଟ୍ ନ କରିବାକୁ କୁହନ୍ତୁ।

## ଖାଦ୍ୟରୁଚି

# ବାଇଗଣ ଖଟା

**ଆବଶ୍ୟକ ସାମଗ୍ରୀ:** ୮୦୦ଗ୍ରାମ୍ ବାଇଗଣ , ୭୦ଗ୍ରାମ୍ ତେନ୍ତୁଳି, ୨୫୦ମି.ଲି. ସୋରିଷ ତେଲ , ୨ଟା ଲବଙ୍ଗ,୨ଟା ଛୋଟ ଅଳେଇଚ, ଲମ୍ବା ଆକାରରେ କଟା ହୋଇଥିବା ୪ଟି କଞ୍ଚାଲଙ୍କା , ଏକ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର,୨କପ ଗରମପାଣି,ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ମାତ୍ରାରେ ହଳଦୀ, ଏକତୃତୀୟାଂଶ ଡାଲଚିନି ,ଏକ ଛୋଟ ଚାମଚ ଜିରା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବାଇଗଣକୁ ଭଲଭାବେ ଧୋଇ ମଝିରୁ ଚିରା ଲଗାଇ ଦିଅନ୍ତୁ। ଏବେ ତେନ୍ତୁଳିକୁ ପାଣିରେ କିଛି ସମୟ ପାଇଁ ଭିଜାଇ ଦିଅନ୍ତୁ। ତେନ୍ତୁଳିରୁ ମଞ୍ଜି କାଢ଼ି ଏହାର ଘୋଳ ପ୍ରସ୍ତୁତ କରନ୍ତୁ। ଏବେ ଏକ ପାତ୍ରରେ ସୋରିଷ ତେଲକୁ ଗରମ କରନ୍ତୁ। ତେଲ ଗରମ ହେବା ପରେ ବାଇଗଣକୁ ତେଲରେ ଭଲଭାବେ ଭାଜି ଦିଅନ୍ତୁ। ବାଇଗଣ ଅଧା ଭଜା ହୋଇଗଲା ପରେ ଆଞ୍ଚ ବନ୍ଦ କରି ଦିଅନ୍ତୁ। ଏଥିରେ ଥିବା ଅଧିକ ତେଲକୁ ଅଲଗା କାଢ଼ି ଦିଅନ୍ତୁ। ଏହି ବଳିଥିବା ତେଲରେ ଅଳେଇଚକୁ ପକାନ୍ତୁ। ଏବେ କଞ୍ଚାଲଙ୍କା ପକାଇ କିଛି ସମୟ ଭାଜନ୍ତୁ। କଶ୍ମୀରୀ ଲଙ୍କା ପାଉଡର, ୨କପ ପାଣି ,ଲୁଣ, ହଳଦୀ,ବାକି ମସଲାକୁ ପକାନ୍ତୁ। ଏବେ ପାଣି ଫୁଟିବା ଆରମ୍ଭ କଲା ବେଳକୁ ତେନ୍ତୁଳି ରସ ପକାନ୍ତୁ। ୩-୫ ମିନିଟ୍ ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ି ଦିଅନ୍ତୁ। ତେନ୍ତୁଳିରସ ଟିକେ ବହଳିଆ ହେବା ପର୍ଯ୍ୟନ୍ତ ତାକୁ ଛାଡ଼ି ଦିଅନ୍ତୁ। ଏବେ ଭଜା ହୋଇଥିବା ବାଇଗଣକୁ ପକାନ୍ତୁ। ଏହାକୁ ଢାଙ୍କିକରି ରଖନ୍ତୁ ଯେ ପର୍ଯ୍ୟନ୍ତ ବାଇଗଣ ଭିତରକୁ ତେନ୍ତୁଳି ରସ ପିଇ ନ ଯାଇଛି। ଏବେ ଏହାକୁ କାଢ଼ନ୍ତୁ। ଗରମ ଗରମ ପରଷନ୍ତୁ।



# ସୌନ୍ଦର୍ଯ୍ୟ ପାଇଁ କ୍ଷୀର

**ମହୁ ଓ କ୍ଷୀର:** ମୁହଁକୁ ସଫା କରିବାକୁ ହେଲେ କ୍ଷୀରରେ ମହୁ ମିଶାଇ ଲଗାନ୍ତୁ। କାହିଁକି ନା ମହୁ ତ୍ୱଚା ପାଇଁ ଟନିକ୍ ଭଳି କାମ କରିଥାଏ। ଏହାକୁ ଖାଇବା ଏବଂ ଲଗାଇବା ଦ୍ୱାରା ସ୍କିନ୍ ଗ୍ଲୋ କରିଥାଏ। ସ୍କିନ୍‌କୁ ସଫା କରିବାକୁ ହେଲେ ଏକ ଛୋଟ ଚାମଚ ମହୁ ସହିତ କ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ୧୦ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଥଣ୍ଡା ପାଣିରେ ଭଲ ଭାବେ ଧୋଇଦିଅନ୍ତୁ। ଦେଖିବେ ଆପଣଙ୍କ ମୁହଁ କେତେ ଗ୍ଲୋ କରୁଛି।

**ମୁଲାୟମ ତ୍ୱଚା:** କ୍ଷୀରକୁ ତ୍ୱଚାରେ ଲଗାଇବା ଦ୍ୱାରା ଏହା ଆହୁରି ମୁଲାୟମ ହୋଇଥାଏ। ଦୁଇ ଚାମଚ କ୍ଷୀରସର ସହ ମହୁ ମିଶାଇ ତ୍ୱଚାରେ ଲଗାନ୍ତୁ । ଏହାଦ୍ୱାରା ତ୍ୱଚାର ଶୁଷ୍କତା



କ୍ଷୀର ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଆବଶ୍ୟକ ପଡୁଥିବା କେତେକ ପ୍ରମୁଖ ଖାଦ୍ୟ ମଧ୍ୟରେ ଏହା ଅନ୍ୟତମ। ଅନ୍ୟପକ୍ଷରେ ସୌନ୍ଦର୍ଯ୍ୟକୁ ନୂଆ ରୂପ ଦେବାରେ ଏହାର ମଧ୍ୟ ଭୂମିକା ରହିଛି। ତେବେ କିପରି କ୍ଷୀର ସାହାଯ୍ୟରେ ମୁହଁରେ ଚମକ ଆସିବ ଆସନ୍ତୁ ଜାଣିବା ସେ ସମ୍ପର୍କରେ....




(ଡ୍ରାଏନେସ୍) ଦୂର ହୋଇଥାଏ। କ୍ଷୀର ସହ ଗୋଲାପଜଳ ମିଶାଇ ପୂରା ଶରୀରରେ ଲଗାଇବା ଦ୍ୱାରା ତ୍ୱଚାର ରଙ୍ଗ ଧୀରେ ଧୀରେ ସଫା ଦେଖାଯାଇଥାଏ।

**ମୁହଁର ରିଙ୍କଲ୍ସ:** ମୁହଁର ରିଙ୍କଲ୍ସ ଦୂର କରିବାକୁ ହେଲେ କ୍ଷୀର ବହୁ ଲାଭକାରୀ ହୋଇଥାଏ। ୨ଚାମଚ ମହୁ ସହ ୩-୪ଚାମଚ କ୍ଷୀରସରକୁ ମିଶାଇ ଦିଅନ୍ତୁ। ଏବେ ଏହାକୁ ଭଲଭାବେ ଲଗାନ୍ତୁ। ଏହାଦ୍ୱାରା ମୁହଁର ରିଙ୍କଲ୍ସ ଦୂର ହୋଇପାରିବ।

**ମୁହଁକୁ କରନ୍ତୁ ସଫ୍ଟ ଓ ଗୋଲାପୀ:** ଯଦି ଓଠ କଳା ହୋଇଯାଇଛି, କ୍ଷୀରକୁ ଓଠରେ ଲଗାଇବା ଦ୍ୱାରା ଏହାର କଳାପଣ ଦୂର ହୋଇଥାଏ। ଯଦି ଆପଣଙ୍କ ଓଠ ଫାଟୁଛି ତେବେ ଗୋଟେ ବୁନ୍ଦା ଗୋଲାପଜଳ, ଗୋଟିଏ ବୁନ୍ଦା ଲେମ୍ବୁରସ ସହ କ୍ଷୀରରସକୁ ଭଲଭାବେ ମିଶାଇ ଦିଅନ୍ତୁ। ଦେଖିବେ ଆପଣଙ୍କ ଓଠ ସଫ୍ଟ ଏବଂ ମୁଲାୟମ ହୋଇଯାଇଛି।

# ଟମାଟୋ ଫ୍ଲୁ





ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

ଗୋଟିଏ ଫୁଲ ବଗିଚାରେ ଗ୍ରୀଷ୍ମଋତୁରେ ଛୋଟ ଛୋଟ ଗଛ ଝାଉଁଳି ଯାଉଥିବା ବେଳେ ଅତ୍ୟଧିକ ବର୍ଷାରେ ଚେର ପଚିଯାଇ ବି ଗଛ ନଷ୍ଟ ହୋଇଯାଆନ୍ତି। ସେହିପରି ଋତୁ ପରିବର୍ତ୍ତନ ସମୟରେ ଶିଶୁମାନେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ବିଭିନ୍ନ ଶିଶୁରୋଗର କାରଣ ଅନୁଧ୍ୟାନକଲେ ଦେଖାଯାଏ ଜୀବାଣୁ, ଭୂତାଣୁ, ପରାଙ୍ଗପୁଷ୍ଟ, ଫଙ୍ଗସ୍, ରିକେଟ୍‌ସିଆ ଇତ୍ୟାଦି ପ୍ରଧାନ।

ଭୂତାଣୁମାନଙ୍କ ପ୍ରାଦୁର୍ଭାବ ଅତ୍ୟଧିକ ଉଷ୍ଣତା ଓ ଆର୍ଦ୍ର ଜଳବାୟୁରେ ଦେଖାଯାଏ ଯେପରି ଗ୍ରୀଷ୍ମ ଓ ବର୍ଷାଋତୁରେ।

ଅଳ୍ପ କିଛିଦିନ ହେବ କେରଳର କୋଲମ୍ ସହରରେ ୮୨ଜଣ ୫ ବର୍ଷର କମ୍ ଶିଶୁଙ୍କ ଦେହରେ ଏକ ନୂତନ ରୋଗ ଦେଖାଦେଲା ଯାହାକି ବହୁ ଶୀଘ୍ର ବ୍ୟାପିବାରେ ଲାଗିଲା। ନିକଟସ୍ଥ କର୍ଣ୍ଣାଟକ ଓ ତାମିଲନାଡୁକୁ ଏହି ରୋଗ ଯେପରି ନ ବ୍ୟାପେ ରାଜ୍ୟ ସରକାର ସତର୍କଦୃଷ୍ଟି ରଖିଛନ୍ତି। ଉକ୍ତ ରୋଗରେ ୫ବର୍ଷର କମ୍ ଶିଶୁମାନଙ୍କ ଦେହରେ ପାଣିଫୋଟକା ଆକାରର ଲାଲଦାଗ ବାହାରେ , ଯାହାକି ଟମାଟୋ ରଙ୍ଗର ଦେଖାଯାଏ। ତେଣୁ ଏହାକୁ ଟମାଟୋ ଫ୍ଲୁ ନାମ ଦିଆଗଲା।

**କାରଣ:** ଟମାଟୋ ଫ୍ଲୁ ରୋଗର କାରଣ ଠିକ୍ ଭାବରେ ଜଣା ନ ପଡ଼ିଲେ ମଧ୍ୟ ଏହା ଭୂତାଣୁଜନିତ ବୋଲି ସନ୍ଦେହ କରାଯାଉଛି। କେତେକେ ଏହାକୁ ଚିକେନ୍ ଗୁନିଆ ଓ ଡେଙ୍ଗୁ ରୋଗର ପ୍ରତିକ୍ରିୟା ବୋଲି ସନ୍ଦେହ କରୁଛନ୍ତି। ଲିଚୁ ଫଳ ସହିତ ଏନ୍‌ସେଫାଲାଇଟିସ ରୋଗ, କୁକୁଡ଼ା ସହିତ ବାର୍ଡ ଫ୍ଲୁ ରୋଗର ଯେପରି ସମ୍ପର୍କ ରହିଛି, ଟମାଟୋ ଫ୍ଲୁ ର ଟମାଟୋ ସହିତ କୌଣସି ସମ୍ପର୍କ ନାହିଁ। ଟମାଟୋ ଫ୍ଲୁ ର ହ୍ୟାଣ୍ଡ ଫୁଟ୍ ମାଉଥ୍ ଡିଜିଜ୍ ସହିତ ଅନେକ ସାମଞ୍ଜସ୍ୟ ରହିଛି ଯାହାକି ଓଡ଼ିଶାରେ ବ୍ୟାପକ ଭାବେ ଦେଖାଦେଇଛି। ଏହା ଏକ ଭୂତାଣୁଜନିତ ରୋଗ, ଯାହାକି କକ୍‌ସାକି A-16, ଏଣ୍ଟେରୋଭାଇରସ୍ A71 ଦ୍ୱାରା ହୋଇଥାଏ। କକ୍‌ସାକି A6 ଭୂତାଣୁ କିଶୋର କିଶୋରୀଙ୍କ ଠାରେ ମଧ୍ୟ ରୋଗ କରାଇଥାଏ।

**ବୟସ ଓ ଲିଙ୍ଗ:** ୬ମାସରୁ ପାଞ୍ଚବର୍ଷ ବୟସର ଶିଶୁମାନଙ୍କୁ ଦେଖାଯାଏ। ଆମ ରାଜ୍ୟର ୯ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କଠାରେ ମଧ୍ୟ ଦେଖାଯାଉଛି। ଏଥିରେ ଲିଙ୍ଗ ଭେଦ ଦେଖାଯାଏ ନାହିଁ, ବାଳକ ବାଳିକାକୁ ସମପରିମାଣରେ ଏହା ଦେଖାଯାଏ।

**ଇନ୍‌କ୍ୟୁବେଶନ ସମୟ:** ଭୂତାଣୁ ଶରୀରରେ ପ୍ରବେଶ କରିବାଠାରୁ ୩ରୁ ୬ଦିନ ମଧ୍ୟରେ ରୋଗ ଦେହରେ ଦେଖାଯାଏ।

**ରୋଗର ଲକ୍ଷଣ:** ଲକ୍ଷଣ ପ୍ରଥମେ



ଅତ୍ୟଧିକ ଜ୍ୱର ହୁଏ। ଗଳାରେ ଯନ୍ତ୍ରଣା ହୁଏ ଓ ଭୋକ ହୁଏ ନାହିଁ। ଶିଶୁଟି ମାନ୍ଦା ରହେ। ମୁଖ ଗହ୍ୱର, ଜିଭ ଓ ଦାନ୍ତ ମାଢିରେ କ୍ଷତ ସୃଷ୍ଟି ଯାହା ଚତୁଃପାର୍ଶ୍ୱ ଗାଢ ଲାଲ୍ ଦେଖାଯାଏ ଓ ମଧ୍ୟ ଅଂଶଟି ଧଳା ଦେଖାଯାଏ। ଶିଶୁର ବାନ୍ତି ହୁଏ, ଲାଳ ବାହାରେ ଯାହାକି ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ। ହସ୍ତ, ପଦର ଉପରି ଭାଗରେ ଓ କଟିର ନିମ୍ନଭାଗରେ ପାଣି ଫୋଟକା ପରି କ୍ଷତ ସୃଷ୍ଟି କରେ, ଯାହାକି କେତେକାଂଶରେ ହାଡ଼ଫୁଟି କିମ୍ବା ଚିକେନ୍ ପକ୍ସର ଭ୍ରମ ସୃଷ୍ଟି କରେ। ଶିଶୁଟି ଖାଦ୍ୟ ଖାଇପାରେ ନାହିଁ। ଜଳ ଶୁଷ୍କତା ଦେଖାଦିଏ। ଶିଶୁଟି ଦୁର୍ବଳ ହୋଇପଡେ ଓ ଚିଡ଼ିଚିଡ଼ା ହୁଏ। ଜ୍ୱର ଅଧିକ ହୋଇ ଜ୍ୱର ପିଚୁଳା ହୋଇପାରେ। ଆଣ୍ଠୁ ଗଣ୍ଠି ଫୁଲିବା ସହିତ ଯନ୍ତ୍ରଣା ହୁଏ। ପେଟ ଟାଣିଧରେ, ବାନ୍ତି, ତରଳ ଝାଡ଼ା, କାଶ ଥଣ୍ଡା ଓ ଛିଙ୍କ ଲାଗିରହେ। କେତେକ ସ୍ଥଳରେ ପାଦ ଓ ଆଣ୍ଠୁ ଉପରେ, କହୁଣି ଉପରେ ଫୋଟକା ଅଧିକ ଦେଖାଯାଏ।

**ରୋଗ ଚିହ୍ନଟ:** ୧. ହାତ, ପାଦ, ପିଚା ନିକଟରେ ପାଣି ଫୋଟକା ପରି ଘା' ଓ ପାଟି ଭିତରେ ଘା' ହିଁ ଏହି ରୋଗକୁ ଚିହ୍ନିତ କରେ।

୨. ହାଡ଼ଫୁଟି ରୋଗ ଗୋଟିଏ ଦିନ ଅଳ୍ପ ଜ୍ୱର ପରେ ଯାହାକି ଛାତି ପେଟରେ ଅଧିକ ହୋଇଥାଏ।

୩. ମିଳିମିଳା ରୋଗ ୪ ଦିନ ଜ୍ୱର ହେବା ପରେ କପାଳ, କାନର ପଶ୍ଚାତ୍ ଭାଗରୁ ଆରମ୍ଭ ହୋଇ ମୁଖ, ବେକ, ଛାତି ଓ ଗୋଡ଼ ଆଡ଼କୁ ଯାଇଥାଏ। ଏଥିରେ ପାଣି ଫୋଟକା ହୁଏ ନାହିଁ।

୪. ଖରାଦିନିଆ ବଥ ଏଗୁଡିକ ଦେହରେ ଯେକୌଣସି ସ୍ଥାନରେ ହୋଇଥାଏ ଓ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନ ଥାଏ।

୫. ଫ୍ଲୁ ରୋଗ ଓ କରୋନା ରୋଗ ଜ୍ୱର, ଥଣ୍ଡା, କାଶ, ଛିଙ୍କ, ଦେହ ହାତ ତଥା ନିଉମୋନିଆ (କରୋନା ସ୍ଥଳେ) ହୋଇଥାଏ, କିନ୍ତୁ ଦେହରେ ପାଣି ଫୋଟକା ହୁଏନାହିଁ।

**ଚିକିତ୍ସା:** ଲକ୍ଷଣ ଦେଖି ଚିକିତ୍ସା କରାଯାଏ। ଶତକଡା ୩୦% ରୁ ୪୦% ବିନା ଚିକିତ୍ସାରେ ଭଲହୋଇ ଯାଇପାରନ୍ତି। ରୋଗ ସମ୍ପୂର୍ଣ୍ଣ ଭଲ ହେବାକୁ ୭ରୁ ୧୦ଦିନ ଲାଗେ।

**କେବେ ଡାକ୍ତରଙ୍କ ନିକଟକୁ ନେବେ:**

- ଶିଶୁଠାରେ ୭ ଦିନରୁ ଅଧିକ ଦିନ ରୁଗ୍ଣତା ରହିଲେ, ଅତ୍ୟଧିକ ବାନ୍ତି ହୋଇ ଜଳଶୁଷ୍କତା ଦେଖାଦେଲେ, ପରିସ୍ରା ୮ଘଣ୍ଟାରୁ ଅଧିକ ସମୟ ନ ହେଲେ, ଅଧିକ ଜ୍ୱର ହୋଇ ଶିଶୁ ନିସ୍ତେଜ ରହିଲେ ତୁରନ୍ତ ଡାକ୍ତରଖାନା ନେବା ଆବଶ୍ୟକ।

ଜ୍ୱର ପାଇଁ ପାରାସିଟାମଲ ପ୍ରତି କି.ଗ୍ରା. ଓଜନ ପାଇଁ ୧୫କି.ଗ୍ରା .,ପାଟିରେ ବ୍ୟଥା କମାଇବା ଔଷଧ ଲଗାଇବା ଦରକାର। ଆଣ୍ଟିବାୟୋଟିକ୍ ସେକେଣ୍ଡାରି ସଂକ୍ରମଣ ହେଲେ ଦିଆଯାଏ। ଟମାଟୋ ଖାଇବାରେ କୌଣସି ମନା ନାହିଁ। ଦେହରେ କୁଣ୍ଡିଆ ଓ ଯନ୍ତ୍ରଣା କମାଇବାକୁ କାଲାମିନ୍ ଲୋଶନ ଲଗାଇବା ଦରକାର।

**ପ୍ରତିଷେଧକ:** ଏହା ଏକ ଭୂତାଣୁଜନିତ ରୋଗ। ଏଥିପାଇଁ କୌଣସି ପ୍ରତିଷେଧକ ଟିକା ନାହିଁ। ସଂସ୍ପର୍ଶ ଦ୍ୱାରା ଏହା ବ୍ୟାପିଥାଏ। ଶିଶୁର ଲାଳ, ଝାଡ଼ା, କ୍ଷତରୁ ବାହାରୁଥିବା ଲସିକା ଦେହରେ ଲାଗିଲେ ଲୁଗାପଟା, ବାସନକୁସନ, ମଳର ସଂସ୍ପର୍ଶରେ ଆସିଲେ ଏହା ବ୍ୟାପେ।

ଶିଶୁକୁ ଅନ୍ୟ ଶିଶୁଙ୍କଠାରୁ ଦୂରେଇ ରଖନ୍ତୁ। ଆଇସୋଲେସନ୍ ହିଁ ଏହାର ବ୍ୟାପ୍ତିକୁ ପ୍ରତିରୋଧ କରିଥାଏ। ଖାଦ୍ୟ ଖୁଆଇବା, ଡାଇପର ବଦଳାଇବା ପରେ ହାତ ଭଲ ଭାବରେ ଧୋଇବା ଆବଶ୍ୟକ। ଶିଶୁଟିର ଚଳପ୍ରଚଳ ସ୍ଥାନଟିକୁ ବ୍ଲିଚିଂ ପାଉଡର ମିଶା ଜଳରେ ପୋଛିବା ଦରକାର। ଶିଶୁର ବ୍ୟବହୃତ ବାସନକୁସନକୁ ଗରମପାଣିରେ ଧୋଇବା ଓ ଡାଇପରକୁ ଏଣେତେଣେ ନ ଫୋପାଡ଼ି ଉପଯୁକ୍ତ ସ୍ଥାନରେ ଫିଙ୍ଗିବା ଆବଶ୍ୟକ। ଏହି ରୋଗ ପ୍ରତି ସର୍ତ୍ତକତା ଅବଲମ୍ବନ କଲେ ଏହାର ବ୍ୟାପକତା ରୋକାଯାଇପାରିବ।

*- ଶିଶୁରୋଗ ବିଶେଷଜ୍ଞ*
*ଜାତୀୟ ସ୍ୱାସ୍ଥ୍ୟ ମିଶନ*
*ଭୁବନେଶ୍ୱର*



# ଦୂରହେବ ଅସରପା ସମସ୍ୟା

ଘରେ ଅସରପା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେବେ ଏହାକୁ ନେଇ ବ୍ୟସ୍ତ ହେବା ପରିବର୍ତ୍ତେ କେତୋଟି ଛୋଟ ଉପାୟରେ ଆପଣଙ୍କ ଘରୁ ଏହାକୁ ଦୂରେଇ ଦେଇପାରିବେ...



➔ ଆପଣ ରୋଷେଇକରିବା ସମୟରେ ଲବଙ୍ଗ ବ୍ୟବହାର କରିଥାନ୍ତି। ଏହାକୁ ଆପଣ କିଚେନ୍ କ୍ୟାବିନେଟ୍ ଭିତରେ ଅଳ୍ପ ରଖି ଦିଅନ୍ତୁ। ଏହାଦ୍ୱାରା ତା' ଭିତରେ ଆଉ ଅସରପା ରହିବେ ନାହିଁ।

➔ କିଚେନ୍ କ୍ୟାବିନେଟ୍‌ରେ ରେଡ୍ ୱାଇନ୍ ରଖି ଦିଅନ୍ତୁ। ଏକ ପାତ୍ରରେ ଏକ ଚତୁର୍ଥାଂଶ ରେଡ୍ ୱାଇନ୍ ପକାନ୍ତୁ। ଏବେ ଏହାକୁ କ୍ୟାବିନେଟ୍‌ରେ ରଖନ୍ତୁ। ଦେଖିବେ କ୍ୟାବିନେଟ୍‌ରେ ଅସରପା ହେବେନି।

➔ ପାଉଡର ପରି ହୋଇଥିବା ଚିନିକୁ ଏକ ପାତ୍ରରେ କିମ୍ବା କୌଣସି ବୋତଲ ଢାଙ୍କୁଣିରେ ଭରି କି ରଖିଦିଅନ୍ତୁ। ଆପଣ ଏହାକୁ ବୋରିକ୍ ଏସିଡ୍ ସହ ମିଶାଇ କ୍ୟାବିନେଟ୍‌ରେ ରଖି ଦିଅନ୍ତୁ। ଦେଖିବେ ଅସରପା ଜମା ବି ହେବନାହିଁ।

➔ ଅଣ୍ଡା ଖାଇସାରି ଏହାର ଖୋଳକୁ ନ ଫୋପାଡ଼ି ଏକ ପାତ୍ରରେ ରଖି ଦିଅନ୍ତୁ। ଦେଖିବେ, ତା' ପାଖାପାଖି ଅସରପା ଆସିବେନାହିଁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ଜୁନ୍ ୭/୨୦୨୨ Berhampur, Tuesday, June 7/ 2022

# ମରକ୍କୋ, ନାଇଜେରିଆ, ତାଞ୍ଜାନିଆକୁ ଯୋଗ୍ୟତା

**ଭୁବନେଶ୍ୱର, ୬।୬**
**(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱର, ମାର୍ଗାଓ ଓ ନଭି ମୁମ୍ବାଇରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଅଂଶଗ୍ରହଣକାରୀ ଦଳ ତାଲିକା ଚୂଡ଼ାନ୍ତ ହୋଇଛି। ଶେଷ ୩ ଦଳ ଭାବେ ମରକ୍କୋ, ନାଇଜେରିଆ ଓ ତାଞ୍ଜାନିଆ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କନଫେଡେରେଶନ ଅଫ୍ ଆଫ୍ରିକାନ ଫୁଟ୍‌ବଲ (ସିଏଏଫ୍)ରୁ ଏହି ୩ ଦେଶ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଆୟୋଜକ ଭାରତ, ଚାଇନା, ଜାପାନ, କାନାଡା, ମେକ୍ସିକୋ, ଆମେରିକା, ବ୍ରାଜିଲ, ଚିଲି, କଲମ୍ବିଆ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ। ଜୁନ୍ ୨୪ରେ ଜୁରିଚ୍‌ରେ ଅଫିସିଆଲ ଡ୍ର’ ଅନୁଷ୍ଠିତ ହେବ।



ନାଇଜେରିଆ ଏକ ଶକ୍ତିଶାଳୀ ଦଳ। ଏହା ଗତ ୬ଟି ୧୭ ବର୍ଷରୁ କମ୍ ଫାଇନାଲ୍ସ ମଧ୍ୟରୁ ମାତ୍ର ଥରେ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ମରକ୍କୋ ଓ ତାଞ୍ଜାନିଆ ଏଥର ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଡେବ୍ୟୁ କରିବେ। ପୂର୍ବ ଆଫ୍ରିକାର ପ୍ରଥମ ଦେଶଭାବେ ତାଞ୍ଜାନିଆ ମୁଖ୍ୟ ଟୁର୍ନାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦେଶ କାମେରୁନ୍ ବିପକ୍ଷରେ ୫-୧ ଏଗ୍ରିଗେଟ୍‌ରେ ବିଜୟ ହାସଲ କରିଛି। ଦ୍ୱିତୀୟ ଚରଣ ମ୍ୟାଚରେ ଏହି ଦଳ କାମେରୁନକୁ ୧-୦ ଗୋଲରେ ପରାସ୍ତ କରିଥିଲା। ନିମା ପଲ୍ ଦଳ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ମରକ୍କୋ ପେନାଲ୍ଟିରେ ଘାନାକୁ ହରାଇବା ଯୋଗ୍ୟତା ହାସଲ କରିଛି। ଇଥିଓପିଆ ବିପକ୍ଷରେ ନାଇଜେରିଆ ଯଦିଓ ଗୋଲ୍ ଶୂନ୍ୟ ଡ୍ର ରଖିଛି ତେବେ ରିଭର୍ସ ଫିକ୍ସଚରରେ ୧-୦ରେ ଆଗରେ ରହି ଅକ୍ଟୋବର ଫାଇନାଲ୍ସ ପାଇଁ ଟିକେଟ ହାସଲ କରିଛି। ଭାରତ ପ୍ରକୃତରେ ୨୦୨୦ ସଂସ୍କରଣ ପାଇଁ ଆୟୋଜନ ଅଧିକାର ପାଇଥିଲା। ମାତ୍ର କୋଭିଡ-୧୯ ପାଇଁ ଏହା ସମ୍ଭବ ହୋଇ ନ ଥିଲା। ତେଣୁ ୨୦୨୨ରେ ଏହାକୁ ଆୟୋଜନ ପାଇଁ ସୁଯୋଗ ପାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଭାରତ ଦ୍ୱିତୀୟ ଥରପାଇଁ ଏକ ଫିଫା ଟୁର୍ନାମେଣ୍ଟ ଆୟୋଜନ ଅଧିକାର ପାଇଛି। ପୂର୍ବରୁ ୨୦୧୭ରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ଆୟୋଜନ କରିଥିଲା। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇର ଡି. ୱାଇ. ପାଟିଲ ଷ୍ଟାଡିୟମରେ ହେବାକୁଥିବା ଆଗାମୀ ପ୍ରତିଯୋଗିତାରେ ସ୍ପେନ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ଶେଷଥରପାଇଁ ୨୦୧୮ରେ ହୋଇଥିବା ଟୁର୍ନାମେଣ୍ଟରେ ସ୍ପେନ ଚାମ୍ପିୟନ ହୋଇଥିଲା।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

**ଅଂଶଗ୍ରହଣକାରୀ ୧୬ ଦଳ: ଭାରତ, ଚାଇନା, ଜାପାନ, କାନାଡା, ମେକ୍ସିକୋ, ଆମେରିକା, ବ୍ରାଜିଲ, ଚିଲି, କଲମ୍ବିଆ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ପେନ, ମରକ୍କୋ, ନାଇଜେରିଆ, ତାଞ୍ଜାନିଆ।**

# ରୋନାଲ୍ଡୋଙ୍କ ଡବଲ ଗୋଲରେ ଜିତିଲା ପର୍ତ୍ତୁଗାଲ

**ପ୍ୟାରିସ୍,୬।୬:** କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଡବଲ ଗୋଲ ଯୋଗୁ ସୁଇଜରଲାଣ୍ଡକୁ ରବିବାର ନେଶନ ଲିଗ୍‌ରେ ପର୍ତ୍ତୁଗାଲ ୪-୦ ଗୋଲରେ ପରାସ୍ତ କରିଛି। ରୋନାଲ୍ଡୋ ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ କରିଥିଲେ। ବିଳମ୍ବିତ ଅଫ୍ ସାଇଡ୍ ଯୋଗୁ ସେ ହ୍ୟାଟ୍ରିକ୍ ପୂରଣ କରିପାରି ନ ଥିଲେ। ଏହି ବିଜୟ ଯୋଗୁ ପର୍ତ୍ତୁଗାଲ ଲିଗ୍ ଏ’ର ଗ୍ରୁପ୍ ବି’ର ଶୀର୍ଷରେ ରହିଛି। ପ୍ରାଗ୍ୟୁଠାରେ ଚେକ୍ ରିପବ୍ଲିକ୍ ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ରେ ଡ୍ର’ ରହିଛି। ମ୍ୟାଚ୍‌ରେ ସ୍ପେନ୍ ପାଇଁ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଗାବି (୧୭ ବର୍ଷ ୩୦୪ ଦିନ) ସ୍କୋର କରି ସ୍ପେନ୍‌ର ସର୍ବକନିଷ୍ଠ ଅନ୍ତର୍ଜାତୀୟ ଗୋଲସ୍କୋରର ହେବାର ରେକର୍ଡ ନିଜ ନାମରେ କରିଥିଲେ। ଚେକ୍ ରିପବ୍ଲିକ୍ ପାଇଁ ଜ୍ୟାକବ ପେସେକ (ଚତୁର୍ଥ) ଓ ଜାନ କୁଚା (୬୬ତମ ମିନିଟ୍) ଗୋଲ କରିଥିବା ବେଳେ ଅନ୍ତିମ ମିନିଟ୍‌ରେ ସ୍ପାନିଶ୍ ଡିଫେଣ୍ଡର ଇନିଗୋ ମାର୍ଟିନେଜଙ୍କ ଗୋଲ ମ୍ୟାଚ୍‌କୁ ବରାବର କରିଦେଇଥିଲା।










E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

ORBIT MOTORS
ROURKELA: 9040404444, 9040404333. SUNDARGARH: 9437049161. DEOGARH: 9437061223.

LEGEND CARS
JEYPORE: 7894442905. RAYAGADA: 9692883042. BHAWANIPATNA: 7894442907.

SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

ODYSSEY MOTORS
SAMBALPUR: 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR: 7381661837.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th June, 2022


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଗୁଡାରି ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ଦାବି ଜୋର୍ ଧରିଲା

ଫୁଲବାଣୀ ଅଫିସ, ୬।୬



ଗୁଡାରି ଏୟାରଷ୍ଟ୍ରିପ୍।

କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରଠାରୁ ଅଳ୍ପ ଦୂରରେ ଥିବା ଗୁଡାରି ଏୟାରଷ୍ଟ୍ରିପ୍ (ବିମାନ ଉଡାଣ ଓ ଅବତରଣ ପଡିଆ) କାର୍ଯ୍ୟକ୍ଷମକୁ ନେଇ ଏବେ ଦାବି ଜୋର ଧରିଛି । ଏହି ଜିଲ୍ଲାକୁ ବିମାନ ସେବା ପାଇଁ କିଛି ପଦକ୍ଷେପ ନିଆଯାଉନାହିଁ। କେବଳ ମନ୍ତ୍ରୀ, ସଚିବମାନେ ବିମାନରେ ଆସି ଏଠାରେ ଓହ୍ଲାଉଛନ୍ତି। ସ୍ୱାସ୍ଥ୍ୟସେବା ହେଉ କିଅବା ଜରୁରୀ କାଳୀନ ସେବା ଲାଗି ତୁରନ୍ତ ଏହି ଏୟାରଷ୍ଟ୍ରିପ୍‌କୁ ଉଡାନ ଯୋଜନାରେ ସାମିଲ କରି ବିମାନ ବନ୍ଦର କାର୍ଯ୍ୟକ୍ଷମ କରାଯିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି। ଗୁଡାରି ଏୟାରଷ୍ଟ୍ରିପ୍‌କୁ ପୂର୍ଣ୍ଣକାଳୀନ ବିମାନ ବନ୍ଦର କରାଯିବ ବୋଲି ପ୍ରସ୍ତାବ ରହିଥିଲା। ହେଲେ ଏହା ଉପରେ ସରକାର କିଛି ଧ୍ୟାନ ଦେଉନାହାନ୍ତି। ବିମାନ ବନ୍ଦର କରିବାକୁ ଦୀର୍ଘବର୍ଷ ଧରି ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ କିଛି ଅଗ୍ରଗତି ଘଟିନାହିଁ। ଯାହା କନ୍ଧମାଳବାସୀଙ୍କ ପ୍ରତି ପ୍ରତାରଣା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଏୟାରଷ୍ଟ୍ରିପ୍‌କୁ ଉଡ଼ାନ ଯୋଜନାରେ ସାମିଲ କରି ଏହାର ଉନ୍ନତୀକରଣ କରାଯାଇ ପାରିଲେ କନ୍ଧମାଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏକ ପତ୍ର ମାଧ୍ୟମରେ ସରକାରଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି।

ଗୁଡାରି ନିକଟରେ ପ୍ରାୟ ଶହେ ଏକର ପରିମିତ ଜମିରେ ଏହି ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ୧୯୮୦ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୧୯୮୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏହାର କେବଳ ରକ୍ଷଣାବେକ୍ଷଣ ହୋଇଆସୁଛି । ବର୍ଷକୁ ଲକ୍ଷାଧିକ ଟଙ୍କା ମରାମତି ବାବଦରେ ଖର୍ଚ୍ଚ କରାଯାଉଛି। ବିଗତ ଦିନରେ ବହୁ ଭିଆଇପି ମାନେ ବିମାନରେ ଆସି ଏଠାରେ ଓହ୍ଲାଇଛନ୍ତି। ନିକଟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ୫-ଟି ସଚିବ ଭି. କେ ପାଣ୍ଡିଆନ୍ ଫୁଲବାଣୀ ଗସ୍ତରେ ଆସି ଏହି ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇ ଅନୁଧ୍ୟାନ କରିଥିଲେ। ଇତିମଧ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଛୋଟ ଛୋଟ ଉଡାଜାହାଜ ପଡ଼ିଆକୁ ନିତିଦିନିଆ ବିମାନ ବନ୍ଦରରେ ପରିଣତ କରିଛନ୍ତି। ହେଲେ ଗୁଦାରି ଏୟାରଷ୍ଟ୍ରିପ୍ ପ୍ରତି ଧ୍ୟାନ ଦିଆଯାଉନାହିଁ । ଗୁଦାରି ଏୟାରଷ୍ଟ୍ରିପ୍‌କୁ ନିତିଦିନିଆ ବିମାନ ବନ୍ଦରରେ ପରିଣତ କରାଗଲେ ଲୋକେ ସେବା ପାଇବା ସହ ସରକାର ଅଧିକ ରାଜସ୍ୱ ହାସଲ କରିବେ। ଜିଲାରେ ବହୁ ପର୍ଯ୍ୟଟନ ସ୍ଥଳୀ ଅଛି। ପ୍ରତିବର୍ଷ ଏଠାକୁ ରାଜ୍ୟ ବାହାରୁ ଏବଂ ବିଦେଶରୁ ପର୍ଯ୍ୟଟକ ଆସୁଛନ୍ତି। ଫୁଲବାଣୀରେ ଥିବା ପୁତୁଡି, କାତ୍ରାମାଲା ଓ ଖଜୁରିପଡାର ପକଡାଝର ଜଳ ପ୍ରପାତ, ଦାରିଙ୍ଗବାଡ଼ିର ଅନେକ ପର୍ଯ୍ୟଟନୀସ୍ଥଳ, ବେଲଘର କାଠ ବଙ୍ଗଳା, ମଣ୍ଡାସରୁ କୁଟି ଭଳି ପର୍ଯ୍ୟଟନ ସ୍ଥଳ ଆନ୍ତର୍ଜାତୀକ ପର୍ଯ୍ୟଟକଙ୍କୁ ବି ଆକର୍ଷିତ କରୁଛି । ଗୁଦାରି ଏୟାରଷ୍ଟ୍ରିପ୍ ନିୟମିତ ବିମାନ ବନ୍ଦର କରାଗଲେ ପର୍ଯ୍ୟଟକମାନେ ସହଜରେ ଆସିପାରନ୍ତେ । ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ଏହା ହୋଇପାରୁ ନ ଥିବା ସହରର ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସାନ୍ଦୀପନି ବିଦ୍ୟାନିକେତନର ବାର୍ଷିକ ଉତ୍ସବ

ଚିକିଟି,୬।୬(ଡି.ଏନ୍.ଏ.)

ଚିକିଟି ବ୍ଲକ ନୂଆପଡ଼ା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଏସ୍.ନାଗଭୂଷଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଆଦର୍ଶ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ତହସିଲଦାର କୁଲଦୀପ କୁମାର, ଚିକିଟି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ବି. ଲକ୍ଷ୍ମୀନାରାୟଣ ସୁବୁଦ୍ଧି, ମୁରଲୀ ପ୍ରଧାନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଏସ୍‌ଆଇ ଶିଶିରକାନ୍ତ ସାହାଣୀ, ଅନୁଷ୍ଠାନ ସମ୍ପାଦକ ଇପାରି ସୀମାଞ୍ଚଳ, ଶିକ୍ଷାନିକେତନର ପରିଚାଳନା ମୁଖ୍ୟ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଏବଂ ଶିକ୍ଷୟିତ୍ରୀ ରଶ୍ମିରେଖା ପଣ୍ଡାଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଖବରଦାତା ବିଭୁଧେନ୍ଦ୍ର ପାଢ଼ୀ, ଶିଶୁକବି ତଥା ଶିଶୁ କଣ୍ଠଶିଳ୍ପୀ ରୁଦ୍ରରୂପା ବ୍ରହ୍ମା, ସାନ୍ଦୀପନି ଶିକ୍ଷାନିକେତନର ଆଦର୍ଶ ଶିକ୍ଷୟିତ୍ରୀ ରଶ୍ମିରେଖାଙ୍କୁ ସାନ୍ଦୀପନି ଅନୁଷ୍ଠାନ ତରଫରୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠାନ ତରଫରୁ ଶିକ୍ଷାନିକେତନ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାପତି ନାଗଭୂଷଣ ଧନ୍ୟବାଦ ଦେଇଥିଲେ। ଶେଷରେ ଅନୁଷ୍ଠାନର ଶିଶୁମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର



ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ।

ଖଲ୍ଲିକୋଟ,୬।୬(ଡି.ଏନ.ଏ.)

ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଖଲିକୋଟ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପ୍ରକୃତିମିତ୍ର ପୁରସ୍କାର ଲାଭ କରିଛି। ମୁଖ୍ୟଅତିଥି ରୂପେ ଜଙ୍ଗଲ ପରିବେଶ ଜଳବାୟୁ ବିଭାଗ ପ୍ରମୁଖ ସଚିବ ଡ଼. ମୋନା ଶର୍ମା ଉପସ୍ଥିତ ରହି ପରିବେଶ ସୁରକ୍ଷା ଓ ସଚେତନତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ମର୍ଦ୍ଦରାଜ ଉଚ୍ଚବିଦ୍ୟାଳୟକୁ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଗୋମତୀ ପ୍ରଧାନ ମୁଖ୍ୟଅତିଥିଙ୍କଠାରୁ ପ୍ରମାଣପତ୍ର, ୨୦ ହଜାର ଟଙ୍କା ଚେକ୍ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ବିଭାଗ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ନନ୍ଦ ଓ ରାଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ୟୁୟସକୁ ପ୍ରକୃତି ମିତ୍ର ପୁରସ୍କାର

ଛତ୍ରପୁର,୬।୬(ଡି.ଏନ.ଏ.)

ଛତ୍ରପୁର ଅଞ୍ଚଳର କ୍ୟୁୟସ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପ୍ରକୃତି ମିତ୍ର ସମ୍ମାନ ମିଳିଛି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମାଙ୍କ ଠାରୁ ଅନୁଷ୍ଠାନର ସମ୍ପାଦକ ଅରୁଣ ଶତପଥୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶତପଥୀ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିଲେ ।

## ନବନିଯୁକ୍ତ ମନ୍ତ୍ରୀଙ୍କୁ ଭେଟିଲେ ଯୁବନେତା

ପାରଳାଖେମୁଣ୍ଡି, ୬।୬(ଡି.ଏନ୍.ଏ.)



ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଭେଟୁଛନ୍ତି ରୂପେଶ ପାଣିଗ୍ରାହୀ ।

ଗଜପତି ଜିଲ୍ଲାର ବିଜେଡି ଯୁବ ନେତା ଇଂ.ରୂପେଶ କୁମାର ପାଣିଗ୍ରାହୀ ଭୁବନେଶ୍ୱରଠାରେ ନବନିଯୁକ୍ତ ୩ ମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଯୁବନେତା ଇଂ. ପାଣିଗ୍ରାହୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହ ଜିଲା ପ୍ରଗତି ନିମନ୍ତେ ଆଲୋଚନା କରିଥିଲେ। ନବନିଯୁକ୍ତ ମନ୍ତ୍ରୀମାନେ ମଧ୍ୟ ବେଶ୍ ଉତ୍ସାହିତ ମନୋଭାବ ପୋଷଣକରି ଗଜପତି ଜିଲାର ବିକାଶ ଦିଗରେ ଜାରି ରହିଥିବା କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇଂ.ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ବିଜେଡି ନେତା ପ୍ରଫେସର ମାରୁତ କୁମାର ପାଳ ଉପସ୍ଥିତ ଥିଲେ।

## ସମବାୟ ସମିତି ନିର୍ବାଚନ ନେଇ ପ୍ରାର୍ଥୀପତ୍ର ଦାଖଲ



ପ୍ରାର୍ଥୀମାନେ ନିର୍ବାଚନ ଅଧିକାରୀଙ୍କଠାରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ପୁରୁଷୋତ୍ତମପୁର,୬।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ୧୫ ଜୋନ୍ ବିଶିଷ୍ଟ ପୁରୁଷୋତ୍ତମପୁର ସମବାୟ ସମିତିରେ ହେବାକୁ ଥିବା ନିର୍ବାଚନ ପାଇଁ ଡାଇରେକ୍ଟର ପଦବୀ ସକାଶେ ସୋମବାର ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବେ ବଡଖରିଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଦାଶ ରହିଥିବା ବେଳେ ସମିତିର ସମ୍ପାଦକ ଜି . ଲୋକନାଥ ଆଚାରୀ ପରିଚାଳନା କରିଥିଲେ। ତିନିଜୋନ୍୬, ୧୪ ଓ ୧୫ ରେ କେହି ହେଲେ ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ବେଳେ ଜୋନ୍ ୧ ରେ ସୀମାଞ୍ଚଳ ମିଶ୍ର, ଜୋନ୍ ୨ରେ ମନୋଜ କୁମାର ମହାପାତ୍ର, ଜୋନ୍ ୩ ରେ ବିଘ୍ନରାଜ ପାଢୀ, ଜୋନ୍ ୪ ଉତ୍ତରବିହାରୀ ମହାପାତ୍ର, ଜୋନ୍ ୫ ରବୀନ୍ଦ୍ରନାଥ ଦାଶ, ଜୋନ୍୭ ବିପ୍ରଚରଣ ବେହେରା, ଜୋନ୍୮ ହିମାଂଶୁ ଶେଖର ଦାଶ, ଜୋନ୍୯ ସାରଦା ଦାଶ, ଜୋନ୍୧୦ ରୂପେଶ କୁମାର ସାହୁ, ଜୋନ୍୧୧ ସୁଷମା ସାହୁ, ଜୋନ୍୧୨ ମିହିରରଞ୍ଜନ ପାଢୀ, ଜୋନ୍୧୩ ସସ୍ମିତା ଦାଶ ଡାଇରେକ୍ଟର ପ୍ରାର୍ଥୀ ଭାବେ ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ପୋଟଲାମପୁର ଠାକୁରାଣୀ ଯାତ୍ରା

# ବେଠୁଆରର ବିଜୟୀ ପାଣ୍ଡବ ପୁରସ୍କୃତ

ଧରାକୋଟ,୬।୬(ଡି.ଏନ୍.ଏ.)

ଧରାକୋଟ ନିକଟସ୍ଥ ବେଠୁଆର ଗ୍ରାମର ମା’ ଘୋଡାଦେବୀ ଯୁବ ନାଟ୍ୟ ସଂସଦର ପୌରାଣିକ ନାଟକ ମହାସମର ବା ବିଜୟୀ ପାଣ୍ଡବ ଛତ୍ରପୁର ବ୍ଲକର ପୋଟଲାମପୁର ଗ୍ରାମର ମା’ କୁକୁଟେଶ୍ୱରୀଙ୍କ ଠାକୁରାଣୀଙ୍କ ଭାଗନେଇ ପୌରାଣିକ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଏହି ଯାତ୍ରାରେ ବେଠୁଆର ସହ ପଦାଗିରୀ, ଏସ୍ ତିକରପଡା ସହ ଧାନଘର, ଜରଦା ସହ ଗଣ୍ଡଳା ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହୃଷିକେଶ ସାହୁଙ୍କ ସଫଳ ନିର୍ଦ୍ଦେଶନା, ସଂଳାପ, ମଞ୍ଚ ସଜା, ଉତ୍ତମ ଅଙ୍ଗ ଭଙ୍ଗୀ ପ୍ରଦର୍ଶନ ପାଇଁ ବେଠୁଆରର ବିଜୟୀ ପାଣ୍ଡବ ଯାତ୍ରାକମିଟି ଦ୍ୱାରା ପୁରସ୍କୃତ ହୋଇଛି। ନାଟକର ଭୀମ ଚରିତ୍ର ପାଇଁ ବିଶ୍ୱଜିତ ପଟ୍ଟନାୟକ, ଅଭିମନ୍ୟୁ ଚରିତ୍ର ପାଇଁ ନାରାୟଣ ସାଇଁ ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ଯାତ୍ରା କମିଟି ତରଫରୁ ଟ୍ରଫି ସହ ନଗଦ ଅର୍ଥ ରାଶି ବେଠୁଆରର ସଭାପତି ଗୋବିନ୍ଦ ଚନ୍ଦ୍ର ବିଶୋଇ, ଅଧିକାରୀ ଯୋଗେନ୍ଦ୍ର ବିଶୋଇ, ପରିଚାଳ ସତ୍ୟ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ହର୍ଷ ଗୌଡ଼ ଓ ସମ୍ପାଦକ ପ୍ରଶାନ୍ତ ବିଶୋଇ ମିଳିତ ଭାବେ ଏହି ପୁରସ୍କାର ଗ୍ରହଣ କରିଥିଲେ। ୧୯୮୧ରୁ ବେଠୁଆର ଗ୍ରାମରେ ମହାସମର ନାଟକ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ନୂତନ ଯୁବ କଳାକାର ମାନଙ୍କ ଦ୍ୱାରା ପରିବେଷଣ ହେଉଛି। ଗ୍ରାମବାସୀ ଏଥିରେ ସହଯୋଗ ପ୍ରଦାନ କରୁଛନ୍ତି।

## ଶହୀଦ ସଞ୍ଜୟ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜି.ଉଦୟଗିରି,୬।୬(ଡି.ଏନ୍.ଏ.)

ଜି.ଉଦୟଗିରି ନିକଟସ୍ଥ ବାଗାରାମା ଶହୀଦ ସଞ୍ଜୟ ପ୍ରଧାନଙ୍କ ଜନ୍ମମାଟିଠାରେ ରବିବାରଠାରୁ ଶହୀଦ ସଞ୍ଜୟ ପ୍ରଧାନ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ପେଟାପାଙ୍ଗା ସରପଞ୍ଚ ପୁଷ୍ପାଞ୍ଜଳି ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ଭୀମସେନ ପ୍ରଧାନ, ଅବସରପ୍ରାପ୍ତ ଯବାନ କିଶୋର ଚନ୍ଦ୍ର ନାୟକ, ସମିତିସଭ୍ୟା ଝୁନିମା ପ୍ରଧାନ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଶହୀଦ ସଞ୍ଜୟ କୁମାର ପ୍ରଧାନଙ୍କ ସ୍ତ୍ରୀ ଜିନିତା ପ୍ରଧାନ ଯୋଗଦେଇଥିଲେ। ୯ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୧୬ ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ୧୩ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଖେଳକୁ ପରିଚାଳନା କମିଟି ସଭାପତି ପ୍ରଭାକର ପ୍ରଧାନ, ସମ୍ପାଦକ ବାସୁଦେବ ପ୍ରଧାନ ପ୍ରମୁଖ ପରିଚାଳନା ଦାୟିତ୍ୱରେ ରହିଥିବା ବେଳେ ଶତାଧିକ ଲୋକ ଶହୀଦ ସଞ୍ଜୟ ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।


UTKAL UNIVERSITY
NAAC-A+Accreditation

**UNIVERSITY LAW COLLEGE**
**UTKAL UNIVERSITY**
**VANI VIHAR BHUBANESWAR-04**

No.ULC/206/2022 **ADMISSION NOTICE** DATE: 06.06.2022

**5 YEAR INTEGRATED B.A.LL.B(HONS.) COURSE FOR THE SESSION, 2022-2023.**

Applications are invited in prescribed form for admission into 5 Year Integrated B.A.LL.B (Hons.) Course at University Law College, Bhubaneswar-751007.

| | |
|---|---|
| Number of Seats | 60(Sixty) |
| Eligibility Criteria | 45% of marks for General and 40% of marks for S.C. /S.T. candidates at +2 Arts/Science/Commerce or equivalent examinations. |
| Application Form | available through our website only |
| Application procedure | The Candidates are required to download the application form from our website **www.universitylawcollegebbsr.org.in** and send the filled in application form with requisite document along with application fees for Rs.600/- (Rupees six hundred only) in the shape of D.D drawn in favour of the **Principal, University Law College, Bhubaneswar Payable at Bhubaneswar and send the filled application form to Principal, University Law College, Vani Vihar, Bhubaneswar-751007 by Hand/Post/Courier.** |
| Course Fee | Rs.45,000/- (Rupees forty five thousand only) towards Course Fee per annum |
| Receiving of Application form alongwith documents | From 10.06.2022 (9:00 A.M. to 12:00 Noon) |
| Last date of Submission of Form | 14 days from the date of publication of C.H.S.E. Orissa (all stream) Result or 30/06/2022 by 2.00 PM whichever is later. |
| Date of Entrance | Date of Entrance will be notified later in our website |
| Selection for Admission | Selection for admission will be made on the basis of Career -cum-Entrance |
| Publication of Merit List | **Will be notified later in our website.** |

For further details, please visit our website **www.universitylawcollegebbsr.org.in**
Prof.(Dr.) Prativa Panda
**Principal,**
**University Law College, Bhubaneswar-04, Tel.: (0674) 2589507 (Off.)**



**PARADIP PORT AUTHORITY**
**ADMINISTRATIVE DEPARTMENT**
**e-TENDER CALL NOTICE No.**
**AD/SH-188/12(Vol.III)/1307 Dtd.25.05.2022**

Name of the work :- **“Providing Hospitality services to Jawahar Guest House, Sector-21, Paradip and Paradip Port Guest House, Bhubaneswar”**. Estimated cost put to tender ₹ **2,40,57,499/-** (excluding GST @18% & Contractor’s commission). The last date & time of submission of bid is **13.06.2022 upto 1700 Hrs**. For details please refer our website **www.paradipport.gov.in / https://eprocure.gov.in/eprocure/app**.
**Statistical & Research Officer,**
**Paradip Port Authority**
PPA/PR/159/22-23 Dt.06.06.2022



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା
(SARB), କଟକ

**ସଂଶୋଧନ ପତ୍ର**

ତା.୨୫.୦୫.୨୦୨୨ରିଖ ବିଜ୍ଞପ୍ତି ଅନୁଯାୟୀ ତା.୨୬.୦୫.୨୦୨୨ରିଖରେ ଧରିତ୍ରୀରେ ପ୍ରକାଶିତ ଆମ୍ଭର **ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତିରେ** କ୍ର.ନଂ.୩ର **ଋଣଗ୍ରହୀତା: ମେସର୍ସ ଦୁର୍ଗା କୋଲ୍ଡ ଷ୍ଟୋରେଜ୍‌ର** ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଉଲ୍ଲେଖ ଥିବା କ୍ଷେତ୍ର: ଏକର୦.୩୭୫ଡିସିମିଲି ପରିବର୍ତ୍ତେ **କ୍ଷେତ୍ର: ଏକର୦.୩୬୦ଡିସିମିଲି** ପଢିବାକୁ ଅନୁରୋଧ, ଯାହାର ମୂଲ୍ୟ: **ଟ.୨,୧୦,୬୦,୦୦୦/-**। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ।
**କ୍ଷମତାପ୍ରାପ୍ତ ଅଧିକାରୀ**



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, NUAPADA**
**Phone: 9438200055, 9437538832, 9658244270**
**www.nuapada.nic.in (website of the District)**

No. CAD-726: District Manager, Odisha State Civil Supplies Corporation Ltd., Nuapada invites tenders in Double Cover System throug ONLINE MODE ONLY for the works below:

| Sl. No. | Particulars | | Tender No. & Date |
|---|---|---|---|
| 1 | Name of the work | i. Selection and appointment of **Level-II Transport Contractor** for transportation of Food grains from Rice Receiving Centre-cum-Departmental Storage Center (RRC-cum-DSCs) to Retail Centers of the tagged Unit in Nuapada district. | 2379 dated 03.06.2022 |
| | | ii. Selection and appointment of **Level-I Transport Contractor** of food grains from Food Storage Depot (FSD), FCI to Rice Receiving Centre (RRC) | 2380 dated 03.06.2022 |
| 2 | Availability of bid document in the portal | From 08.06.2022 | |
| 3 | Last date/time for receipt of bids in the portal | 22.06.2022 upto 5.00 P.M. | |
| 4 | Date/time of Opening of Technical Bid | | |
| | A. Level-II Transport Contractor | On Dt.23.06.2022 at 11.00 A.M. | |
| | B. Level-I Transport Contractor | On Dt.23.06.2022 at 4.00 P.M. | |
| 5 | Date/time of Opening of Price Bid | To be notified after Technical Bid evaluation | |
| 6 | Name and address of the Officer Inviting Tender | District Manager, OSCSC Ltd., Nuapada | |

Tender documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** alongwith district website **www.nuapada.nic.in**. Amendments/Corrigendum/Cancellation/Retenders etc. if any shall be published only in the above websites.
**Sd/- CSO-cum-District Manager**
**OSCSC Ltd., Nuapada**
**OIPR-07058/11/0002/2223**



**ODISHA PUBLIC SERVICE COMMISSION, CUTTACK**
**NOTICE**
**No.5203/PSC, Dt.6.6.22**
**(2PE-13-22/23) (DR-I)**

**No.D-58:** It is for information of all concerned that, pursuant to Advt. No. 09 of 2021-22, 59 (Fifty-nine) candidates bearing following PPSAN have been allowed to face the interview to determine their eligibility for recruitment to the post of Assistant Professor, Teacher Education (Economics). The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 21.06.2022, 22.06.2022, 23.06.2022 & 24.06.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of candidates |
|---|---|---|
| 21.06.2022 | 10.30 A.M. | 00085953, 00091848, 00095699, 00109322, 00112336, 00088417, 00094895,00086839,00087415= **09 Candidates** |
| | 02.45 P.M. | 00112542,00087821, 00081182, 00112768, 00110946, 00093498 **=06 candidates** |
| 22.06.2022 | 10.30 A.M. | 00088710, 00089854, 00085061, 00095180, 00097701, 00087713, 00099782, 00049269, 00111115 **= 09 candidates** |
| | 02.45 P.M. | 00112341, 00098918, 00090642,00090143, 00112797, 00094681, **=06 candidates** |
| 23.06.2022 | 10.30 A.M. | 00096837, 00091473,00087544, 00112537, 00094074,00112412, 00077914, 00055550,00097560 **= 09 candidates** |
| | 02.45 P.M. | 00112578, 00090373, 00061412, 00112511, 00112626, 00108863 **=06 candidates** |
| 24.06.2022 | 10.30 A.M. | 00095074, 00085636, 00112327, 00095647, 00030799, 00044222,00057656, 00020879, 00089142 **= 09 Candidates** |
| | 02.45 P.M. | 00062724, 00094926, 00026707, 00111914, 00018066 **= 05 Candidates** |

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection. The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./- Additional Secretary**
**OIPR-12002/11/0071/2223**



**ODISHA PUBLIC SERVICE COMMISSION, CUTTACK**
**NOTICE**
**No.5220/PSC, Dt.6.6.22**
**(PF-1E-11-2021/22) (DR-III)**

**No.D-59:** It is for information of all concerned that, pursuant to Advt. No.24 of 2021-22,12 (Twelve) candidates bearing following PPSAN have been allowed to face the interview to determine their eligibility for recruitment to the post of Post Graduate Teachers in Home Science. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 22.06.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of candidates |
|---|---|---|---|
| 1. | 22.06.2022 | 10.30 A.M. | 00117634, 00076665, 00070637, 00115448, 00021280,00119060 & 00070907= **07 Candidates** |
| | | 3.00 P.M. | 00031216, 00021466,00125044, 00053486 & 00044935 **=05 candidates** |

Note:- It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**Sd./- Additional Secretary**
**OIPR-12002/11/0073/2223**

ଧରିତ୍ରୀ DHARITRI
ମଙ୍ଗଳବାର, ୭ ଜୁନ୍, ୨୦୨୨



## ସଂକ୍ଷେପରେ

### ଅବସର ନେଲେ ଏମ୍‌କେସିଜିର ଦୁଇ ବରିଷ୍ଠ କର୍ମଚାରୀ

**ବ୍ରହ୍ମପୁର ଅଫିସ,୬।୬:** ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟର ଦୁଇ ବରିଷ୍ଠ କର୍ମଚାରୀ ଅବସର ନେଇଛନ୍ତି। କାର୍ଯ୍ୟାଳୟର ପ୍ରତିଷ୍ଠାନ ଅଧିକାରୀ ଅର୍ଜୁନ କୁଡୁମ୍ବା ଓ ପରିସଂଖ୍ୟାନ ଅଧିକାରୀ ଅସିତ କୁମାର ଶତପଥି ମେ ୩୧ ରେ ଅବସରଗ୍ରହଣ କରିଥିଲେ। ଏହି ଦୁଇ ଅଧିକାରୀଙ୍କୁ ସୋମବାର କାର୍ଯ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟାଳୟର ଭାରପ୍ରାପ୍ତ ପ୍ରତିଷ୍ଠାନ ଅଧିକାରୀ ମନୋଜ କୁମାର ଖାଡାଙ୍ଗାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌କେସିଜିର ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଅବନୀକାନ୍ତ ମିଶ୍ର, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ବେହେରା, ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଚରଣ ପଣ୍ଡା, ଅତିରିକ୍ତ ଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଦୁଇ ବରିଷ୍ଠ କର୍ମଚାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୁଇ ବରିଷ୍ଠ କର୍ମଚାରୀଙ୍କ ସହଯୋଗ ଏବଂ ଉତ୍ତମ ସ୍ୱଭାବକୁ ଏଠାରେ ପ୍ରଶଂସା କରାଯାଇଥିଲା। ବଡ ଡାକ୍ତରଖାନାର ଉନ୍ନୟନମୂଳକ କାର୍ଯ୍ୟରେ ଦୁଇ କର୍ମଚାରୀଙ୍କ ଅବଦାନ ରହିଥିବା କୁହାଯାଇଥିଲା।

### ୨ମୃତ ବାର୍ହା ଜବତ, ୪ ଶିକାରୀ ଗିରଫ

ପାତ୍ରପୁର,୬।୬(ଡି.ଏନ.ଏ.)-ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନ ବନସୋଲା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ବାର୍ହା ଶିକାର ବେଳେ ୪ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବି. ଅର୍ଜୁନ ସିଂ, ଜେ. ରାଧେର୍ ସିଂ, ମଞ୍ଜିର ସିଂ, ଏମ୍. ସୀମାଞ୍ଚଳ। ରେଞ୍ଜର ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ରାତି ସମୟରେ ପାଟ୍ରୋଲିଂ ଚାଲିଥିବା ବେଳେ ଦୁଇଟି ମୃତ ବାର୍ହା ଜବତ ସହ ଗୋଟିଏ ଅଟୋ ଜବତ କରାଯାଇଛି । ଏ ନେଇ ନଂ. ୬୦/୨୨-୨୩ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ପ୍ରକାଶ କରିଛନ୍ତି।

# ଅନ୍ୟ ଜାତିରେ ବିବାହ କରିବାରୁ ବାସନ୍ଦ

ଛତ୍ରପୁର,୬।୬(ଡି.ଏନ୍.ଏ.)



ପରିବାରବର୍ଗ।

**ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ପରିବାର**

ପୋଲସରା ଥାନା ଅନ୍ତର୍ଗତ କଳମ୍ବ ଗାଁରେ ଜଣେ ଯୁବକ ଅନ୍ୟ ଜାତିରେ ବିବାହ କରିବାରୁ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ନ୍ୟାୟ ପାଇଁ ସମ୍ପୃକ୍ତ ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

କଳମ୍ବ ଗାଁର ଅରୁଣ ପ୍ରଧାନଙ୍କ ପୁଅ ଅରବିନ୍ଦଙ୍କ ମର୍ଦ୍ଦକୋଟର ଜଣେ ଅନ୍ୟ ଜାତିର ଝିଅଙ୍କ ସହ ଗତ ଜାନୁୟାରୀ ୨୪ ତାରିଖରେ ହିନ୍ଦୁ ରୀତିନୀତିରେ ବିବାହ ହୋଇଥିଲା । ତେବେ ପରେ ଜାତି ସମାଜର ବୈଠକର ନିଷ୍ପତ୍ତି ପ୍ରକାରେ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ଅରୁଣ ଅଭିଯୋଗ କରିଛନ୍ତି । ଏପରିକି ବିବାହ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମ୍ପର୍କୀୟମାନଙ୍କୁ ମଧ୍ୟ ମାନସିକ ନିର୍ଯାତନା ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିବା ସେ କହିଛନ୍ତି। ଏହାର ଉଚିତ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ୧ ତାରିଖରେ ପୋଲସରା ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା (୨୧୯/୨୨) ରୁଜୁ କରିଛି। ସୋମବାର ଅରୁଣଙ୍କ ପରିବାର ଛତ୍ରପୁର ଆସି ଜିଲାପାଳଙ୍କୁ ଭେଟି ଏ ନେଇ ଲିଖିତ ଜଣାଇବା ସହ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପରିବାର ପକ୍ଷରୁ କୁହାଯାଇଛି ।

# ଛାତ୍ରୀ ବଳାତ୍କାର ଅଭିଯୋଗ, ଭିଣୋଇ ସମେତ ୨ ଗିରଫ

ବ୍ରହ୍ମପୁର ଅଫିସ,୬।୬

**କୋର୍ଟ ନିର୍ଦ୍ଦେଶରେ ବାଳାଶ୍ରମରେ ରହିବେ ପୀଡିତା**

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଭିଣୋଇଙ୍କ ସମେତ ୨ଜଣଙ୍କୁ ସଦର ଥାନା ପୋଲିସ ସୋମବାର ଗିରଫ କରିଛି। ପୀଡ଼ିତାଙ୍କ ସମେତ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୨୩୦/୨୨ରେ ଅଭିଯୁକ୍ତଦ୍ୱୟ ତଥା ପୀଡ଼ିତାଙ୍କ ଭିଣୋଇ ଯୁଧିଷ୍ଠିର ଦାସ(୩୫) ଓ ଛାତ୍ରୀଙ୍କୁ ଅପହରଣ କରି ନେଇ ଏକ ଘରେ ରଖି ବଳାତ୍କାର କରିଥିବା ଶଙ୍କର ଦାସ(୧୯)ଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ଜେଏମ୍ଏଫ୍‌ସି କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ପୀଡ଼ିତାଙ୍କୁ ଗୋଷାଣୀ ନୂଆଗାଁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଛାତ୍ରୀ ଜଣଙ୍କ ସଦର ଥାନା ଅଞ୍ଚଳର ଭିଣୋଇ ଯୁଧିଷ୍ଠିର ଦାସଙ୍କ ଘରେ ରହି ୧୦ମ ଶ୍ରେଣୀରେ ପଢୁଥିଲେ । ଗତ ୩ ତାରିଖରେ ଶାଳୀଙ୍କୁ କେହି ଅପହରଣ କରି ନେଇଥିବା ଯୁଧିଷ୍ଠିର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୦/୨୨ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଲାଞ୍ଜିଆରେ ଏକ ଘରେ ଥିବା ନାବାଳିକାଙ୍କୁ ପୋଲିସ ରବିବାର ଉଦ୍ଧାର କରିଥିଲା। ପରେ ଅପହରଣକାରୀ ଶଙ୍କରଙ୍କୁ ମଧ୍ୟ ସେଠାରୁ ଗିରଫ କରାଯାଇଥିଲା। ଥାନାରେ ପୀଡ଼ିତାଙ୍କ ବୟାନ ପୋଲିସ ରେକର୍ଡ କରିଥିଲା। ପୀଡ଼ିତାଙ୍କୁ ଭିଣୋଇ ଯୁଧିଷ୍ଠିର ବଳାତ୍କାର କରିଥିବା ସେ ଅଭିଯୋଗ କରିଥିଲେ।

## ଜମିରେ ଟଳି ପଡ଼ିଲେ ବୃଦ୍ଧ

ଭଞ୍ଜନଗର,୬।୬(ଡି.ଏନ.ଏ)

ଭଞ୍ଜନଗର ଥାନା ଅନ୍ତର୍ଗତ ବଡ଼କୋଦଣ୍ଡା ରାସ୍ତା ପାର୍ଶ୍ୱ ଜମିରେ ଜଣେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ସୋମବାର ସକାଳେ ଦେଖାଯାଇଥିଲା। ମୃତକ ହେଉଛନ୍ତି ଯୋଗିମାରିର ଉଦୟ ନାୟକ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି । ତେବେ କିଭଳି ପରିସ୍ଥିତିରେ ବୃଦ୍ଧଙ୍କ ମୃତ୍ୟୁ ଘଟିଲା ତାହା ଠିକ୍‌ଭାବେ ଜଣାପଡ଼ିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ପ୍ରକାଶ ଯେ, ଉଦୟ ରବିବାର ଭଞ୍ଜନଗର ସହରକୁ ଆସି କାମ ସାରିବା ପରେ ଚାଲିଚାଲି ବିଲ ରାସ୍ତାରେ ଗ୍ରାମକୁ ଯାଉଥିଲେ। ବାଟରେ ବିଲରେ ସେ ଟଳି ପଡ଼ିଥିଲେ ମଧ୍ୟ କେହି ଦେଖି ପାରି ନ ଥିଲେ। ସୋମବାର ସକାଳେ ଉକ୍ତ ରାସ୍ତାରେ କିଛି ଲୋକ ଯିବା ସମୟରେ ମୃତଦେହ ପଡ଼ିଥିବା ଦେଖିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦୟଙ୍କୁ ଚିହ୍ନଟ କରିଥିଲା ।

# ମହାନଗରରେ ବିଶ୍ୱ ପରିବେଶ ଦିବସ

ବ୍ରହ୍ମପୁର ଅଫିସ,୬।୬



ମୋ ଓଡ଼ିଶା ପକ୍ଷରୁ ବୃକ୍ଷ ରୋପଣ।

ବ୍ରହ୍ମପୁର ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରାମଲିଙ୍ଗେଶ୍ୱର ଉଦ୍ୟାନ ପରିସରରେ ବିଏମ୍‌ସି ପକ୍ଷରୁ ଏକ ଘରୋଇ ଶିକ୍ଷାନୁଷ୍ଠାନର ମିଳିତ ଉଦ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇଥିଲେ। ସେହିପରି ୟୁସିପି ଇଞ୍ଜିନିୟରିଂ ସ୍କୁଲ ପରିସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଯୋଗ ଦେଇ ଆସନ୍ତା ୨ ମାସ ଯାଏ ସହରର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାର ଗଞ୍ଜାମ ଜିଲା ସଂଯୋଜକ ସୁବାସ ମହାରଣା ଆନ୍ଧ୍ରର ରାଜମହେନ୍ଦ୍ରିରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା କୋନା କାର୍ପାସ ପ୍ରଜାତି ବୃକ୍ଷ ଚାରା ମଗାଇଥିଲେ। ଯାହାକୁ ଖେଳପଡ଼ିଆ ଚତୁଃପାର୍ଶ୍ୱରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି କମିଶନର, ବ୍ରହ୍ମପୁର ଉପଜିଲାପାଳ, ମେୟର, ଡେପୁଟି ମେୟର, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବେଣୀମାଧବ ଥିଲେ ପ୍ରାଜ୍ଞ ସମାଲୋଚକ

ବ୍ରହ୍ମପୁର ଅଫିସ,୬।୬



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଓଡ଼ିଶା ସାହିତ୍ୟ ଏକାଡେମୀର ଜାତୀୟ ସମ୍ମାନ**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୋମବାର ଉତ୍କଳ ଆଶ୍ରମ ସଭାକକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର କୃତବିଦ୍ୟ ଗବେଷକ, ସୁଖ୍ୟାତ ସାହିତ୍ୟିକ, ପ୍ରାଜ୍ଞ ସମାଲୋଚକ ଡ.ବେଣୀମାଧବ ପାଢ଼ୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଫେସର ମହାପାତ୍ର ବେଣୀମାଧବଙ୍କ ଶିକ୍ଷକ ଜୀବନ, ଅଧ୍ୟାପକ ଜୀବନ ଓ ଗବେଷଣାର ମୌଳିକ ବିଶେଷତା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବା ସହ ସେ ଜଣେ ପ୍ରାଜ୍ଞ ସମାଲୋଚକ ଥିଲେ ବୋଲି ମହାପାତ୍ର ମତବ୍ୟକ୍ତ କରିଥିଲେ। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ.ସଂଗ୍ରାମ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବେଣୀମାଧବଙ୍କ ସାରସ୍ୱତ କୃତି ସମୂହ ଓଡ଼ିଆ ଅସ୍ମିତାକୁ ନୂଆ ଦିଶା ପ୍ରଦାନ କରିଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷା ଉତ୍ତମା ଜେନା ଓ ଅନୁବାଦିକା ଡ.ସୂଚନା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶାନ୍ତି ନିକେତନ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଶରତ କୁମାର ଜେନା ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ବେଣୀମାଧବଙ୍କ ସୃଜନକର୍ମ, ସମାଲୋଚନା, ଗବେଷଣା ଓ ସଂସ୍କୃତି ଆଲୋଚନାରେ ପ୍ରତିପାଦ୍ୟ ମୌଳିକତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବେଣୀମାଧବ ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ସୂଚନା ପାଢ଼ୀଙ୍କ ଦ୍ୱାରା ନୋବେଲ ବିଜୟିନୀ ନାରୀ ପ୍ରତିଭାଙ୍କ ଅନୂଦିତ ଗ୍ରନ୍ଥ 'ବିଶ୍ୱ ନାରୀ ପ୍ରତିଭା' ଏବଂ ତୁଷାର ପରିଚ୍ଛାଙ୍କ ଦ୍ୱାରା ବେଣୀମାଧବ ପାଢ଼ୀଙ୍କ ଜୀବନ ଓ ସାରସ୍ୱତ କୃତିକୁ ନେଇ ପ୍ରସ୍ତୁତ ସିଡୀ ମଧ୍ୟ ଲୋକାର୍ପିତ ହୋଇଥିଲା। ଏଥିସହ ସଂଗ୍ରାମ ଜେନାଙ୍କୁ ଡ.ବେଣୀମାଧବ ପାଢ଼ୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାହିତ୍ୟ ଏକାଡେମୀର ସଦସ୍ୟ ତଥା କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କଳିଙ୍ଗ ସାହିତ୍ୟ ସମାଜ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ବେଣୀମାଧବଙ୍କ ଜୀବନ ଓ ସୃଜନ ଶୀର୍ଷକ ଏକଦିବସୀୟ ଜାତୀୟ ସଂପାନର ପ୍ରଥମ ଅଧିବେଶନରେ ସମାଲୋଚକ ଡ. ଲମ୍ବୋଦର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଡ. ହୃଷୀକେଶ ପଣ୍ଡା, ଡ. ଉଷାରାଣୀ ରଥ, ଡ. ବିଦ୍ୟୁତ୍‌ପ୍ରଭା ସାହୁ, ଡ. ଅଜୟ କୁମାର ତ୍ରିପାଠୀ, ଡ. ମନୋରଞ୍ଜନ ବିଷୋୟୀ, ରୋହିତ କୁମାର ବାରିକ, ଦେବାଶିଷ ମହାପାତ୍ର, ରୂପେଶ କୁମାର ତ୍ରିପାଠୀ ଓ ପୀତାମ୍ବର ଦାଶ ଆଲୋଚକ ଭାବେ ଯୋଗଦେଇଥିଲେ। ଏଥିରେ କଳିଙ୍ଗ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଡ. କୁଳମଣି ଓଝା, ଡ. ନଳିନୀ କୁମାର ପାଣିଗ୍ରାହୀ, ଡ. ରାଜେନ୍ଦ୍ର କୁମାର ତ୍ରିପାଠୀ, ସ୍ୱର୍ଣ୍ଣଲତା ବିଷୋୟୀ, କୁରେଶୁ ମହାରଣା, ପ୍ରିୟଙ୍କା ସାହୁ ଓ ମନୀଷା ଦାଶ ପ୍ରମୁଖ ଆଲୋଚକ ଭାବେ ବକ୍ତବ୍ୟ ରଖିଥିଲେ। କଳିଙ୍ଗ ସାହିତ୍ୟ ସମାଜ ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁପ କୁମାର ମିଶ୍ର ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ମିଳନୀ ଉଦ୍‌ଯାପିତ




ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭଞ୍ଜନଗର,୬।୬(ଡି.ଏନ.ଏ)

ଭଞ୍ଜନଗର ଟାଉନହଲ୍ ପରିସରରେ ୨ ଦିନ ଧରି ଚାଲିଥିବା ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ୩୧ତମ ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଅଧିବେଶନରେ ରାଜ୍ୟ ସଭାପତି ଜଗବନ୍ଧୁ ଜେନା ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି କହିଥିଲେ। ଓଷ୍ଟା ରାଜ୍ୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଓ ବିଶିଷ୍ଟ ଶିକ୍ଷା ସଙ୍ଗଠକ ମହନ୍ତଶ୍ରୀ ସୁବଳ ଚରଣ ଦାସ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ବୃନ୍ଦାବନ ମହାରଣା, ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଓଷ୍ଟା ରାଜ୍ୟ ଉପ ସଭାପତି ସନ୍ତୋଷ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସଂଘର ସ୍ମରଣିକା ଉନ୍ମୋଚନ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଓ ଜୟ ପ୍ରକାଶ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନ ଅଧିବେଶନରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବିକ୍ରମ କୁମାର ଦାସ ସଭାପତି, କାର୍ଯ୍ୟକାରୀ ସଭାପତି ଜୟ ପ୍ରକାଶ ପଣ୍ଡା, ଶିବ ନାରାୟଣ ବେହେରା, ବିଚିତ୍ର ବିହାରୀ ଦାସ, ଉପସଭାପତି ଧନେଶ୍ୱର ପାତ୍ର, ବିଜୟ ବିରେନ୍ଦି, କିଶୋର ମହାରଥୀ, ଅଶୋକ ରାଉତ, ଶରତ ଘୋଷ, ନିରଞ୍ଜନ ପଣ୍ଡା, ନିର୍ମଳ ପଣ୍ଡା, ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ସହ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ସମ୍ପାଦକ ସୁଶାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର ଶେଷାନି, ବୀଣାପାଣି ମିଶ୍ର, ମାଧବାନନ୍ଦ ପଣ୍ଡା, ପ୍ରଣୟ କୁମାର ସିଂ, ଅନନ୍ତ ପରିଡ଼ା, ରାଜେନ୍ଦ୍ର ଚଇନି, କବିରାଜ ବିଶ୍ୱାଳ, ପ୍ରଦିପ୍ତ ପ୍ରଧାନ ଓ ସହ ସମ୍ପାଦକ ଭାବେ ସଚ୍ଚିଦାନନ୍ଦ ପରିଡ଼ା, ବଳଭଦ୍ର ମିଶ୍ର ନିର୍ବାଚିତ ହୋଇଛନ୍ତି ।

## ଶୀତଳ ଷଷ୍ଠୀ ଯାତ୍ରାରେ ଭିଡ଼ ଜମୁଛି

ଭଞ୍ଜନଗର,୬।୬(ଡି.ଏନ.ଏ)

ଚଳିତ ବର୍ଷ ଭଞ୍ଜନଗର ବେଲେଶ୍ୱର ପୀଠ ପରିଚାଳନା କମିଟି ପକ୍ଷରୁ ଶୀତଳ ଷଷ୍ଠୀ ଯାତ୍ରାକୁ ଆଡମ୍ବରରେ ପାଳନ କରାଯାଇଛି। ଦେବ ଦମ୍ପତିଙ୍କ ବିବାହ ପରେ ରବିବାର ସନ୍ଧ୍ୟାରେ ଠାକୁରଙ୍କ ନଗର ପରିକ୍ରମା ହୋଇଥିଲା। ଏହି ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରିଥିଲେ । ପ୍ରଥମ ଥର ପାଇଁ ବେଲେଶ୍ୱର ଯାତ୍ରା କମିଟି ପକ୍ଷରୁ ନଗର ଭ୍ରମଣ କାର୍ଯ୍ୟକ୍ରମ ହୋଇଥିଲା। ଆଗାମୀ ଦିନରେ ଆହୁରି ବଡ଼ଧରଣର କାର୍ଯ୍ୟକ୍ରମ କରିବା ପାଇଁ ବିଡ଼େକା ପକ୍ଷରୁ ଯୋଜନା ଅଛି । ସେହିପରି ଲଣ୍ଡେଇସାହି ରଘୁବୀର ସାଂସ୍କୃତିକ ପରିଷଦ ଏବଂ ଛେଦାଭୂମି ଗ୍ରାମ କମିଟି ପକ୍ଷରୁ ମଧ୍ୟ ଚଳିତ ବର୍ଷ ଧୂମ୍‌ଧାମରେ ଯାତ୍ରା ପାଳିତ ହେଉଛି ।

# ପାଇପ୍ ଫାଟି ରାସ୍ତାରେ ଭାସିଲା ପାଣି

ବ୍ରହ୍ମପୁର ଅଫିସ,୬।୬



ବୋହିଯାଉଥିବା ପରିବାକୁ ସୁରକ୍ଷିତ ଭାବେ ବାହାର କରୁଛନ୍ତି ଜଣେ ମହିଳା ବ୍ୟବସାୟୀ।

ବ୍ରହ୍ମପୁର ବିଜିପୁର ବଜାରଠାରୁ ଷ୍ଟେଶନ ଯିବା ମୁଖ୍ୟ ରାସ୍ତାରେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ପାଇପ ଫାଟି ରାସ୍ତାରେ ପାଣି ସୁଅ ଛୁଟିଥିଲା । ଏକାସାଙ୍ଗେ ୩ ରୁ ୪ ସ୍ଥାନରେ ପାଇପ ଫାଟି ଯିବାରୁ ପ୍ରାୟ ଅଧଘଣ୍ଟା ଧରି ବିଜିପୁର ବଜାର କାନାରା ବ୍ୟାଙ୍କଠାରୁ ନେହେରୁ ପାର୍କ ପର୍ଯ୍ୟନ୍ତ ଏବଂ ଅନ୍ୟପଟେ ସନ୍ତୋଷୀ ମା' ମନ୍ଦିର ପର୍ଯ୍ୟନ୍ତ ପାଣି ସୁଅ ଛୁଟିଥିଲା।

ଫଳରେ ଖୋଲାରେ ପରିବା ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଭାସି ଯାଇଥିଲା। ସ୍ଥାନୀୟ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜଳ ଯୋଗାଣ ବନ୍ଦ କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କଠାରୁ ପ୍ରକାଶ ଯେ, ସୋମବାର ଜାନିବିଲି ପ୍ରକଳ୍ପ ଯୋଜନା କାର୍ଯ୍ୟ ହାତକୁ ନେଇଥିବା ଘରୋଇ କମ୍ପାନୀ ହିଲପାଟଣାରେ ଥିବା ଜଳଯୋଗାଣ କେନ୍ଦ୍ରରୁ ଜାନିବିଲିକୁ ପାଇପରେ ଜଳ ଯୋଗାଣ ନିମନ୍ତ ପ୍ରଥମ ପରୀକ୍ଷା କରାଯାଉଥିବା ସମୟରେ ଏହି ଘଟଣା ଘଟିଥିଲା।

# ଦିବ୍ୟସିଂହପୁର ଶିବ ବିବାହରେ ଭିନ୍ନ ପରମ୍ପରା



ଦେବ ଦମ୍ପତିଙ୍କୁ ଗାଁ ପରିକ୍ରମା କରାଯାଉଛି ।

ଛତ୍ରପୁର,୬।୬(ଡି.ଏନ.ଏ)

ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତ ଦିବ୍ୟସିଂହପୁର ଗାଁରେ ଶିବ ବିବାହ ଏକ ନିଆରା ପରମ୍ପରାରେ ସମ୍ପନ୍ନ ହୋଇଆସୁଛି । ସବୁଠି ଶନିବାର ଶୀତଳ ଷଷ୍ଠୀରେ ଶିବ-ପାର୍ବତୀଙ୍କ ବିବାହ ହୋଇଥିବା ବେଳେ ଦିବ୍ୟସିଂହପୁରରେ ଏହାର ଦିନକ ପରେ ରବିବାର ଉଦୟ ତିଥିରେ ଦେବଦମ୍ପତିଙ୍କ ବିବାହ ହୋଇଛି। ବରପିତା ଭାବେ ରାଧା ଗୋବିନ୍ଦ ତ୍ରିପାଠୀ ଓ କନ୍ୟା ପିତା ଭାବେ ବାସୁଦେବ ମିଶ୍ରଙ୍କ ପୁଅ ସନ୍ତୋଷ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ପୀତାମ୍ବର ଶତପଥୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ସୋମବାର ଭୋରରେ ଦେବ ଦମ୍ପତିଙ୍କ ନଗର ପରିକ୍ରମା କରିଥିଲେ। ବେଦମନ୍ତ୍ର ଧ୍ୱନିରେ ପ୍ରକମ୍ପିତ କାର୍ଯ୍ୟକ୍ରମ ସହ ଗାଁରେ ଦାସକାଠିଆ ପରିବେଷଣ ହୋଇଥିଲା । ଗାଁ କମିଟି ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, ଦୁର୍ଗା ଚରଣ ଶତପଥୀ, ପ୍ରଫୁଲ୍ଲ କୁମାର ଶତପଥୀ, କୈଳାସ ଶତପଥୀ, ଶରତ ଚନ୍ଦ୍ର ଶତପଥୀ, ଦଣ୍ଡପାଣି ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅଲେଖ ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର ଅଫିସ,୬।୬

ବରିଷ୍ଠ ବିଜେଡି ନେତା, ସମବାୟବିତ୍ ଓ ବିସିସି ବ୍ୟାଙ୍କର ପୂର୍ବତନ ସଭାପତି ସ୍ୱର୍ଗତ ଅଲେଖ ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରେଶ୍ୱର ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଶିବ ଶଙ୍କର ସାହାଣୀ, ଭାଜପା ନେତା କାହ୍ନୁ ଚରଣ ପତି, ବିଭୂତି ଜେନାଙ୍କ ସମେତ ବିଭିନ୍ନ ଦଳର ବହୁ ସଂଖ୍ୟକ ନେତା ଓ କର୍ମୀ ଯୋଗଦେଇ ଅଲେଖଙ୍କ ସ୍ମୃତିଚାରଣ କରିଥିଲେ। ସୁରେନ୍ଦ୍ର ମହାରଣାଙ୍କ ସମେତ ଅନେକ ବିଏମ୍‌ସି କର୍ପୋରେଟର ଉପସ୍ଥିତ ଥିଲେ। ମେୟର ସଂଘମିତ୍ରା ଦଳେଇ ଦିବଙ୍ଗତ ନେତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାସୁମନ ଜଣାଇଥିଲେ। ପୁତ୍ରମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ୨୦୨୦ ଜୁନ ୬ରେ ଗୋଷାଣୀନୂଆଗାଁ ବାସଭବନରେ ଆକସ୍ମିକ ବିଦ୍ୟୁତ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାମାଜିକ ଗଣମାଧ୍ୟମ ଓ ଯୁବ ସମାଜ ଶୀର୍ଷକ ସେମିନାର

ବ୍ରହ୍ମପୁର ଅଫିସ,୬।୬



ତାରାତାରିଣୀ ପୀଠରେ ସ୍ୱେଚ୍ଛାସେବୀ ଓ ଅଧିକାରୀ

- ଜାତୀୟ ସଂହତି ଶିବିର
- ସଫେଇ କଲେ ସ୍ୱେଚ୍ଛାସେବୀ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାଲିଥିବା ଜାତୀୟ ସଂହତି ଶିବିର ରବିବାର ତୃତୀୟ ଦିବସ ସନ୍ଧ୍ୟାରେ ଆଞ୍ଚଳିକ ଏନ୍‌ଏସ୍‌ଏସ୍ ନିର୍ଦ୍ଦେଶିକା ସରିତା ପଟେଲଙ୍କ ଅଧ୍ୟକ୍ଷତାରେ ସ୍ୱେଚ୍ଛାସେବୀମାନେ ପୁରୁଷୋତ୍ତମପୁରସ୍ଥିତ ରତ୍ନଗିରି ପର୍ବତାରୋହଣରେ ଯାଇଥିଲେ। ଶିବିରରେ ଅଂଶ ଗ୍ରହଣ କିରଥିବା ସମସ୍ତ ୨୦୦ସ୍ୱେଚ୍ଛାସେବୀ ଏକା ସାଙ୍ଗେ ରତ୍ନଗିରି ପର୍ବତା ରୋହଣ କିରିବା ସହ ଶିଖରରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ତାରାତାରିଣୀଙ୍କ ଦର୍ଶନ ସହ ମନ୍ଦିର ଚତୁଃପାର୍ଶ୍ୱ ପରିବେଶ ସଫେଇ କରିଥିଲେ। ଏହାପରେ ଛତ୍ରପୁର ନିକଟସ୍ଥ ତାମ୍ପରା ହ୍ରଦ ବୁଲି ଦେଖିଥିଲେ। ସୋମବାର ଶିବିରର ଚତୁର୍ଥ ଦିନରେ ସକାଳୁ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ଼.ଧ୍ରୁବ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯୋଗ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ତାରାତାରିଣୀ ଓ ତାମ୍ପରା ହ୍ରଦ ଭ୍ରମଣରେ ଜିଲା ପ୍ରଶାସନ ସ୍ୱେଚ୍ଛାସେବୀଙ୍କୁ ଯିବା ଆସିବା ନିମନ୍ତେ ବସ୍ ଓ ଅନ୍ୟାନ୍ୟ ଆନୁସଙ୍ଗିତ ବ୍ୟବସ୍ଥାରେ ସହଯୋଗ କରିଥିଲେ। ମଧ୍ୟାହ୍ନରେ ସାମଜିକ ଗଣ ମାଧ୍ୟମ ଓ ଯୁବ ସମାଜ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ପୂର୍ବତନ ସହ ନିର୍ଦ୍ଦେଶତ ତଥା ଉପସ୍ଥାପକ ଡ଼.ହୃଷୀକେଶ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇ ମୁଖ୍ୟ ବକ୍ତା ପାଣିଗ୍ରାହୀ ସ୍ୱେଚ୍ଛାସେବୀଙ୍କୁ ସାମାଜିକ ଗଣ ମାଧ୍ୟମର ଉପକାରିତା ଓ ଅପକାରିତା ସମ୍ପର୍କରେ ବୁଝାଇ ଥିଲେ। ଅନ୍ୟତମ ଅତିଥି ଭାବେ ଦେବୀ ପ୍ରସାଦ ପଟ୍ଟାନାୟକ ସ୍ୱେଚ୍ଛାସେବୀଙ୍କୁ ପୋଷାକ ବଣ୍ଟନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଏନ୍‌ଏସ୍‌ଏସ ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଫୁଲବାଣୀ ଏନ୍‌ଏସ୍‌ଏସ ସଂଯୋଜକ ଦୀନବନ୍ଧୁ ପାଣିଗ୍ରାହୀ, ରାୟଗଡ଼ା ଜିଲା ସଂଯୋଜିକା ଅର୍ଚ୍ଚନା ପଟ୍ଟନାୟକ ଓ କୋରାପୁଟ ଜିଲା ସଂଯୋଜକ କିଶୋର ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।